

ଆଇପିଏଲରୁ କୋହଲିଙ୍କ ଆୟ ୨୭.୪୦ କୋଟି

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-338 ◆BHUBANESWAR ◆FRIDAY ◆6 JUNE 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୨ ◆ସଂଖ୍ୟା-୩୩୮ ◆ଭୁବନେଶ୍ୱର ◆ଶୁକ୍ରବାର ◆୬ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

# ପାକିସ୍ତାନର ଗୁଇନ୍ଦା ରାଣୀ 'ମ୍ୟାଡାମ୍ ଏନ୍'

■ ନୂଆଦିଲ୍ଲୀ/ଶ୍ରୀନଗର, ୫।୬ (ଏଜେନ୍ସି): ଭାରତୀୟ ୟୁଟ୍ୟୁବରଙ୍କୁ ନିଜ ଜାଲରେ ଫସାଉଥିଲେ । ପାକିସ୍ତାନ ଗସ୍ତ ଲାଗି ସେମାନଙ୍କ ପାଇଁ ଭିସା ବ୍ୟବସ୍ଥା କରୁଥିଲେ । ଏହାପରେ ପାକିସ୍ତାନ ଲାଗି ଗୁଇନ୍ଦାଗିରି କରିବା ପାଇଁ ସେମାନଙ୍କୁ ନିୟୋଜିତ କରୁଥିଲେ । ଭାରତରେ ଏଭଳି ଜାଲ ବିଛାଇଥିଲେ ପାକିସ୍ତାନର ଜଣେ ମହିଳା ବ୍ୟବସାୟୀ । ସେ ହେଉଛନ୍ତି ନୋସାବା ସେହଜାଦ୍ । ଲାହୋରରେ ସେ ଏକ ଟ୍ରାଭେଲ ଏଜେନ୍ସି ଖୋଲି ତାଙ୍କର ନେଟ୍ୱର୍କ ଚଳାଇଛନ୍ତି । ତାଙ୍କୁ ଏହି କାମରେ ନିୟୋଜିତ କରିଛି ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ । ତାଙ୍କର କୋଡ୍ ନାମ ହେଉଛି 'ମ୍ୟାଡମ୍ ଏନ୍' । ତାଙ୍କ ଜାଲରେ ଫସିଛନ୍ତି ଜ୍ୟୋତି ମଲହୋତ୍ରା ସମେତ



ଭାରତର ଅନେକ ୟୁଟ୍ୟୁବର । ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଥିବା ଅଭିଯୋଗରେ ଗିରଫ ହୋଇଥିବା ଅନେକ ୟୁଟ୍ୟୁବର ପଚରାଉଚରା ବେଳେ ଏଭଳି ବିସ୍ଫୋରକ ତଥ୍ୟ ଉଗାରିଛନ୍ତି । ସାରା ଭାରତରେ ପ୍ରାୟ ୫୦୦ ଏଭଳି ଲୋକ ରହିଛନ୍ତି

## ନେଟ୍ୱର୍କରେ ୟୁଟ୍ୟୁବରଙ୍କ ସମେତ ୫୦୦ ଭାରତୀୟ

ଯେଉଁମାନେ କି ସେହଜାଦଙ୍କ କଥାରେ ପଡ଼ି ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଛନ୍ତି । ତାଙ୍କ ସ୍ୱାମୀ ପାକିସ୍ତାନ ସରକାରରେ ଅଧିକାରୀ ଭାବେ କାମ କରି ଅବସର ନେଇଛନ୍ତି । ପାକିସ୍ତାନୀ ସେନା ଏବଂ ଆଇଏସ୍ଆଇ ପକ୍ଷରୁ ଭାରତରେ କେମିତି ସ୍ଲିପର ସେଲ୍ (ଗୁଇନ୍ଦା) ନେଟ୍ୱର୍କ ଚଳାଇବାକୁ ହେବ, ତା'ର ରଣକୌଶଳ ପାଇଁ ତାଲିମ ପ୍ରଦାନ କରିଛନ୍ତି ।

ଭାରତରେ ପାକିସ୍ତାନ ହାଇକମିସନରେ ସେହଜାଦଙ୍କ ଢେର ପ୍ରଭାବ ରହିଛି । ପାକିସ୍ତାନ ଗସ୍ତ ଲାଗି ଆବଶ୍ୟକ ଭିସା ପାଇବା ବ୍ୟବସ୍ଥାକୁ ସେ ସହଜ କରୁଥିଲେ । ପାକିସ୍ତାନ ଗସ୍ତ ବେଳେ ଭାରତୀୟ ୟୁଟ୍ୟୁବର ଓ ସୋସିଆଲ ମିଡିଆ ଇନଫ୍ଲୁଏନ୍ସରଙ୍କୁ ସେ ନିଜ ଦେଶର ସେନା ଓ ଆଇଏସ୍ଆଇ ଅଧିକାରୀଙ୍କ ସହ ପରିଚିତ କରାଉଥିଲେ । ତାଙ୍କ ଟାର୍ଗେଟରେ ଥିଲେ ହିନ୍ଦୁ ଓ ଶିଖ ସଂପ୍ରଦାୟର ଭାରତୀୟ ନାଗରିକ । ଗତ ୬ ମାସ ମଧ୍ୟରେ ସେହଜାଦ ପ୍ରାୟ ୩ ହଜାର ଭାରତୀୟ ଓ ୧୫୦୦ ଏନ୍ଆରଆଇଙ୍କୁ ପାକିସ୍ତାନ ଗସ୍ତ ▶ପୃଷ୍ଠା-୭

# ବର୍ଷକରେ ବିକାଶ ଯୋଜନ ଦୂର

■ ଭୁବନେଶ୍ୱର, ୫।୬ (ସମିସ): ଆସନ୍ତା ସପ୍ତାହରେ ବିଜେପି ସରକାର ପାଳନ କରିବ କ୍ଷମତାର ବର୍ଷପୂର୍ତ୍ତି । ମାତ୍ର ଏହି ବର୍ଷକ ମଧ୍ୟରେ ଓଡ଼ିଶାର ବିକାଶ ଆଗକୁ ବଢ଼ିବା ପରିବର୍ତ୍ତେ କେଇ ଯୋଜନ ପଛକୁ ଚାଲି ଯାଇଛି । କ୍ଷମତାକୁ ଆସୁଆସୁ ବିଜେପି ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ପୂର୍ବରୁ ପ୍ରଚଳିତ ଲୋକପ୍ରିୟ କାର୍ଯ୍ୟକ୍ରମ 'ଆମ ଓଡ଼ିଶା ନବୀନ ଓଡ଼ିଶା'କୁ ବନ୍ଦ କରିଦେଲେ । ଏହି ଯୋଜନାରେ ପ୍ରତି ପଞ୍ଚାୟତର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବାର୍ଷିକ ୫୦ ଲକ୍ଷ ଟଙ୍କା ଅନୁଦାନକୁ ମଧ୍ୟ ବନ୍ଦ କରି ଦିଆଗଲା । ଏହା ପରିବର୍ତ୍ତେ ରାଜ୍ୟରେ ନୂଆ କରି 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା କରାଯିବ ବୋଲି ଘୋଷଣା ହେଲା । ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏହି ଯୋଜନାରେ ବ୍ୟାପକ ବିକାଶମୂଳକ କାମ କରାଯିବ ବୋଲି କୁହାଗଲା । କ୍ଷମତାକୁ ଆସିବାର ବର୍ଷେ ହେଲାଣି ।

### ଆଣ୍ଠେଇଛି 'ବିକଶିତ ଗାଁ ବିକଶିତ ଓଡ଼ିଶା'




**୯ ମାସ ପରେ ବି ପ୍ରସ୍ତୁତ ହୋଇପାରିଲାନି କାର୍ଯ୍ୟ ଯୋଜନା**

**'ଆମ ଓଡ଼ିଶା ନବୀନ ଓଡ଼ିଶା'ର ନାମ ପରିବର୍ତ୍ତନ କରିଥିଲେ**

ହେଲେ ବିକଶିତ ଗାଁ, ବିକଶିତ ଓଡ଼ିଶାର କାର୍ଯ୍ୟ ଯୋଜନା ବି ପ୍ରସ୍ତୁତ ହୋଇ ପାରିଲା ନାହିଁ । ଗାଁରେ ମାଟି ଗାଣ୍ଡୁଏ ବି ପଡ଼ି ପାରିଲା ନାହିଁ ।

୨୦୨୪ ଅଗଷ୍ଟ ୩ ତାରିଖରୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ଫର୍ମାଟରେ ସମସ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବିଡିଓଙ୍କଠାରୁ ସରକାର ବିକାଶମୂଳକ କାମର ତଥ୍ୟ ଲୋଡ଼ିଲେ, ଏହି ତଥ୍ୟକୁ ଆଧାର କରି ସରକାର କାମ କରିବାକୁ ଯୋଜନା କଲେ । ମାତ୍ର ନିର୍ଦ୍ଦେଶର ୯ ମାସ ପରେ ବି ଏହି ତଥ୍ୟ ସରକାରଙ୍କ ନିକଟରେ ପହଞ୍ଚି ନ ଥିବା ସୂଚନା ମିଳିଛି । ଯେଉଥିପାଇଁ ପୁଣି ପଞ୍ଚାୟତିରାଜ ବିଭାଗ ଏହି ତଥ୍ୟ ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖା ଯାଇଛି ।

'ଆମ ଓଡ଼ିଶା, ନବୀନ ଓଡ଼ିଶା' ବଦଳରେ ବିଜେପି ସରକାରଙ୍କ ପ୍ରଣୀତ 'ବିକଶିତ ଗାଁ, ବିକଶିତ ଓଡ଼ିଶା'ରେ କେବଳ ଗାଁଗୁଡ଼ିକୁ ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ଯୋଜନା କରାଯାଇଥିଲା । ପୂର୍ବ ସରକାର ରାଜ୍ୟର ୬୮୦୦ ପଞ୍ଚାୟତ ପାଇଁ ୫୦ ଲକ୍ଷ ଟଙ୍କା ହିସାବରେ ୩୪୦୦ କୋଟି ଟଙ୍କା ଅନୁଦାନ ଦେଇଥିବା ବେଳେ ବିଜେପି ସରକାର ୨୦୨୫-୨୬ ବର୍ଷ ବଜେଟରେ ବରାଦ କରିଥିବା ଅର୍ଥରୁ ୧ ହଜାର କୋଟିରୁ ୩୦% ବି ଖର୍ଚ୍ଚ କରିପାରି ନାହାନ୍ତି । ସେହିପରି ଏହି ଯୋଜନାରେ ଗାଁରେ ସବୁଦିନିଆ ରାସ୍ତା ନିର୍ମାଣ ଓ ମରାମତି ବାବଦରେ ୩୫ ପ୍ରତିଶତ ଅର୍ଥ ଖର୍ଚ୍ଚ ହେବ ବୋଲି ନିଷ୍ପତ୍ତି ହେଲା । ମାତ୍ର ବର୍ଷେ ବିତିବା ପରେ ବି ଏଥିପାଇଁ ରାସ୍ତା ଚିହ୍ନଟ ହୋଇପାରିଲା ନାହିଁ । ଫଳରେ ଯୋଜନାର କାର୍ଯ୍ୟାନ୍ୱୟନକୁ ନେଇ କେବଳ ପ୍ରଶ୍ନ ଉଠିନାହିଁ, ସରକାରୀସ୍ତରରେ ବିକାଶମୂଳକ କାର୍ଯ୍ୟ ପାଇଁ ▶ପୃଷ୍ଠା-୭

# ଓଡ଼ିଶାରେ 'ପିସି' ସରକାର

## କଂଗ୍ରେସ ନିଆଁରେ ଘିଅ ଢାଳିଲେ ବିଜେପି ନେତା

■ ଭୁବନେଶ୍ୱର, ୫।୬ (ସମିସ): ରାଜ୍ୟରେ 'ପିସି' ସରକାର ଚାଲିଛି । ସବୁ କାମରେ ୩୦ ପ୍ରତିଶତ କମିଶନ (ପିସି) ନିଆଯାଉଛି । ବିନା ପିସିରେ କାମ ମିଳୁନାହିଁ, କାମ ସରିଲେ ବି ପିସି ନ ଦେଲେ ବିଲ୍ ହେଉନାହିଁ । କେଇଦିନ ତଳେ କଂଗ୍ରେସ ଏକ ସାମ୍ବାଦିକ ସମ୍ମିଳନୀରେ କରିଥିବା ଏହି ସାଂଘାତିକ ଅଭିଯୋଗରେ ମୋହର ମାରିଛନ୍ତି ଜଣେ ବିଜେପି ନେତା । ରାଜ୍ୟ ବିଜେପିର ମୁଖପାତ୍ର ତଥା ପୂର୍ବତନ ମନ୍ତ୍ରୀ ସମୀର ଦାଶ ଖୋଲାଖୋଲି ସରକାରଙ୍କ 'ପିସି' ତତ୍ତ୍ୱକୁ ସ୍ୱୀକାର କରିଛନ୍ତି । ସରକାରଙ୍କ ବିରୋଧରେ କଂଗ୍ରେସ ଯେଉଁ ପିସି ନିଆଁ ଜାଳିଥିଲା, ସେଥିରେ ବିଜେପି ନେତା ଘିଅ ଢାଳି ଏହି ଅଭିଯୋଗ ଅସତ୍ୟ ନୁହେଁ ବୋଲି ପରୋକ୍ଷରେ ପ୍ରମାଣିତ କରିଛନ୍ତି । ଖୋଦ୍ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ବାଚନମଣ୍ଡଳୀରେ ଯଦି ଏପରି ଘଟଣା ଘଟୁଛି, ତେବେ ଅନ୍ୟତ୍ର କ'ଣ ହେଉଥିବ ତାହା ସହଜରେ ଅନୁମେୟ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି ।

**ପୂର୍ବ ସରକାର ସମୟରେ କେହି ପିସି ନେଉ ନ ଥିଲେ**

**ବର୍ତ୍ତମାନ ବିନା ପିସିରେ କୌଣସି କାମ ହେଉନାହିଁ**

ରାଜ୍ୟରେ ବିକାଶମୂଳକ କାମ ଏବେ ଅଟକି ଯାଇଛି । କୌଣସି ସ୍ଥାନରେ କିଛି କାମ ହେଉ ନାହିଁ । ଏପରି ସମୟରେ ବିଜେପି ବିଧାୟକ ଜିତିଥିବା ନିର୍ବାଚନମଣ୍ଡଳୀକୁ ସରକାରଙ୍କ ପକ୍ଷରୁ ବିକାଶମୂଳକ କାମ ପାଇଁ ଦିଆଯାଇଥିବା ୨ କୋଟି ଲେଖାଏଁ ଟଙ୍କାକୁ ନେଇ ବିବାଦ ସୃଷ୍ଟି ହୋଇଛି । ବିଭିନ୍ନ ପଞ୍ଚାୟତକୁ ଅର୍ଥ ଆବଣ୍ଟନ ସମୟରେ ଯାବତୀୟ ବାଦବିବାଦ ସୃଷ୍ଟି ହେଉଛି ଓ ଅନୁଦାନ ବଣ୍ଟନରେ ପାତରଅନ୍ତର କରାଯାଇଥିବା ଅଭିଯୋଗ ହୋଇଛି । ▶ପୃଷ୍ଠା-୭

# ଆଜିଠୁ ବଢ଼ିବ ତାତି

■ ଭୁବନେଶ୍ୱର, ୫।୬ (ସମିସ): ରାଜ୍ୟରେ ଆଗକୁ ଆସୁଛି ଭୀଷଣ ତାତି । ବିଶେଷ କରି ୭ତାରିଖରୁ ୧୦ ତାରିଖ ମଧ୍ୟରେ ଭୀଷଣ ତାତି ଅନୁଭବ ହେବ । ଏହି ୩ ଦିନ ମଧ୍ୟରେ ପ୍ରାୟ ୫ ଡିଗ୍ରୀ ତାପମାତ୍ରା ବଢ଼ିବ । ଗୁରୁବାର ତାମିଲନାଡୁ ଓ ଆନ୍ଧ୍ର ପ୍ରଦେଶ ପଟେ ତାପମାତ୍ରା ବୃଦ୍ଧି ଆରମ୍ଭ ହୋଇଛି । ମଦୁରାଇରେ ଆଜି ତାପମାତ୍ରା ୪୦ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ବାକି ସ୍ଥାନଗୁଡ଼ିକରେ



ତାପମାତ୍ରା ୪୦ ଡିଗ୍ରୀ ନିକଟତର ହୋଇଛି । ଆଇଏମ୍ଡି ପକ୍ଷରୁ ଜାରି ବିସ୍ତାରିତ ପରସର ଆକଳନ ରିପୋର୍ଟରେ ମଧ୍ୟ ଦେଶର ବିଭିନ୍ନ ରାଜ୍ୟରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବା ନେଇ ଆକଳନ କରାଯାଇଛି । ତେଣୁ ଆସନ୍ତା ୪ ଦିନ ଯାଏଁ ରାଜ୍ୟବାସୀ ଭୀଷଣ ତାତି ଓ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହେବେ ବୋଲି କୁହାଯାଇଛି । ଆସନ୍ତା ୧୨ ତାରିଖ ମଧ୍ୟରେ ମୌସୁମୀ ନିଷ୍କ୍ରିୟ ରହିବ ବୋଲି ଆଇଏମ୍ଡି ଆକଳନ କରିଛି । ତେଣୁ ୧୨ ତାରିଖ ମଧ୍ୟରେ ଦିନ ବେଳା ଭୀଷଣ ତାତି ସାଙ୍ଗକୁ ▶ପୃଷ୍ଠା-୭

# ମୁଖ୍ୟମନ୍ତ୍ରୀଙ୍କ ଅଫିସ୍ ନାମରେ ବଟି ଆଦାୟ

■ ଭୁବନେଶ୍ୱର, ୫।୬(ସମିସ): 'ମୁଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ କହୁଥିଲି, ଦୁଇ ଲକ୍ଷ ଟଙ୍କା ନଦେଲେ ମାଲକାନଗିରି ପଠାଇଦେବି' । ଏଭଳି ଢଙ୍ଗରେ ଧମକ ଦେଇ ଜଣେ ସରକାରୀ ଅଧିକାରୀଙ୍କଠାରୁ ୨ ଲକ୍ଷ ଟଙ୍କା ଲୁଟି ନେଇଛି ଜଣେ ଧୂର୍ତ୍ତ । ଦୁଇ ଲକ୍ଷ ନେବାପରେ ମଧ୍ୟ ଡରାଇ ଧମକାଇ ଆହୁରି ୫ ଲକ୍ଷ ଟଙ୍କା ମାଗୁଛି ବୋଲି ରାଜଧାନୀର ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିଛନ୍ତି ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ କୁମାର ହରିପାଲ ।

**ବଦଳି ଧମକ ଦେଇ ନେଇଗଲେଣି ୨ ଲକ୍ଷ**

**ଥାନାର ଦ୍ୱାରସ୍ଥ ହେଲେ ଅଧୀକ୍ଷଣ ଯନ୍ତ୍ରୀ**

ପ୍ରତାପ ହରିପାଲ ଅନୁଗୁଳ ରାସ୍ତା ଓ କୋଠାବାଡ଼ି ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି । ପ୍ରାୟ ଏକମାସ ପୂର୍ବେ ଜାନକୀବଲ୍ଲଭ ମହାପାତ୍ର ନାମକ ଜଣେ ବ୍ୟକ୍ତି ତାଙ୍କୁ କଲ୍ କରିଥିଲେ ଓ ନିଜକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ବୋଲି ପରିଚୟ ଦେଇଥିଲା । ତାଙ୍କୁ ମାଲକାନଗିରିକୁ ବଦଳି ହୋଇଛି ଓ ଏହାକୁ ▶ପୃଷ୍ଠା-୭




# ଏନ୍କାଉଣ୍ଟର୍ରେ କୁଖ୍ୟାତ ମାଓନେତା ସୁଧାକର ନିହତ




**ମୁଣ୍ଡ ଲାଗି ଥିଲା ୪୦ ଲକ୍ଷ ପୁରସ୍କାର**

■ ମାଲକାନଗିରି, ୬।୫(ସମିସ): ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଲିସ୍ ଏନ୍କାଉଣ୍ଟର୍ରେ କୁଖ୍ୟାତ ମାଓନେତା ସୁଧାକର ଓରଫ୍ ବାଲକ୍ରିଷ୍ଣା ନିହତ ହୋଇଛି । ସେ ମାଓ ସଙ୍ଗଠନର କେନ୍ଦ୍ରୀୟ କମିଟି ସଦସ୍ୟ ଥିଲା । ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଛତିଶଗଡ଼ ଏବଂ ମହାରାଷ୍ଟ୍ର ଆଦି ୪ ରାଜ୍ୟ ପାଇଁ ସେ ମୋଷ୍ଟୱାଣ୍ଟେଡ୍ ମାଓବାଦୀ ଥିଲା । ତା' ମୁଣ୍ଡ ଉପରେ ବିଭିନ୍ନ ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କାର ପୁରସ୍କାର ରାଶି ରହିଥିବା ବେଳେ କେବଳ ଛତିଶଗଡ଼ ସରକାରଙ୍କ ପକ୍ଷରୁ ୪୦ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ସୁଧାକର ବର୍ତ୍ତମାନ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ମୁଖ୍ୟ ଥିଲା । ସୂଚନାନୁଯାୟୀ, ଛତିଶଗଡ଼ ବିଜାପୁରରେ ଥିବା ▶ପୃଷ୍ଠା-୭



# ଜମ୍ମୁ ଓ କଶ୍ମୀର
# ବିକାଶର ଅୟମାରମ୍ଭ





## ₹୪୪,୦୦୦ କୋଟିର
## ରେଳ ପ୍ରକଳ୍ପ ଉପହାର

### ଉଦ୍‌ଘାଟନ

**ଚେନାବ୍ ସେତୁ**
**(ବିଶ୍ୱର ସର୍ବୋଚ୍ଚ ରେଳ ତୋରଣ ସେତୁ)**

- ୩୫୯ ମିଟର ଉଚ୍ଚତା, ୧୩୧୫ ମିଟର ଦୈର୍ଘ୍ୟ ଓ ୪୬୭ ମିଟର ତୋରଣ ସ୍ପାନ୍
- ଏହି ସେତୁ ଜମ୍ମୁ ଓ କଶ୍ମୀରର ରିଆସି ଜିଲ୍ଲାର କାଉରି ଓ ବକ୍କାଲ୍ ଅଞ୍ଚଳକୁ ସଂଯୋଗ କରିବ

**ଅଞ୍ଜି ସେତୁ**
**(ଭାରତ ପ୍ରଥମ କେବୁଲ୍ ଷ୍ଟେଡ୍ ରେଳ ସେତୁ)**

- ୭୨୫ ମିଟର ଦୈର୍ଘ୍ୟ, ୨୯୦ ମିଟର ମେନ୍ ସ୍ପାନ୍
- ଏହି ବ୍ରିଜ୍ ଜମ୍ମୁ ଓ କଶ୍ମୀରର କଟ୍ରା ଓ ରିଆସି ଜିଲ୍ଲାକୁ ସଂଯୋଗ କରିବ
- ଏକକ ବୃହତ୍ ପାଇଲନ୍ ସହିତ ୯୬ ଟି କେବୁଲ୍ ସଂଯୁକ୍ତ, ୧୯୩ ମିଟର ଉଚ୍ଚ

### ରାଷ୍ଟ୍ରକୁ ସମର୍ପଣ

**ଉଧମପୁର-ଶ୍ରୀନଗର-ବାରାମୁଲା**
**ରେଳ ଲିଙ୍କ ପ୍ରକଳ୍ପ (ୟୁଏସବିଆରଏଲ୍)**

- ବିକଶିତ ସମସ୍ତ ଜଳବାୟୁରେ ରେଳ ସଂଯୋଗ ଯାହା ଜମ୍ମୁ ଓ କଶ୍ମୀରକୁ ଭାରତର ଅବଶିଷ୍ଟ ଭାଗ ସହିତ ସଂଯୋଗ କରିବ,
- ଏହାର ମୋଟ୍ ଦୈର୍ଘ୍ୟ ୨୭୨ କିମି ଓ ଟି-୫୦ (ଭାରତରେ ସବୁଠାରୁ ଦୀର୍ଘ କାର୍ଯ୍ୟକ୍ଷମ ଟନେଲ୍) କୁ ଅନ୍ତର୍ଭୁକ୍ତ କରି ୩୬ ଟି ଟନେଲ୍ ଓ ୯୪୩ ଟି ସେତୁ ରହିଛି।

### ପତାକା ଦେଖାଇ ଶୁଭାରମ୍ଭ

**୨ ବନ୍ଦେ ଭାରତ ଟ୍ରେନ୍**
**ଶ୍ରୀ ମାତା ବୈଷ୍ଣୋଦେବୀ କଟ୍ରା-ଶ୍ରୀନଗର ଓ ଶ୍ରୀନଗର-ଶ୍ରୀ ମାତା ବୈଷ୍ଣୋ ଦେବୀ କଟ୍ରା**

- ଶ୍ରୀନଗରକୁ ପ୍ରଥମ ସେମି ହାଇସ୍ପିଡ୍ ଟ୍ରେନ
- ପର୍ଯ୍ୟଟନ ଓ ଆଞ୍ଚଳିକ ଯୋଗାଯୋଗରେ ବିକାଶ
- ମାତ୍ର ୩ ଘଣ୍ଟା ମଧ୍ୟରେ କଟ୍ରାରୁ ଶ୍ରୀନଗରକୁ ଯାତ୍ରା ସମ୍ଭବ

କରିବେ

# ନରେନ୍ଦ୍ର ମୋଦୀ

## ପ୍ରଧାନମନ୍ତ୍ରୀ

### ସଦୟ ଉପସ୍ଥିତି

**ନିତୀନ ଜୟରାମ ଗଡ଼କରି**
ସଡ଼କ ପରିବହନ ଓ ରାଜପଥ କେନ୍ଦ୍ର ମନ୍ତ୍ରୀ

**ଅଶ୍ୱିନୀ ବୈଷ୍ଣବ**
ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି କେନ୍ଦ୍ର ମନ୍ତ୍ରୀ

**ଡ.ଜିତେନ୍ଦ୍ର ସିଂ**
କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ (ଭାରପ୍ରାପ୍ତ) ବିଜ୍ଞାନ ଓ ପ୍ରଯୁକ୍ତି ଏବଂ ଭୂବିଜ୍ଞାନ ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ, ଆଣବିକ ଶକ୍ତି ବିଭାଗ ଓ ମହାକାଶ ବିଭାଗ ରାଷ୍ଟ୍ରମନ୍ତ୍ରୀ

**ଭି ସୋମାନ୍ନା**
କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ, ରେଳ ଓ ଜଳଶକ୍ତି

**ରବନୀତ ସିଂ**
କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ, ରେଳ ଓ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ

**ମନୋଜ୍ ସିହ୍ନା**
ଜମ୍ମୁ ଓ କଶ୍ମୀର କେନ୍ଦ୍ର ଶାସିତ ଅଞ୍ଚଳର ଲ୍ୟୁଟନାଣ୍ଟ ଗଭର୍ଣ୍ଣର ଅଧ୍ୟକ୍ଷ, ଶ୍ରୀ ମାତା ବୈଷ୍ଣୋଦେବୀ ସ୍ରାଇନ୍ ବୋର୍ଡ

**ଓମାର ଅବଦୁଲ୍ଲା**
ମୁଖ୍ୟମନ୍ତ୍ରୀ, ଜମ୍ମୁ ଓ କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ

**ସୁରିନ୍ଦର କୁମାର ଚୌଧୁରୀ**
ଉପମୁଖ୍ୟମନ୍ତ୍ରୀ ଜମ୍ମୁ ଓ କଶ୍ମୀର କେନ୍ଦ୍ର ଶାସିତ ଅଞ୍ଚଳ

**ଯୁଗଳ କିଶୋର**
ସାଂସଦ (ଲୋକସଭା), ଜମ୍ମୁ

**ଆଗା ସୟଦ୍ ରୁହୁଲ୍ଲା ମେହଦି**
ସାଂସଦ (ଲୋକସଭା) ଶ୍ରୀନଗର

**ଗୁଲାମ ଅଲ୍ଲୀ**
ସାଂସଦ, ରାଜ୍ୟସଭା

ଶୁକ୍ରବାର, ୦୬ ଜୁନ୍, ୨୦୨୫ | ପୂର୍ବାହ୍ନ ୧୧.୦୦ ଘ. | ଶ୍ରୀ ମାତା ବୈଷ୍ଣୋଦେବୀ ସ୍ରାଇନ୍ ବୋର୍ଡ ସ୍ପୋର୍ଟସ କମ୍ପ୍ଲେକ୍ସ, କଟ୍ରା (ଷ୍ଟାଡିୟମ)

# ଭାରତୀୟ ରେଳପଥ

ଡିଡି ନ୍ୟୁଜରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ | www.indianrailways.gov.in | ଆମକୁ ଅନୁସରଣ କରନ୍ତୁ /RailMinIndia

## ନିମାପଡ଼ା ରାଜନୀତି
# ଭାଇନା-ଅପା ମୁହାଁମୁହିଁ



■ ଉଦ୍‌ଘାଟିତ ସବୁ କାମ ୨୦୨୨ ଓ ୨୩ ମସିହାରେ ମଞ୍ଜୁର: ସମୀର
■ ବର୍ଷକରେ କ'ଣ କାମ ହୋଇଛି ତାହା ଲୋକେ କହିବେ: ପ୍ରଭାତୀ

ପୁରୀ,୫।୬(ସମିସ): ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଦଳ ବଦଳ କରିବାର ଅଳ୍ପ କେଇମାସ ପରେ ନିମାପଡ଼ା ବିଜେପିରେ ମୁଣ୍ଡ ଟେକିଥିଲା ଦଳୀୟ କନ୍ଦଳ। ଅପା (ପ୍ରଭାତୀ ପରିଡ଼ା) ଏବଂ ଭାଇନା (ସମୀର ରଞ୍ଜନ ଦାଶ)ଙ୍କ ମଧ୍ୟରେ ବିବାଦ ସୂତ୍ରପାତ ହୋଇଥିଲା। ନିର୍ବାଚନ ସମୟରେ ପ୍ରଭାତୀ ସମୀରଙ୍କ ପ୍ରତି ଯେଉଁ ଆନୁଗତ୍ୟ ଦେଖାଉଥିଲେ ଉପମୁଖ୍ୟମନ୍ତ୍ରୀ ହେବା ପରେ କରଛଡ଼ା ଦେଲେ। ଧୀରେ ଧୀରେ ସେମାନଙ୍କ ଭିତରେ କନ୍ଦଳ ବଢ଼ିଥିଲା; କିନ୍ତୁ ଯଥାସମ୍ଭବ ଉଭୟେ ଏହାକୁ ପରଦା ଆଢୁଆଳରେ ରଖିବାକୁ ଚେଷ୍ଟା କରିଥିଲେ। ହେଲେ ବିଭିନ୍ନ କାର୍ଯ୍ୟକ୍ରମ ସେମାନଙ୍କ ବିବାଦକୁ ପଦାରେ ପକାଇ ଦେଇଥିଲା। ଯଦି କୌଣସି କାର୍ଯ୍ୟକ୍ରମରେ ଦୁଇଜଣ ଅତିଥି ହେଉଥିଲେ ସେଠାକୁ କେବଳ ଜଣେ ହିଁ ଯାଉଥିଲେ। ଏମିତି ବି ଆୟୋଜକଙ୍କୁ ସେ ଆସିଲେ ମୁଁ ଯିବି ନାହିଁ ବୋଲି କହୁଥିଲେ। ନିର୍ବାଚନମଣ୍ଡଳୀରେ କୌଣସି କାର୍ଯ୍ୟକ୍ରମ ହେଉ କିମ୍ବା ରାଲି ସମାନ୍ତରାଳ ଭାବେ ଆୟୋଜନ କରୁଥିଲେ। ହେଲେ ଏବେ ଅପା-ଭାଇନାଙ୍କ କନ୍ଦଳ ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ଆଉ ଶୀତଳ ନୁହେଁ, ଏବେ ସମ୍ମୁଖ ଯୁଦ୍ଧରେ ଦୁହେଁ ଅବତୀର୍ଣ୍ଣ ହେଲେଣି। ବିଜେପିର ବର୍ଷ ପୂର୍ତ୍ତି ଅବସରରେ ପ୍ରଭାତୀଙ୍କ କାର୍ଯ୍ୟଦକ୍ଷତାକୁ ସମାଲୋଚନା କରିଥିଲେ ସମୀର। ଗୁରୁବାର ଏହାର ପାଲଟା ଜବାବ ରଖିଛନ୍ତି ପ୍ରଭାତୀ। ଶାଣିତ ଢଙ୍ଗରେ ସମୀରଙ୍କୁ 'ବଡ଼' କହି ସେ ଦେଇଥିବା ମନ୍ତବ୍ୟ ଭୁଲ୍ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରିଛନ୍ତି।

ବିଜେପିର ବର୍ଷ ପୂର୍ତ୍ତି ଅବସରରେ ବୁଧବାର ନିମାପଡ଼ା ନୂତନ ବାରବାଟୀ ପଡ଼ିଆରେ ପ୍ରଭାତୀ 'ଉତ୍କର୍ଷ ନିମାପଡ଼ା' ପାଳନ କରିଥିବା ବେଳେ ସମୀର କଳାପାଞ୍ଚଣ ପଞ୍ଚାୟତରେ ଏକ ବନ୍ଧୁମିଳନ ଆୟୋଜନ କରିଥିଲେ। ଏହି ଅବସରରେ ସମୀର ନିମାପଡ଼ାର ବିକାଶ ନେଇ ପ୍ରଭାତୀଙ୍କ କାର୍ଯ୍ୟଦକ୍ଷତା ଉପରକୁ ଅଙ୍ଗୁଳି ଉଠାଇବା ସହ ଅସନ୍ତୋଷ ଝାଡ଼ିଥିଲେ। ବର୍ଷେ ପଳାଇଲା ହେଲେ ନିମାପଡ଼ାରେ ମାଟି ମୁଠାଏ ପଡ଼ିଲା ନାହିଁ, ଯାହା ବି ହୋଇଛି ତାହା ପୂର୍ବ ସରକାରଙ୍କ ଅର୍ଥରେ ହୋଇଛି। ଉପମୁଖ୍ୟମନ୍ତ୍ରୀ ଯେଉଁ କାମର ଶୁଭ ଦେଉଛନ୍ତି ସେ ଟଙ୍କା ୨୦୨୨-୨୩ ଓ ୨୦୨୩-୨୪ରେ ମଞ୍ଜୁର ହୋଇଥିଲା। ନୂଆ ଯୋଜନା କି କାମ କିଛି ବି ମଞ୍ଜୁର ହୋଇନି। ଏତଦ୍‌ବ୍ୟତୀତ ନିମାପଡ଼ା ଏବଂ ଗୋପରେ ପିସି କାରବାର ବଢ଼ିଯାଇଛି ବୋଲି ସଙ୍ଗିନ ଅଭିଯୋଗ ଆଣିଥିଲେ ସମୀର।

ଦଳର ବର୍ଷ ପୂର୍ତ୍ତି ଦିନ ସମୀରଙ୍କର ଏହି ବିସ୍ଫୋରକ ବୟାନ ପରେ ନିମାପଡ଼ା ବିଜେପିରେ କମ୍ପନ ସୃଷ୍ଟି ହୋଇଥିଲା। ଦୀର୍ଘଦିନ ଧରି ଅପା-ଭାଇନାଙ୍କ ମଧ୍ୟରେ ଯେଉଁ କେନ୍ଦଳ ଚାଲିଥିଲା ତାହା ପଦାରେ ପଡ଼ିଥିଲା। ତେବେ ସମୀରଙ୍କ ପ୍ରଶ୍ନର ଉତ୍ତର ରଖିଛନ୍ତି ପ୍ରଭାତୀ। ଶାଣିତ ଢଙ୍ଗରେ ସମୀରଙ୍କୁ ଦେଇଛନ୍ତି ପାଲଟା ଜବାବ। ସେ କହିଛନ୍ତି, ପରିବାରରେ ଯେଉଁମାନେ ବଡ଼ ଲୋକ ଥାଆନ୍ତି ସେମାନେ ପିଲାମାନଙ୍କଠାରୁ ଅଧିକ ଆଶା ରଖିଥା'ନ୍ତି। ତେଣୁ ମୁଁ ଭାବୁଛି ଏହା ବିଜେପିକୁ ତୃଣମୂଳସ୍ତରରେ ଆହୁରି ସଶକ୍ତ ଭାବେ କାମ କରିବାକୁ ସୁଯୋଗ ଦେବ। ବର୍ଷକ ଭିତରେ କ'ଣ କାମ ହୋଇଛି ନା ନାହିଁ ସେଇଟା ଲୋକେ କହିବେ। ପିସି କାରବାର ସମ୍ପର୍କରେ ପ୍ରଭାତୀ କହିଥିଲେ, ଏମ୍ଏଲ୍ଏ ଲ୍ୟାଡ୍ ଏବଂ ଏମ୍‌ପି ଲ୍ୟାଡ୍ ଏଇ ଏପ୍ରିଲରେ ଦାଖଲ ହୋଇଥିବ। ମେ' ମାସରେ ବ୍ଲକ୍‌କୁ ଆସିଥିବ। ଜୁନ୍ ମାସ ତ ଆରମ୍ଭ ହେଉଛି। କାମ ତ ଆରମ୍ଭ ହୋଇନାହିଁ। ପିସି କଥା ଉଠୁଛି କୁଆଡୁ ବୋଲି କହି ସମୀରଙ୍କୁ ଭୁଲ୍ ବୋଲି ପରୋକ୍ଷରେ କହିବାକୁ ଚେଷ୍ଟା କରିଛନ୍ତି।

## ଆମ୍ବ ତୋଟାରେ ବ୍ରଜପାତ; ୨ ମୃତ

କଣିହାଁ, ୫।୬(ସମିସ): କଣିହାଁ ବ୍ଲକ୍ ବଜ୍ରକୋଟ ପଞ୍ଚାୟତ ଗୁଣ୍ଡୁରୀ ଗ୍ରାମରେ ଗୁରୁବାର ବଜ୍ରପାତରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ଗ୍ରାମର କାହ୍ନୁଚରଣ ମିଶ୍ର (୬୩) ଓ ଶିବ ନାଏକ (୧୫)। ସେହିପରି ଅନ୍ୟ ଜଣେ ନାବାଳକ ଶୁଭମ ମହାପାତ୍ର (୧୨) ଗୁରୁତର ହୋଇଛନ୍ତି। ତାଙ୍କୁ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ୩ଜଣ ଯାକ ଆଜି ଅପରାହ୍ଣରେ ତୋଟାକୁ ଆମ୍ବ ତୋଳିବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ଘଡ଼ଘଡ଼ି ସହ ବର୍ଷା-ପବନ ହେବାରୁ ସେମାନେ ଏକ ଆମ୍ବ ଗଛମୂଳରେ ଆଶ୍ରୟ ନେଇଥିଲେ। ତେବେ ସେଠାରେ ଗୋଟିଏ ବଜ୍ରପାତ ହେବାରୁ ସମସ୍ତେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ପରୀକ୍ଷାନିରୀକ୍ଷା କରି କାହ୍ନୁଚରଣ ଓ ଶିବଙ୍କୁ ମୃତ ଘୋଷଣା କରିଥିଲେ। କଣିହାଁ ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ୨ଟି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ପାର୍ଲାମେଣ୍ଟରୁ ପ୍ରେମ; ଜର୍ମାନରେ ହାତଗଣ୍ଠି
# ପିନାକୀ-ମହୁଆ ଜୀବନସାଥୀ

ନୂଆଦିଲ୍ଲୀ,୫।୬(ସମିସ): ପଶ୍ଚିମବଙ୍ଗ କୃଷ୍ଣନଗର ସାଂସଦ ତଥା ତୃଣମୂଳ କଂଗ୍ରେସ ନେତ୍ରୀ ମହୁଆ ମଇତ୍ରୋଙ୍କ ହାତ ଧରିଛନ୍ତି ଚାରିଥର ଲୋକସଭା ସାଂସଦ ଓ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ପିନାକୀ ମିଶ୍ର । ଜର୍ମାନୀର ବର୍ଲିନ୍ ସହରରେ ଅଳ୍ପ କିଛି ନିକଟ ସମ୍ପର୍କୀୟଙ୍କ ଉପସ୍ଥିତିରେ ସେମାନେ ବିବାହ କରିଥିବା



ସୂଚନା ମିଳିଛି । ମହୁଆ ମଇତ୍ରୋଙ୍କ ଘନିଷ୍ଠ କୁହାଯାଉଥିବା ତୃଣମୂଳ ନେତ୍ରୀ ସାୟୋନୀ ଘୋଷ ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ଏକ ଫଟୋ ପୋଷ୍ଟ କରି ଉଭୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ମହୁଆ ମଧ୍ୟ ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ଏକ ଫଟୋ ପୋଷ୍ଟ କରି ଏହି ଚର୍ଚ୍ଚା ସତ୍ୟ ବୋଲି ପ୍ରମାଣିତ କରିଛନ୍ତି ।

ଦୀର୍ଘବର୍ଷ ତଳେ କଂଗ୍ରେସରେ ଥିବାବେଳେ ସେମାନଙ୍କ ମଧ୍ୟରେ ପରିଚୟ ହୋଇଥିଲା ଓ ୨୦୧୯ରେ ମହୁଆ ସଂସଦକୁ ନିର୍ବାଚିତ ହେବା ପରେ ଏହି ପରିଚୟ ପ୍ରେମରେ ପରିଣତ ହୋଇଥିଲା। ଏପରିକି 'ଟଙ୍କା ପାଇଁ ପ୍ରଶ୍ନ' ବିବାଦରେ ଛନ୍ଦି ହୋଇଥିବା ମହୁଆ ଅସମୟରେ ପଡ଼ିଥିବାବେଳେ ପିନାକୀ ତାଙ୍କ ସହ ଠିଆ ହୋଇଥିଲେ। ସୂଚନା ଅନୁସାରେ ଉଭୟ ବିବାହ ନିମନ୍ତେ ବହୁଦିନ ପୂର୍ବରୁ ନିଷ୍ପତ୍ତି ନେଇଥିଲେ ମହୁଆଙ୍କ ବିରୋଧରେ ମାମଲା ପରେ ଏହା ସ୍ଥଗିତ ରହିଥିଲା। ଦୁବାଇର ବ୍ୟବସାୟୀ ଦର୍ଶନ ହିରାନନ୍ଦାନିଙ୍କୁ ଲୋକସଭା ସଦସ୍ୟଙ୍କ ୟୁଜରନେମ୍ ଏବଂ ପାସୱାର୍ଡ ଦେଇଥିବା ଅଭିଯୋଗରେ ମହୁଆ ଅଭିଯୁକ୍ତ ହୋଇଥିଲେ। ଏପରିକି ହିରାନନ୍ଦାନି ଏକ ସତ୍ୟପାଠରେ ଦାବି କରିଥିଲେ ଯେ ପିନାକୀ ଏବଂ ମହୁଆ ନିକଟତର ଥିଲେ ବୋଲି ଉଲ୍ଲେଖ କରିଥିଲେ। ସେହିପରି ଲୋକସଭାରୁ ବହିଷ୍କାର ହେବା ପରେ ଯେତେବେଳେ ମହୁଆଙ୍କୁ ବଙ୍ଗଳା ଖାଲି କରିବାକୁ କୁହାଯାଇଥିଲା, ପିନାକୀ ଏହା ବିରୋଧରେ ଅଦାଲତର ଦ୍ୱାରସ୍ଥ ହୋଇଥିଲେ।

୧୯୯୬ ମସିହାରେ କଂଗ୍ରେସ ଟିକେଟରେ ପ୍ରଥମ ଥର ପାଇଁ ସାଂସଦ ହୋଇଥିବା ପିନାକୀ ମିଶ୍ର ୨୦୦୯, ୨୦୧୪ ଓ ୨୦୧୯ରେ ବିଜେଡି ଟିକଟରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ।

### ମାଳାବଦଳ ପରେ କାଟିଲେ କେକ୍

ପିନାକୀଙ୍କ ପ୍ରଥମ ବିବାହ ୧୯୮୪ ମସିହାରେ ସଙ୍ଗୀତା ମିଶ୍ରଙ୍କ ସହିତ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଉଭୟ ଅଲଗା ରହୁଥିବା ସୂଚନା ମିଳିଥିଲା। ସେମାନଙ୍କ ମଧ୍ୟରେ କେବେ ଛାଡ଼ପତ୍ର ହେଲା ତାହା ଏଯାଏ ସ୍ପଷ୍ଟ ନୁହେଁ। ପିନାକୀଙ୍କ ଘନିଷ୍ଠତମ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପିନାକୀ ଏବଂ ସଙ୍ଗୀତା ଏବେ ବି ତିନୋଟି କମ୍ପାନୀରେ ନିର୍ଦ୍ଦେଶକ ଅଛନ୍ତି। ଓସନ୍ ଗ୍ରାଣ୍ଡ ରିସର୍ଟସ୍ ଆଣ୍ଡ ହୋଟେଲ୍ ପ୍ରାଇଭେଟ୍ ଲିମିଟେଡ୍, ଜୁପିଟର୍ ଇଷ୍ଟେଟ୍ସ ପ୍ରାଇଭେଟ୍ ଲିମିଟେଡ୍ ଏବଂ ହ୍ୱାଇଟ୍ ଲିଲି ଇଷ୍ଟେଟ୍ସ ପ୍ରାଇଭେଟ୍ ଲିମିଟେଡ୍ ନାମକ କମ୍ପାନୀରେ ପିନାକୀ ଏବଂ ସଙ୍ଗୀତା ନିର୍ଦ୍ଦେଶକ ଅଛନ୍ତି।

ଅନ୍ୟପକ୍ଷରେ ମହୁଆ ମୋଇତ୍ରୋ ନ୍ୟୁୟର୍କ ଏବଂ ଲଣ୍ଡନରେ ଜେପି ମୋର୍ଗାନ୍ କମ୍ପାନୀରେ ଉଚ୍ଚ ପଦରେ କାର୍ଯ୍ୟ କରିଛନ୍ତି। ସେ ଡେନମାର୍କର ଜଣେ ଫାଇନାନ୍ସର ଲାର୍ସ ଭି ବୋରୋସନଙ୍କୁ ବିବାହ କରିଥିଲେ ଓ ପରେ ସେମାନଙ୍କର ବିବାହ ବିଚ୍ଛେଦ ହୋଇଛି। ୨୦୦୮ ମସିହାରେ ସେ ଚାକିରି ଛାଡି ଭାରତ ଫେରିଆସି ଯୁବ କଂଗ୍ରେସରେ ଯୋଗ ଦେଇଥିଲେ ଓ ଦୁଇ ବର୍ଷ ପରେ ଟିଏମ୍‌ସିରେ ସାମିଲ ହୋଇଥିଲେ। ୨୦୧୬ ରେ ପ୍ରଥମ ଥର ପାଇଁ କରିମ୍‌ନଗର ଆସନରୁ ବିଧାନସଭା ନିର୍ବାଚନ ଲଢ଼ିଥିଲେ ଏବଂ ୨୦୧୯ ଓ ୨୦୨୪ରେ କୃଷ୍ଣନଗର ଲୋକସଭା କ୍ଷେତ୍ରର ଟିଏମ୍‌ସି ପ୍ରାର୍ଥୀ ଭାବରେ ସଂସଦକୁ ନିର୍ବାଚିତ ହୋଇଛନ୍ତି ।

# ୬୫୦୦ କେଜି ବିସ୍ଫୋରକ ଜବତ

ଭବାନୀପାଟଣା/ଜୟପାଟଣା, ୫।୬(ସମିସ): ସଶସ୍ତ୍ର ମାଓବାଦୀମାନେ ସୁନ୍ଦରଗଡ଼ ଜିଲ୍ଲାରେ ୫ଟନ୍‌ରୁ ଊର୍ଦ୍ଧ୍ୱ ବିସ୍ଫୋରକ ଲୁଟିନେବା ଘଟଣାକୁ ଦିନ କେଇଟା ପୂରି ନଥିବା ବେଳେ କଳାହାଣ୍ଡି ଜିଲ୍ଲାରୁ ଆଜି ଏକାବେଳକେ ୬୫୦୦ କେଜି ବିସ୍ଫୋରକ ସହ ୧୧୫ଟି ଡିଟୋନେଟର୍ ଜବତ ହେବା ଘଟଣା ରାଜ୍ୟବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିଛି। ବେଆଇନ ଭାବେ ଦୁଇଟି ଗାଡ଼ିରେ ଚାଲାଣ ହେଉଥିବା ବେଳେ ଖଣି ବିଭାଗ ଓ ପୁଲିସ୍ ମିଳିତ ଚଢ଼ଉ କରି



ଜୟପାଟଣା ଥାନା ଅଧୀନ ଲାଖବହାଲି ଜଗନ୍ନାଥ କ୍ରସରରୁ ଏହି ବିସ୍ଫୋରକ ଜବତ କରିଛି। ଜବତ ବିସ୍ଫୋରକ ମଧ୍ୟରେ ୭୫୦ମିଟର ୧୧୫ଟି ଡିଟୋନେଟର୍ ସହ ୩୦୦ ଏମଏମ ଲମ୍ବ ଓ ୮୩ ଏମଏମ ମୋଟା ବିଶିଷ୍ଟ କାଟ୍ରିଜ୍ ରହିଛି। ଏହାର ଓଜନ ୬୫୦୦ କେଜି ବୋଲି ଜଣାପଡ଼ିଛି। ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ, ଜଗନ୍ନାଥ କ୍ରସର୍‌ର ସୁପରଭାଇଜର୍ ଜଗନ୍ନାଥ ତିୱାରୀ, ଟ୍ରକ୍ ଚାଳକ ରଞ୍ଜନ କ୍ଷିତି, ପିକ୍-ଅପ୍ ଚାଳକ ଧର୍ମୁ ପୋଡ଼ ଓ ବ୍ଲାଷ୍ଟର୍ ଅରୁଣ କୁମାର। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏନେଇ ଜୟପାଟଣା ଥାନାରେ ଏକ ମାମଲା ରୁଜୁ ହୋଇଛି।

ବିନା କୌଣସି ଅନୁମତି କିମ୍ବା ସଂରକ୍ଷଣ ପାଇଁ ବୈଧ ଲାଇସେନ୍ସ ନ ଥିବା ଉକ୍ତ ବିସ୍ଫୋରକ କଳିଙ୍ଗ ଆଣ୍ଡ କୋ ଆଲିସାନ ଲାଇଫ୍ ଷ୍ଟାଇଲ କମ୍ପାନୀର ମାଲିକ ଅନୁପ କୁମାର ଅଗ୍ରୱାଲ ଯୋଗାଣ କରିଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହା ବିସ୍ଫୋରକ ସାମଗ୍ରୀର ସଂରକ୍ଷଣ ଓ ପରିବହନ ନିୟମକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ ବୋଲି କୁହାଯାଉଛି। ଲାଖବାହାଲି ପଥର ଖଣି ମାଲିକ ଜନାର୍ଦ୍ଦନ ପଣ୍ଡାଙ୍କ ଖଣି ଅଞ୍ଚଳରେ ବିସ୍ଫୋରକ ସାମଗ୍ରୀ ବୋଝେଇ ୨ଟି ଗାଡ଼ି ଥିବା ବେଳେ ପଥର ଖଣି ସୁପଭାଇଜର ଜଗନ୍ନାଥ ତିୱାରି ଗାଡ଼ିକୁ ରଖିବାକୁ ଦେଇଥିଲେ ବୋଲି ପୁଲିସ୍ ଏକ ପ୍ରେସ୍‌ବାର୍ତ୍ତାରେ ସୂଚନା ଦେଇଛି। ତେବେ ସେ କିପରି ଏତେ ପରିମାଣରେ ବିସ୍ଫୋରକ ପରିବହନ କରୁଥିଲେ ଓ ଏହା କେଉଁଠିକୁ ଯାଉଥିଲା, ତାହା ପୁଲିସ ତଦନ୍ତ କରୁଛି। ସେହିପରି ବିସ୍ଫୋରକ ସାମଗ୍ରୀ ଦିନ ସମୟରେ ପରିବହନ ପାଇଁ ନିୟମ ଥିବା ବେଳେ ସନ୍ଧ୍ୟା ସମୟରେ କିପରି ଏହା ପରିବହନ ହେଉଥିଲା, ତାକୁ ନେଇ ପ୍ରଶ୍ନ ଉଠିଛି।

ଉଲ୍ଲେଖଯୋଗ୍ୟ, ଜୟପାଟଣାର ଯେଉଁ ଅଞ୍ଚଳରୁ ଏହା ଜବତ କରାଯାଇଛି, ତାହା ଜଙ୍ଗଲକୁ ଲାଗି ରହିଛି। ଏହା କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାର ସୀମାନ୍ତ ଅଞ୍ଚଳ। ପାଖରେ ବହୁମୁଖୀ ଇନ୍ଦ୍ରାବତୀ ଡ୍ୟାମ, ଇନ୍ଦ୍ରାବତୀ ପ୍ରକଳ୍ପ, ମଙ୍ଗଳପୁର ବ୍ୟାରେଜ, ମେଗା ପାନୀୟ ଜଳ ପ୍ରକଳ୍ପ, ସ୍କୁଲ, କଲେଜ ଇତ୍ୟାଦି ରହିଛି। ଏହା ଅସାମାଜିକ ବ୍ୟକ୍ତିର ହାତରେ ପଡ଼ିଥିଲେ, କ'ଣ ହୋଇଥା'ନ୍ତା ବୋଲି ପ୍ରଶ୍ନ ଉଠିଛି। ଜିଲ୍ଲା ଖଣି ବିଭାଗ ଜୁନିୟର ଖଣି ଅଧିକାରୀ ପ୍ରଶାନ୍ତ କର ଓ ଜୟପାଟଣା ଥାନା ଅଧିକାରୀ ମମତା ହେମ୍ବ୍ରମ, ସବ୍-ଇନ୍ସପେକ୍ଟର ବିନୟ କୁମାର ବାରା ତଦନ୍ତ ଆରମ୍ଭ କରିଛନ୍ତି।

## ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜରେ ରୋଗୀ ମୃତ୍ୟୁ ଘଟଣା
# ବିଧାୟକ-କଂଗ୍ରେସ କର୍ମୀ ଧସ୍ତାଧସ୍ତି

କୋରାପୁଟ, ୫।୬ (ସମିସ): କୋରାପୁଟ ସହିଦ ଲକ୍ଷ୍ମଣ ନାୟକ(ଏସ୍ଏଲ୍ଏନ୍) ମେଡିକାଲ କଲେଜ ଓ ହସ୍‌ପିଟାଲରେ ସ୍ୱଳ୍ପ ସମୟ ବ୍ୟବଧାନରେ ୬ ରୋଗୀଙ୍କ ମୃତ୍ୟୁ ଘଟଣାକୁ କେନ୍ଦ୍ର କରି ଆଜି ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଆଜି ଘଟଣାର ଅନୁଧ୍ୟାନ କରିବାକୁ ମେଡିକାଲ ଗସ୍ତରେ ଆସିଥିବା ବେଳେ କଂଗ୍ରେସ କର୍ମୀମାନେ ତାଙ୍କୁ ତୀବ୍ର ବିରୋଧ କରିଛନ୍ତି। ଏପରିକି, ସ୍ଥାନୀୟ ବିଧାୟକ ରଘୁରାମ ମାଛ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ଭଳି ଅପ୍ରୀତିକର ପରିସ୍ଥିତି ଉପୁଜିଛି।

ଅପରପକ୍ଷେ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଘଟଣାର ତଦନ୍ତ ଚାଲିଛି। ଭୁଲ୍ ଚିକିତ୍ସା ସ୍ପଷ୍ଟ ହେଲେ, ଦୋଷୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଆଜି ଜିଲ୍ଲାପାଳ ଭି କୀର୍ତ୍ତି ଭାସନ୍, ଏସ୍‌ପି ରୋହିତ ବର୍ମାଙ୍କ ସହ ହସ୍ପିଟାଲ ପରିଦର୍ଶନ କରିଥିଲେ। ତେବେ ଏହାକୁ ନେଇ ସେଠାରେ ଉପସ୍ଥିତ କଂଗ୍ରେସ କର୍ମୀମାନେ ପ୍ରଶ୍ନ ଉଠାଇଥିଲେ। ସେମାନେ କହିଥିଲେ ଯେ ମନ୍ତ୍ରୀ ମାତ୍ର ୫ ମିନିଟ୍‌ରେ ଏମିତି କ'ଣ ଅନୁଧ୍ୟାନ କଲେ? ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କଲେ ନା ଖାଲି ବୁଲିବାକୁ ଆସିଥିଲେ ବୋଲି କଂଗ୍ରେସ ପ୍ରଶ୍ନ କରିଥିଲା।

କଂଗ୍ରେସ ବିଧାୟକ ଦଳ ନେତା ତଥା ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ନିମାଇଁ ସରକାର, ପିସିସି ସମ୍ପାଦକ ରୂପକ ତୁରୁକ, ପୂର୍ବତନ ପୌରାଧ୍ୟକ୍ଷ ଭଗବାନ ବାହିନୀପତି, ସାଂସଦ ପ୍ରତିନିଧି ବାବୁଲା



ବେନିଆ, କଂଗ୍ରେସ ନେତା ରମେଶ ବାକ୍ଷିଆ, ଭବାନୀ ଶଙ୍କର ମିଶ୍ର ପ୍ରମୁଖ ଶତାଧିକ କର୍ମୀଙ୍କ ସହ ମନ୍ତ୍ରୀଙ୍କୁ ବିରୋଧ କରିଥିଲେ। ମନ୍ତ୍ରୀଙ୍କୁ ବିରୋଧ ସମୟରେ କୋରାପୁଟ ବିଧାୟକ ରଘୁରାମ ମାଛ ଏବଂ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏନେଇ ପୂର୍ବତନ ବିଧାୟକ ନିମାଇଁ ସରକାର ଅଭିଯୋଗ କରିଛନ୍ତି ଯେ କଂଗ୍ରେସ କର୍ମୀମାନଙ୍କୁ ବିଧାୟକ ଧକ୍କା ମାରିଛନ୍ତି। ସେମାନେ ମନ୍ତ୍ରୀଙ୍କୁ ଭେଟି କୋରାପୁଟ ମେଡ଼ିକାଲ କଲେଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବାକୁ ଚାହୁଥିଲେ। କିନ୍ତୁ ସ୍ଥାନୀୟ ବିଧାୟକ ଏହାକୁ ବିରୋଧ କରିଥିଲେ ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି। ସେହିପରି ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ରୂପକ ତୁରୁକ ପ୍ରଶ୍ନ କରିଛନ୍ତି ଯେ ମନ୍ତ୍ରୀ ଆଇସିୟୁ ବିଭାଗକୁ ଯାଇ କ'ଣ ସ୍ଥିତି ଅଛି ଦେଖିବା କଥା। କିନ୍ତୁ ମନ୍ତ୍ରୀ ସେଠାକୁ

■ ମନ୍ତ୍ରୀଙ୍କ ଗସ୍ତକୁ କଂଗ୍ରେସର ଜୋର୍‌ଦାର୍ ବିରୋଧ
■ ତଦନ୍ତ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ
■ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

ନଯାଇ କ'ଣ ଦେଖିବାକୁ ଆସିଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ, ଏହି ଘଟଣାକୁ ନେଇ ମାନବାଧିକାର କର୍ମୀ ଜୟନ୍ତ ଦାଶ ଜାତୀୟ ମାନାବାଧିକାର ଆୟୋଗ(ଏନ୍ଏଚ୍ଆରସିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଘଟଣାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଟିମ୍‌କୁ ଦାୟିତ୍ୱ ଦିଆଯିବା ସହ ଏନ୍ଏଚ୍ଆରସି ଟିମ୍ ମେଡ଼ିକାଲ ପରିଦର୍ଶନ କରିବାକୁ ସେ ଦାବି କରିଛନ୍ତି। ଏହାସହ, ସମସ୍ତ ମେଡ଼ିକାଲ ଷ୍ଟାଫ୍‌ଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ, ମୃତକଙ୍କ ପରିବାରକୁ ୩୦ଲକ୍ଷ କ୍ଷତିପୂରଣ ଦେବାକୁ ସରକାରଙ୍କ ନିର୍ଦ୍ଦେଶ ଦେବା ପାଇଁ ସେ ଅଭିଯୋଗରେ ଦର୍ଶାଇଛନ୍ତି।

### ୫ ଜଣିଆ କମିଟିର ତଦନ୍ତ ଆରମ୍ଭ

୬ ରୋଗୀ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ଡିଏମଇଟିଙ୍କ ଦ୍ୱାରା ନିଯୁକ୍ତ ଟିମ୍ ବୁଧବାର ରାତିରେ କୋରାପୁଟ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ହସ୍‌ପିଟାଲ ଅଧୀକ୍ଷକ ପ୍ରଫେସର୍ ସୁଶାନ୍ତ କୁମାର ସାହୁଙ୍କଠାରୁ ମିଳିଥିବା ସୂଚନାନୁସାରେ, ବ୍ରହ୍ମପୁର ଭେଷଜ ମହାବିଦ୍ୟାଳୟର ଆନାସ୍ଥିସିଆ ବିଶେଷଜ୍ଞ ପ୍ରଫେସର୍ ଏଚ୍.କେ ଦଳେଇ, ସର୍ଜରୀ ବିଶେଷଜ୍ଞ ସହକାରୀ ପ୍ରଫେସର୍ ଡାକ୍ତର ଆଇ. ଗୋପାଳ, ମେଡିସିନ୍ ସ୍ପେସିଆଲିଷ୍ଟ ପ୍ରଫେସର୍ ଡାକ୍ତର ସଚ୍ଚିଦାନନ୍ଦ ନାୟକ, କଟକ ବଡ଼ ମେଡ଼ିକାଲର ସର୍ଜରୀ ବିଶେଷଜ୍ଞ ପ୍ରଫେସର ଏଚ୍.କେ. ମାଝୀ ଏବଂ ସହକାରୀ ପ୍ରଫେସର ଡାକ୍ତର ବି.ସ୍ୱାଗତ କୁମାର ସୁବୁଦ୍ଧି ବୁଧବାର ରାତିରେ ପହଞ୍ଚି ତଦନ୍ତ କରିଛନ୍ତି। ତଦନ୍ତକାରୀ ଡାକ୍ତର ଟିମ୍ ଆଇସିୟୁ ଏବଂ ସର୍ଜରୀ ୱାର୍ଡ ଯାଇ ମୃତ ରୋଗୀମାନଙ୍କୁ ଦିଆ ଯାଇଥିବା ଔଷଧ, ଇଞ୍ଜେକସନ ଯାଞ୍ଚ କରିବା ସହ ସେତେବେଳେ ଡ୍ୟୁଟିରେ ଥିବା ଡାକ୍ତର ଓ ଷ୍ଟାଫ୍‌ନର୍ସମାନଙ୍କୁ ପଚରା ଉଚରା କରିଛନ୍ତି।

## ହତ୍ୟାର ହଟ୍‌ସ୍ପଟ୍ ଗଞ୍ଜାମ
# ୨୪ ଘଣ୍ଟାରେ ଗଡ଼ିଲା ଆଉ ୨ ମୁଣ୍ଡ

କୋଦଳା/ଜଗନ୍ନାଥପ୍ରସାଦ, ୫।୬ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଦିନିକିଆ ଗଞ୍ଜାମ ଗସ୍ତରେ ଆସିବା ପୂର୍ବରୁ ଜିଲ୍ଲାରେ ଦୁଇ ଦୁଇଟି ବୀଭତ୍ସ ହତ୍ୟାକାଣ୍ଡ ପୁଲିସ୍ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। କୋଦଳା ଥାନା ନାୟିକାଣୀପଲ୍ଲିରେ ନାତିର ଠେଙ୍ଗାମାଡ଼ରେ ଜେଜେମା'ଙ୍କ ମୃତ୍ୟୁ ଘଟିଥିବା ବେଳେ ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ ଜମିବାଡ଼ି ବିବାଦରୁ ରାସ୍ତା ଉପରେ ଶାଳୀକୁ ହାଣି ହତ୍ୟା କରିଛି ଭିଣୋଇ।

ସୂଚନାନୁଯାୟୀ, ନାୟିକାଣୀପଲ୍ଲି ମାଗୁରା ସାହିରେ ଚିତ୍ରସେନ୍ ସ୍ୱାଇଁ, ସ୍ତ୍ରୀ ସୁମତି ଏବଂ ତାଙ୍କର ପୁଅ-ଝିଅ ରହନ୍ତି। ଚିତ୍ରସେନ୍ ପ୍ରାୟ ସମୟରେ ପାଗଳଙ୍କ ଭଳି ବ୍ୟବହାର କରି ବିଭିନ୍ନପ୍ରକାର ଅଘଟଣ ଘଟାଉଥିଲେ। ବାହାର ଲୋକଙ୍କୁ ମାରଧର କରିବା ସହ ଗାଡ଼ି, ସାଇକଲ ଆଦି ଭଙ୍ଗାରୁଜା କରିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲା। କିଛି ଦିନ ତଳେ ପୁଲିସ ତାଙ୍କୁ ଅଟକ ମଧ୍ୟ ରଖିଥିଲା। ତେବେ ବୁଧବାର ରାତି ପ୍ରାୟ ୧୧ଟାରେ ସେ ହଠାତ୍ ସୁମତିଙ୍କୁ ଏକ କାଠଫାଳିଆରେ ଆକ୍ରମଣ କରିଥିଲେ। ସୁମତି କୌଶଳକ୍ରମେ ବାହାରକୁ ପଳାଇ ଆସିଥିଲେ ହେଁ ପୁଅ-ଝିଅ ଘର ଭିତରେ ରହିଯାଇଥିଲେ। ତେଣୁ ପିଲାଦ୍ୱୟଙ୍କୁ ଆଣିବା ପାଇଁ ଜେଜେମା' ଅନି ସ୍ୱାଇଁ (୮୫)ଙ୍କୁ ସୁମତି ଘର ଭିତରକୁ ପଠାଇଥିଲେ। ଏହି ସମୟରେ ରାଗରେ ଥିବା ପାଗଳପ୍ରାୟ ଚିତ୍ରସେନ ଜେଜେମା'ଙ୍କୁ ବି ଛାଡ଼ିନଥିଲା। କାଠଫାଳିଆରେ ପିଟିପିଟି ଆଣି ରାସ୍ତା ଉପରେ ପକାଇ ଦେଇଥିଲା। ପାଟି ଶୁଣି ତାଙ୍କ ବଡ଼ବାପା ଦିବାନ ସ୍ୱାଇଁ ଏବଂ ବଡ଼ମା' ସୁରି ସ୍ୱାଇଁ ପହଞ୍ଚି ମା'କୁ ବଞ୍ଚାଇବାକୁ ଚେଷ୍ଟା କରିବାରୁ ତାଙ୍କୁ ମଧ୍ୟ ଚିତ୍ରସେନ ଆକ୍ରମଣ କରିଥିଲା। ଗାଁ ଲୋକ ଏହା ଦେଖୁଥିଲେ ହେଁ ପାଖକୁ ଯିବାକ କେହି ସାହସ ଜୁଟାଇ ପାରିନଥିଲେ। ଚିତ୍ରସେନ୍ ଚାଲିଯିବା ପରେ ଏକ ଆମ୍ବୁଲାନ୍ସରେ ଅନି ଓ ଦିବାନଙ୍କୁ କୋଦଳା ମେଡିକାଲରେ

■ ନାତିର କାଠଫାଳିଆ ମାଡ଼ରେ ଜେଜେ ମା' ମୃତ
■ ରାସ୍ତାରେ ହାଣିଲା ଭିଣୋଇ, ଶାଳୀ ମୃତ
■ ମୁଖ୍ୟମନ୍ତ୍ରୀ ଆସିବା ପୂର୍ବରୁ ହତ୍ୟାକାଣ୍ଡ; ପୁଲିସ୍‌ର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ





ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ଅନିଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯକ୍ତ ଚିତ୍ରସେନକୁ ଅଟକ ରଖି ପଚରାଉଚରା କରୁଛି।

ସେହିଭଳି ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ ଜମିବାଡ଼ି ବିବାଦରୁ ଶାଳୀକୁ ଅତି ନୃଶଂସ ଭାବେ ହାଣି ହତ୍ୟା କରିଛି ଭିଣୋଇ। ମୃତକ ହେଲେ, ଜଗନ୍ନାଥପ୍ରସାଦ ଥାନା ଚଢ଼ିଆପଲ୍ଲୀ ଗ୍ରାମ ବଉଳସାହିର ଗଦାଧର ତ୍ରିପାଠୀଙ୍କ ଝିଅ ବିଜୟଲକ୍ଷ୍ମୀ ତ୍ରିପାଠୀ(୪୦)। ସେ ଜଣେ ଆଶାକର୍ମୀ। ଏକ ଧାରୁଆ ଅସ୍ତ୍ରରେ ଭିଣୋଇ ରାମଚନ୍ଦ୍ର ତ୍ରିପାଠୀ (୫୦) ତାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିବା ପରେ ଜଗନ୍ନାଥପ୍ରସାଦ ଥାନାରେ ଆତ୍ମସମର୍ପଣ କରିଛି। ପୁଲିସ୍ ରାମଚନ୍ଦ୍ର ଏବଂ ତାଙ୍କ ପତ୍ନୀଙ୍କୁ ଅଟକ ରଖି ପଚାରାଉଚରା କରୁଛି।

ସୂଚନାନୁସାରେ, ଗଦାଧରଙ୍କ ଝିଅ ବିନୋଦିନୀଙ୍କୁ ବିବାହ କରିବା ପରେ ରାମଚନ୍ଦ୍ର ଘରଜ୍ୱାଇଁ ଭାବେ ରହୁଥିଲେ। ଗଦାଧରଙ୍କ ମୃତ୍ୟୁ ପରେ ସମ୍ପତ୍ତି ଭଗବଣ୍ଟାକୁ ନେଇ ରାମଚନ୍ଦ୍ର ଓ ଶାଳୀ ବିଜୟଲକ୍ଷ୍ମୀଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଏହାକୁ ନେଇ ଦୀର୍ଘବର୍ଷ ହେବ କୋର୍ଟରେ ମକଦ୍ଦମା ଲାଗି ରହିଥିଲା। ତେବେ ବିବାଦୀୟ ଜାଗାରେ ଘର ତିଆରି ପାଇଁ ବୁଧବାର ଦିନ ରାମଚନ୍ଦ୍ର ପଥର ପକାଇବାରୁ ବିଜୟାଲକ୍ଷ୍ମୀଙ୍କ ସହ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ରାମଚନ୍ଦ୍ର ଧରିଥିବା ଏକ ଧାରୁଆ ଅସ୍ତ୍ରରେ ବିଜୟଲକ୍ଷ୍ମୀଙ୍କୁ ଚୋଟ ପରେ ଚୋଟ ପକାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଥିବା ତଦନ୍ତକାରୀ ଅଧିକାରୀ ବଂଶୀଧର ମଲ୍ଲିକ ସୂଚନା ଦେଇଛନ୍ତି। ଅପରାହ୍ନରେ ଛତ୍ରପୁରରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ଛାନଭିନ ଜାରି ରଖିଥିଲେ।

ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀ ରମ୍ଭା, ଛତ୍ରପୁର ଓ ବ୍ରହ୍ମପୁରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଜିଲ୍ଲାରେ ଏହି ଦୁଇ ଦୁଇଟି ହତ୍ୟାକାଣ୍ଡ ପୁଲିସ୍‌ର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖାଲି ଏହି ୨ଟି ଘଟଣା ନୁହେଁ, ଜିଲ୍ଲାରେ ପ୍ରତି କିଛିଦିନ ଅନ୍ତରାଳରେ ହତ୍ୟାକାଣ୍ଡରେ କାହାର ନା କାହାର ମୁଣ୍ଡ ଗଡୁଛି। ୨ ଦିନ ତଳେ ଜଣେ ଜେଲ୍‌ଫେରନ୍ତା ଯୁବକଙ୍କୁ କିଛି ଦୁର୍ବୃତ୍ତ ଅତି ଅମାନବୀୟ ଭାବେ ଅପହରଣ କରି ହତ୍ୟା କରିଥିଲେ। କହିବାକୁ ଗଲେ, ବର୍ତ୍ତମାନ ଗଞ୍ଜାମ ପୂରା ରାଜ୍ୟରେ 'ହତ୍ୟାକାଣ୍ଡ'ର ହଟ୍‌ସ୍ପଟ୍ ପାଲଟିଛି।

# ଲାଞ୍ଚ ନେଇ ସେକ୍ସନ୍ ଅଫିସର୍ ଗିରଫ

ପୁରୀ, ୫।୬(ସମିସ): ପୁରୀ ଉପଖଣ୍ଡ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟରେ କାର୍ଯ୍ୟରତ ସେକ୍ସନ ଅଫିସର୍ ମନୋଜ ମହାନ୍ତିଙ୍କୁ ଭିଜିଲାନ୍ସ ଗିରଫ କରିଛି। ୯ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଧରିଛି। ନିମାପଡ଼ା ରେଞ୍ଜର ଅଭିଯୋଗକାରୀ ଏବଂ ଅନ୍ୟ ପାଞ୍ଚଜଣଙ୍କ ବିଦ୍ୟୁତ୍ ଚାଳିତ ଗାଡ଼ିର ସୁବିଧା କରାଇବା ପାଇଁ ସେକ୍ସନ ଅଫିସର୍ ବିଳମ୍ବ କରାଉଥିଲେ। ଏଥିଲାଗି ସେ ୯ହଜାର ଟଙ୍କା ଦାବି କରିଥିଲେ। ଏନେଇ ଅଭିଯୋଗକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। ପୂର୍ବ ଯୋଜନା ଅନୁଯାୟୀ, ଗୁରୁବାର ଶ୍ରୀ ମହାନ୍ତି ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଭିଜିଲାନ୍ସ କାବୁ କରିଥିଲା। ଶ୍ରୀ ମହାନ୍ତିଙ୍କଠାରୁ ୯ ହଜାର ଟଙ୍କା ଜବତ କରାଯାଇଛି। ଅନ୍ୟପଟେ ତାଙ୍କ ଆବାସିକ ଘର କଟକ ବୟାଳିଶମୌଜା, ମାହାଙ୍ଗାସ୍ଥିତ ପୈତୃକ ବାସଭବନ ଏବଂ ଅଫିସ୍‌ରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଭିଜିଲାନ୍ସ ତାଙ୍କ ବିରୋଧରେ ଏକେ ମାମଲା ରୁଜୁ କରିଛି।

# କଟିବ ୨୦ଲକ୍ଷ ହିତାଧିକାରୀଙ୍କ ରାସନ କାର୍ଡ

ଭୁବନେଶ୍ୱର, ୫।୬(ସମିସ): ଦୀର୍ଘ ୮ ମାସ ଧରି ଚାଲୁଥିବା ଇ-କେୱାଇସି ଏହି ମାସରେ ଶେଷ ହେବ। ହେଲେ ଏବେ ବି ୨୦ଲକ୍ଷରୁ ଅଧିକ ହିତାଧିକାରୀ ଇ-କେୱାଇସି କରିନାହାନ୍ତି। ତେଣୁ ଏହି ମାସ ଶେଷ ସୁଦ୍ଧା ଯେଉଁ ହିତାଧିକାରୀ ନିଜର ଇ-କେୱାଇସି ଶେଷ କରିବେନି, ସେମାନଙ୍କର ରାସନ କାର୍ଡ କଟିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେଣୁ ଚଳିତ ମାସ ଶେଷ ସୁଦ୍ଧା ଯେଉଁ ହିତାଧିକାରୀ ଇ-କେୱାଇସି ପ୍ରକ୍ରିୟା ଶେଷ କରିବେ ନାହିଁ, ସେମାନଙ୍କ ରାସନ କାର୍ଡ ବାତିଲ ହେବ। ପ୍ରାୟ ୨୦ ଲକ୍ଷ ହିତାଧିକାରୀ ଏଥିରୁ ବାଦ ପଡ଼ିବାର ସମ୍ଭାବନା ରହିଛି। ଗତ ୧୩ ବର୍ଷ ଧରି ନୂଆ ରାସନ କାର୍ଡ ଜାରି ହୋଇନାହିଁ। ନୂଆ ସରକାର ଗଠନ ପରେ ୧୭ ଲକ୍ଷ ନୂଆ ଆବେଦନ ଆସିଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି।

## ଅଂଶୁଘାତ କକ୍ଷରେ ତାଲା, ବାରଣ୍ଡାରେ ଚିକିତ୍ସା ଘଟଣା

# ଅଂଶୁଘାତ ଚିକିତ୍ସା କକ୍ଷ କାର୍ଯ୍ୟକ୍ଷମ ନିର୍ଦ୍ଦେଶ

ବାହାନଗା, ୫।୬ (ସମିସ)

ବାଲେଶ୍ୱର ଜିଲ୍ଲା ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ଅଂଶୁଘାତ ଚିକିତ୍ସା କକ୍ଷରେ ତାଲା ପଡ଼ିବା ଏବଂ ବାରଣ୍ଡାରେ ଅଂଶୁଘାତ ଚିକିତ୍ସା କରାଯିବା ନେଇ 'ସକାଳ'ରେ ଖବର ପ୍ରସାରଣ ପରେ ଆକ୍ସନ ମୋଡକୁ ଆସିଛି ଜିଲ୍ଲା ପ୍ରଶାସନ। ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଖବର ପ୍ରସାରଣର କିଛି ଘଣ୍ଟା ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ସହ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ସମସ୍ତ ଚିକିତ୍ସାଳୟରେ ଅଂଶୁଘାତ ଚିକିତ୍ସା କକ୍ଷ ସକାଳ ଠାରୁ କାର୍ଯ୍ୟକ୍ଷମ ସହ ଖୋଲା ରଖିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ବୁଧବାର ଜଣେ ୧୩ ବର୍ଷୀୟା ନାବାଳିକା ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକେ ପାଖାପାଖି ୧୧.୩୦ ସମୟରେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ଏହି ସମୟରେ ଜରୁରୀକାଳୀନ ଡ୍ୟୁଟିରେ ଥିବା ଡାକ୍ତର ଡ୍ୟୁଟି ରୁମରେ ରହିନଥିବା ବେଳେ ଏକ ମିଟିଂରେ ଯୋଗ ଦେଇଥିଲେ। ଏମିତି କି ଅଂଶୁଘାତ ଚିକିତ୍ସା କକ୍ଷରେ ତାଲା ପଡ଼ିଥିଲା। ମେଡିକାଲ ବାରଣ୍ଡାରେ ଅସୁସ୍ଥ ନାବାଳିକା ଜଣକ ଶୋଇ ରହିଥିବା ବେଳେ ଦୀର୍ଘ ସମୟ ପରେ ଡାକ୍ତର ତାରାକାନ୍ତ ପାତ୍ର ଆସି ମେଡିକାଲ ବାରଣ୍ଡାରେ ଚିକିତ୍ସା କରିଥିଲେ। ସରକାର ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମେଡିକାଲ ପରିସରରେ ଶୀତତାପ ନିୟନ୍ତ୍ରିତ ଥିବା ଅଂଶୁଘାତ ଚିକିତ୍ସା କକ୍ଷର ବ୍ୟବସ୍ଥା କରିଛନ୍ତି। ଗ୍ରୀଷ୍ମ ପ୍ରବାହ ଦ୍ୱାରା ଅଂଶୁଘାତରୁ ବର୍ତ୍ତିବା ପାଇଁ ମେଡିକାଲର ଏହି କକ୍ଷ ସର୍ବଦା ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ରହିଥିଲା। ହେଲେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକଙ୍କ ସୁରକ୍ଷା ତଥା ସ୍ୱାସ୍ଥ୍ୟସେବାର ଧଜିଆ ଉଡାଇଥିଲେ ମେଡିକାଲ କର୍ତ୍ତୃପକ୍ଷ। ସରକାରୀ ନିୟମକୁ 'ଫୁ' କରି ଅଂଶୁଘାତ ଚିକିତ୍ସା କକ୍ଷରେ ତାଲା ଝୁଲାଇ ମେଡିକାଲ ବାରଣ୍ଡାରେ ଚିକିତ୍ସା ଆରମ୍ଭ କରାଇଥିଲେ,



**'ସକାଳ' ପ୍ରଭାବ**

ଯାହା ସ୍ୱାସ୍ଥ୍ୟ ସେବା ପ୍ରତି ଗୋପାଳପୁର ମେଡିକାଲ କର୍ତ୍ତୃପକ୍ଷ କେତେ ସଜାଗ ତାହା ସାମ୍ନାକୁ ଆସିଥିଲା। ଏମିତି କି ମେଡିକାଲରେ କାର୍ଯ୍ୟରତ କର୍ମଚାରୀଙ୍କ ସମେତ ମେଡିକାଲ ସୁପରିଟେଣ୍ଡେଣ୍ଟ ଧୀରେଶ ଚନ୍ଦ୍ର ଷଡ଼ଙ୍ଗୀ ଅଂଶୁଘାତ ଚିକିତ୍ସା କକ୍ଷକୁ କୁକୁର ପଶି ଯାଉଥିବାରୁ ତାଲା ପଡୁଥିବାର ଅଜବ ଉତ୍ତର ରଖିଥିଲେ। ଏ ନେଇ ଗୁରୁବାର 'ଅଂଶୁଘାତ କକ୍ଷରେ ତାଲା, ବାରଣ୍ଡାରେ ହେଉଛି ଚିକିତ୍ସା' ଶୀର୍ଷକ ଖବର 'ସକାଳ' ଖବର କାଗଜରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ କିଛି ଘଣ୍ଟା ମଧ୍ୟରେ ତତ୍ପରତା ଦେଖାଇଥିଲା ଜିଲ୍ଲା ପ୍ରଶାସନ। ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଘଟଣାକୁ ଗୁରୁତ୍ୱର ଭାବେ ନେଇଥିଲେ। ପରେ ତତ୍‌କ୍ଷଣାତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଆକ୍ସନ ମୋଡକୁ ଆସି ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ସହ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସମସ୍ତ ସରକାରୀ ଚିକିତ୍ସାଳୟରେ ଅଂଶୁଘାତ ଚିକିତ୍ସା କକ୍ଷ କାର୍ଯ୍ୟକ୍ଷମ ରଖିବା ସହ ଖୋଲା ରଖିବାକୁ ଚିଠି ନମ୍ବର ୮୮୫୩ ମୂଳେ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଅନ୍ୟପଟେ କାର୍ଯ୍ୟରେ ଅବହେଳା କରି ଅଂଶୁଘାତ ଚିକିତ୍ସା କକ୍ଷରେ ତାଲା ପଡ଼ିବା ଘଟଣାରେ ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

## ଡିଆରଏମ୍‌ଙ୍କୁ ଦେବସେନାର ଦାବିପତ୍ର




ରାଜଘାଟ, ୫।୬ (ସମିସ): ରେଳବାଇ ଜାଗାରେ ଦୀର୍ଘ ବର୍ଷ ଧରି ଅବାଧ ଭାବରେ ରହୁଥିବା ବାଂଲାଦେଶୀଙ୍କୁ ହଟାଇବା ପାଇଁ ବସ୍ତା ଦେବସେନା ସଂଗଠନ ଦାବି କରିଛି।

ବସ୍ତା ଦେବସେନା ସଂଗଠନ ତରଫରୁ ଆଜି ଡିଆରଏମଙ୍କ ଉଦ୍ଦେଶ୍ୟରେ ବସ୍ତା ରେଳବାଇ ଷ୍ଟେସନ ମାଷ୍ଟରଙ୍କୁ ଏକ ଦାବିପତ୍ର ଦିଆଯାଇଛି। ବସ୍ତା ବଜାର ତାରିଣୀ ଛକ ଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ବସ୍ତା ରେଳବାଇ ଷ୍ଟେସନକୁ ଯାଇ ଏହି ଦାବିପତ୍ର ଦିଆଗଲା। ଉକ୍ତ ଶୋଭାଯାତ୍ରା ଦେବସେନା ଜିଲ୍ଲା ସଭାପତି ଶଙ୍କର ଜେନାଙ୍କ ତତ୍ତ୍ୱାବଧାନରେ ଓ ବସ୍ତାର ନୂତନ ଭାବରେ ନିଯୁକ୍ତ ହୋଇଥିବା ମହାସଚିବ ସୁଶାନ୍ତ ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଗଠନର ଜିଲ୍ଲା ଆଇ ଟି ସେଲ୍‌ର ଅଧକ୍ଷ ଭାବରେ ବାବୁ ପାଣି, ବସ୍ତା ବ୍ଲକ ସଭାପତି ଅନ୍ତର୍ଯ୍ୟାମୀ ରାଉଳ, ଉପଦେଷ୍ଟା କୁମୁଦ ରଞ୍ଜନ ଗିରି, ରମେଶ ସାହୁ, ମାନୁ ମାଝୀ, କାର୍ତ୍ତିକ ଚନ୍ଦ୍ର ସାହୁ, ବିପିନ୍ ବିହାରୀ ଦତ୍ତ, ପ୍ରମୋଦ ପାତ୍ର, ଗିରିଜା ଶଙ୍କର ପାତ୍ର, ଶେଖର ଦଳେଇଙ୍କ ସମେତ ବହୁ ଦେବ ସୈନିକ ଉପସ୍ଥିତ ଥିଲେ।



ଗୁରୁବାର ବିଶ୍ୱ ପରିବେଶ ଦିବସ ଅବସରରେ ଜଳେଶ୍ୱରର ବାଲୁକାଶିଳ୍ପୀ ଅଜୟ କୁମାର ଘୋଷଙ୍କ ବାଲୁକା କଳାରେ ସଚେତନତା ବାର୍ତ୍ତା

## ଗରଡ଼ିହି ପଞ୍ଚାୟତରେ ଜନ ସଚେତନତା କାର୍ଯ୍ୟକ୍ରମ

ନୀଳଗିରି, ୫।୬ (ସମିସ): ନୀଳଗିରି ସ୍ଥିତ ଡିଭାଇନ ଏଜୁକେଶନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଆଜି ବିଶ୍ୱ ପରିବେଶ ଦିବସ ଉପଲକ୍ଷେ କୁଲଡ଼ିହା ଅଭୟାରଣ୍ୟ ଅନ୍ତର୍ଭୁକ୍ତ ସିଆଡ଼ିମାଳ ଗ୍ରାମ ଗରଡ଼ିହି ପଞ୍ଚାୟତରେ ପରିବେଶ ସୁରକ୍ଷା ସଚେତନ ତଥା ଆମ ପରିବାର ନିଶାମୁକ୍ତ ପରିବାର ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସଭାପତି ଥିଲେ ଟ୍ରଷ୍ଟର ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ପରେଶ ପୁହାଣ। କୁଲଡିହା ବନବିଭାଗ ଅନ୍ତର୍ଗତ ବନବିଭାଗ ଦୁଷ୍ମନ୍ତ କୁମାର ଜେନା (ବାଲିଛୁଆ ବନବିଭାଗ), ସୌମ୍ୟରଞ୍ଜନ ମାଝୀ (କୁଲଡିଆ ବନବିଭାଗ), ସରସ୍ୱତୀ ମୁର୍ମୁ (ଚେକମରା ବନବିଭାଗ) ଅଧିକାରୀ ଏବଂ ଗ୍ରାମ କମିଟି ସମ୍ପାଦକ କହ୍ନେଇ ସିଂ, ସଭାପତି ସୁବାସ ଚନ୍ଦ୍ର ସିଂ, ଯୁବ ପ୍ରତିଭା ନିରଞ୍ଜନ ସିଂ, ଡିଭାଇନ ଟ୍ରଷ୍ଟ ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର, ଟ୍ରଷ୍ଟର ସଦସ୍ୟ ଯୋଗଦାନ କରିଥିଲେ। ପଶୁ ଶିକାର କରିବା ନାହିଁ, ପକ୍ଷୀ ହତ୍ୟା କରିବା ନାହିଁ, ଜଙ୍ଗଲରେ



ନିଆଁ ଲଗାଇବା ନାହିଁ, ଗଛ କାଟିବା ନାହିଁ, ଜଙ୍ଗଲକୁ ନିଜର ମା ପରି ବଞ୍ଚେଇବା, ନିଶାରୁ ମୁକ୍ତି ଓ ପଲିଥିନର ସମସ୍ୟା ଉପରେ ଆଲୋକପାତ କରାଯାଇ ଥିଲା। ଏଥିରେ ଟ୍ରଷ୍ଟର କର୍ମୀ ଅଜୟ ସିଂ କ୍ରିଷ୍ଣା ପଲେଇ, ଶ୍ରବଣ ମଢେଇ, ପରେଶ୍ ପୁହାଣ, ସୁବ୍ରତ ଜେନା, କୌଶିକ ଦାସ, ବିକାଶ ଦେଶ୍ୱରୀ ସାମିଲ୍ ହୋଇଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଟ୍ରଷ୍ଟର ସହକର୍ମୀ କ୍ରିଷ୍ଣା ପଲେଇ। ପରିଶେଷରେ ଡିଭାଇନ ଚାରିଟେବୁଲ ଟ୍ରଷ୍ଟ ଓ ଗ୍ରାମ୍ୟ ଅଞ୍ଚଳର କମିଟି ତରଫରୁ ଭବିଷ୍ୟତରେ ଏଠାରେ ଅନେକ ଗଛ ଲଗା ଯିବାର ଶପଥ ଗ୍ରହଣ କରାଯାଇଛି।

## 'କନ୍‌ହେଇ କଥା ପୁରସ୍କାର' ଘୋଷଣା

ବାଲେଶ୍ୱର, ୫।୬ (ସମିସ): ସରୋଜ ବଳଙ୍କୁ ଚଳିତ ବର୍ଷ 'କନହେଇ କଥା ପୁରସ୍କାର ୨୦୨୫' ପ୍ରଦାନ କରାଯିବ। ଓଡ଼ିଆ କଥାସାହିତ୍ୟର ପ୍ରତିଭାବାନ ଗାଳ୍ପିକ ସ୍ୱର୍ଗତ କନହେଇଲାଲ ଦାସଙ୍କ ସ୍ମୃତିରେ ଏହି ପୁରସ୍କାର ପ୍ରତି ବର୍ଷ ୫୦ ବର୍ଷ ବୟସ ସୀମାରେ ଜଣେ ଯୋଗ୍ୟ ଗାଳ୍ପିକଙ୍କୁ ପ୍ରଦାନ କରାଯାଇଥାଏ। ବାଲେଶ୍ୱର ସର୍କିଟ ହାଉସରେ ଆଜି ଏ ଉପଲକ୍ଷେ କନହେଇଲାଲ ଦାସ ସ୍ମୃତି ସଂସଦ ପକ୍ଷରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପୁରସ୍କାର ବିଜେତାଙ୍କ



ନାମ ଘୋଷଣା କରାଯିବା ସହ ସମାରୋହ ପାଳନ ବିଷୟରେ ଆଲୋଚନା କରାଯାଇଥିଲା। ଗାଳ୍ପିକ ତଥା ସ୍ମୃତି ସଂସଦର ଆବାହକ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରିଥିଲେ ସଂସଦର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର। ପ୍ରାରମ୍ଭରେ ସଂସଦର କାର୍ଯ୍ୟକାରୀ ସଭାପତି ତଥା ପୁରସ୍କାର କମିଟି ମୁଖ୍ୟ କୃଷ୍ଣ କୁମାର ମହାନ୍ତି ପୁରସ୍କାର ପାଇଁ ସମ୍ଭାବ୍ୟ ନାମ ତାଲିକା ପ୍ରକାଶ କରଥିଲେ। ପରେ ସର୍ବସମ୍ମତି କ୍ରମେ ସରୋଜ ବଳଙ୍କୁ ଏହି ପୁରସ୍କାର ଲାଗି ମନୋନୀତ କରା ଯାଇଥିଲା। ପରେ ପରେ ବିଧାୟକ ଭାବେ ଏକ ବର୍ଷ ପୂରଣ କରୁଥିବାରୁ ଗୌତମବୁଦ୍ଧ ଦାସଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ସଂସଦର ସମ୍ପାଦକ ଉତ୍ପଳ ମହାନ୍ତି ଚଳିତ ବର୍ଷ ଭୁବନେଶ୍ୱରଠାରେ ଆୟୋଜିତ ହେବାକୁ ଥିବା ଜୟନ୍ତୀ ସମାରୋହର ରୂପରେଖ ସମ୍ପର୍କରେ ଆଲୋଚନା କରିଥିବା ବେଳେ ସମାରୋହ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ଭବନରେ ଜୁନ୍ ୨୫ ତାରିଖ ସନ୍ଧ୍ୟା ୬ଟାରେ ହେବାକୁ ସ୍ଥିର କରାଯାଇଥିବା ବିଷୟରେ ସୂଚନା ଦେଇଥିଲେ। ଏହି ସମାରୋହ ଓଡ଼ିଶା ସାହିତ୍ୟ ଏକାଡେମୀ ସହଭାଗିତାରେ କରାଯିବାକୁ ଏକାଡେମୀ ପକ୍ଷରୁ ସଚିବ ଚନ୍ଦ୍ରଶେଖର ହୋତା ସମ୍ମତି ପ୍ରଦାନ କରିଛନ୍ତି। ଏହି ଅବସରରେ କନହେଇ କଥା ପୁରସ୍କାର ବିଜେତା ସରୋଜ ବଳଙ୍କୁ ମାନପତ୍ର, ଉତ୍ତରୀୟ ଓ ଉପଢୌକନ ସହ ୧୦ହଜାର ପୁରସ୍କାର ରାଶି ପ୍ରଦାନ କରାଯିବ। ଆଜିର ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ନିବାରଣ ଜେନା, ବ୍ୟୋମନାଥ ରଥ, ଯାଦବେଶ ମିଶ୍ର, ଅଭୟ ଦାସ, ରାମନାରାୟଣ ଦେ, ସ୍ମୃତି ଦାସ, ଶୁଭେନ୍ଦୁ ଦାସ, ରାଜେଶ ଗିରି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ମଡର୍ଣ୍ଣ ପବ୍ଲିକ ସ୍କୁଲରେ ବିଶ୍ୱ ପରିବେଶ ଦିବସ ପାଳିତ

ବାଲେଶ୍ୱର, ୫।୬ (ସମିସ): ମେଘଡମ୍ବରୁସ୍ଥିତ ମଡର୍ଣ୍ଣ ପବ୍ଲିକ ସ୍କୁଲରେ ବିଶ୍ୱ ପରିବେଶ ଦିବସ ପାଳିତହୋଇଯାଇଛି। ବିଦ୍ୟାଳୟରଅଧ୍ୟକ୍ଷାପ୍ରଜ୍ଞାପରିମିତାପୃଷ୍ଟିଙ୍କଆବାହକତ୍ୱରେଏହିକାର୍ଯ୍ୟକ୍ରମ ଅନୁଷ୍ଠିତହୋଇଥିଲା। ବିଦ୍ୟାଳୟରସାଧାରଣସମ୍ପାଦକଶଶୀଭୂଷଣମିଶ୍ରଉପସ୍ଥିତରହିକାର୍ଯ୍ୟକ୍ରମ ଶୁଭାରମ୍ଭକରିଥିଲେ। ଏହିଅବସରରେବିଦ୍ୟାଳୟରଅଧ୍ୟକ୍ଷା, ଉପାଧ୍ୟକ୍ଷା, ଶିକ୍ଷକ, ଶିକ୍ଷୟିତ୍ରୀମାନେ ଚାରାରୋପଣ କରିଥିଲେ। ଶିକ୍ଷୟିତ୍ରୀ ମିତାଲି ଗିରି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର



ନୀଳଗିରି, ୫।୬ (ସମିସ): ନୀଳଗିରି ଗସ୍ତରେ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ଆସି ନିଳଗିରି ଏନ୍‌ଏସିର ୫ନମ୍ବର ୱାର୍ଡ ସ୍ଥିତ ଫାୟାର ଅଫିସ ପଡ଼ିଆରେ ଆୟୋଜିତ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଉଦଘାଟନ କରିଛନ୍ତି। ଏହି ଅବସରରେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ରେମୁଣା ବିଧାୟକ ଗୋବିନ୍ଦ ଦାସ, ଜିଲ୍ଲା ବିଜେପି ସଭାପତି ଈଶ୍ୱର ବେହେରା, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ, ବିଜେପି କର୍ମୀ ଉପସ୍ଥିତ ଥିଲେ।

## ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଦୁଇଦିନିଆ ବାଲେଶ୍ୱର ଗସ୍ତ

ବାଲେଶ୍ୱର, ୫।୬ (ସମିସ): ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଦୁଇଦିନିଆ ବାଲେଶ୍ୱର ଗସ୍ତରେ ଆସି ଆଜି ଚାନ୍ଦିପୁର ସମୁଦ୍ର ବେଳାଭୂମିରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ ମୁକ୍ତ ନିମନ୍ତେ ସ୍ୱଚ୍ଛ ଭାରତ ଅଭିଯାନ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପରେ ମନ୍ତ୍ରୀ ରସଲପୁର ଗସ୍ତପଥରେ ବାଲେଶ୍ୱର ପୋଲିସ ହାଇ ସ୍କୁଲ ପରିସରରେ ବିଶ୍ୱ ପରିବେଶ ଦିବସ ପାଳନ ପରିପ୍ରେକ୍ଷୀରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରସଲପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ କୁଶୁଡ଼ିହା ଠାରେ ଆୟୋଜିତ ସଭାରେ ଯୋଗ ଦେଇ ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ଉଦ୍‌ଘାଟନ ଓ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ପୌରୋହିତ୍ୟ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୌଭାଗ୍ୟ କୁମାର ଦାସ ଧନ୍ୟବାଦ ଦେଇଥିଲେ। ପରେ ପରେ ମନ୍ତ୍ରୀ ଶ୍ରୀ ନାଏକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଡିଟୋରିମରେ ବିଭିନ୍ନ ବିଭାଗର କାର୍ଯ୍ୟକାରୀ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟ ଏବଂ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରି ଧାର୍ଯ୍ୟ ସମୟ ଅବଧି ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ବାଲେଶ୍ୱର ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ ପରିଚାଳନା କରିଥିଲେ। ଏଥିରେ ବସ୍ତା ବିଧାୟିକା ସୁବାସିନୀ ଜେନା, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ସୋର ବିଧାୟକ ମାଧବ ଧଡାଙ୍କ ସମେତ ଜିଲାର ସମସ୍ତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ( ସାଧାରଣ) ସୁଧାକର ନାୟକ ଧନ୍ୟବାଦ୍ ଦେଇଥିଲେ।




## ପ୍ରଧାନଶିକ୍ଷକ ବଳରାମ ଜେନାଙ୍କ ସ୍ମୃତିସଭା




ଚନ୍ଦନେଶ୍ୱର, ୫।୬ (ସମିସ): ଆଦର୍ଶ ପ୍ରଧାନ ଶିକ୍ଷକ ବଳରାମ ଜେନା ଥିଲେ ମଣିଷ ତିଆରି କାରଖାନାର ସୁଦକ୍ଷ ବିନ୍ଧାଣୀ। ଦୀର୍ଘ ୩୩ ବର୍ଷ ଧରି ନାଇଦୋଳି ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରି ବହୁ ମେଧାବୀ ଛାତ୍ର ସୃଷ୍ଟି କରିବା ସହିତ ସେମାନଙ୍କ ଭବିଷ୍ୟତ ଗଠନ କରିବାରେ ସକ୍ରିୟ ଭୂମିକା ତୁଲାଇ ପାରି ଥିଲେ ବୋଲି ଗୁରୁବାର ତାଙ୍କ ଏକାଦଶାହରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଭୋଗରାଇର ଗୁନାଇବସାଣ ପଞ୍ଚାୟତ ଅଧୀନ ଚୌକିସ୍ଥିତ ସ୍ୱର୍ଗତ ଜେନାଙ୍କ ବାସ ଭବନରେ ଆୟୋଜିତ ସଭାକୁ ଦକ୍ଷିଣ ଭୋଗରାଇ ଓଷ୍ଟାର ପ୍ରାକ୍ତନ ସଭାପତି ଶ୍ରୀନିବାସ ପ୍ରଧାନ ପୌରୋହିତ୍ୟ କରିଥିଲେ। ଏଥିରେ ଓଷ୍ଟାର ସଭାପତି ମହେଶ୍ୱର ଗିରି, ସମ୍ପାଦକ ଶାଶ୍ୱତ କୁମାର ଜେନା, ପ୍ରାକ୍ତନ ସମ୍ପାଦକ ନଟରଞ୍ଜନ ଘଡ଼ାଇ, ସମାଜସେବୀ ଭୁବନାନନ୍ଦ ଦାସ, ଫାର୍ମାସିଷ୍ଟ ଇଞ୍ଜି କିଶୋର ଜେନା, ପ୍ରଧାନ ଶିକ୍ଷକ ପଙ୍କଜ ପଣ୍ଡା, ଶିକ୍ଷକ ଧନଞ୍ଜୟ ପାତ୍ର, ମନରଞ୍ଜନ ଦାସ, କେଦାର ଦାସ, ଦେବ ଶଙ୍କର ଦାଶ, ଅଶୋକ ପଣ୍ଡା, ଅମର ଦାସ, ରଜନୀକାନ୍ତ ପାତ୍ର, ରାମଚନ୍ଦ୍ର ଆଧେକ, ପରମେଶ୍ୱର ପ୍ରମାଣିକ, ପ୍ରାକ୍ତନ ଛାତ୍ରୀ ପ୍ରିୟଙ୍କା ପାତ୍ର ପ୍ରମୁଖ ତାଙ୍କ ବହୁମୁଖୀ ପ୍ରତିଭାର ସ୍ମୃତି ଚାରଣ କରିଥିଲେ। ଶେଷରେ ପୁତ୍ର ଓମକାର ଓ ଜ୍ୟୋତି ପ୍ରକାଶ ଧନ୍ୟବାଦ ଦେଇଥିଲେ।

# ଦୀର୍ଘଦିନ ଧରି ଅଚଳ ଷ୍ଟ୍ରିଟ୍‌ଲାଇଟ

ଜଳେଶ୍ୱର ବ୍ଲକ, ୫।୬ (ସମିସ)

ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପାଇକସିଦା ଗ୍ରାମ ପଞ୍ଚାୟତସ୍ଥିତ କେଶପୁରା ଦୈନିକ ହାଟ ଛକରେ ଏକ ଷ୍ଟ୍ରିଟ ଲାଇଟ ତତ୍କାଳୀନ ସାଂସଦଙ୍କ ପାଣ୍ଠିରୁ ନିର୍ମିତ ହୋଇଥିଲା। ୨ ବର୍ଷ ପରେ କାଳକ୍ରମେ ତାହା ଖରାପ ହୋଇ ଅଦ୍ୟାବଧି ମାର୍କେଟଟି ଅନ୍ଧକାରମୟ ହୋଇ ରହିଛି। ଠିକ୍ ସେହିପରି ଖୁଆଡ ହାଟ ପଡ଼ିଆ ଓ ବସ୍

**■ ମରାମତି ପାଇଁ ଅନୁଧ୍ୟାନ କଲେ ଜଳେଶ୍ୱର ଜିପିଇଓ**

ଷ୍ଟପ୍ ଛକ ରେ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କ ହାତ ପାଣ୍ଠିରୁ ନିର୍ମିତ ଷ୍ଟ୍ରିଟ୍‌ଲାଇଟ୍ ଦୀର୍ଘ ଦିନ ହେଲା ଖରାପ ହୋଇ ପଡ଼ିଛି। ଯାହା ଫଳରେ ରାତ୍ରି ସମୟରେ ବସ୍ ଷ୍ଟପ ଆସୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବାରମ୍ବାର ଜନସାଧାରଣ ତଥା ବଜାର କମିଟି ପକ୍ଷରୁ ରାଜନେତା ଓ ପ୍ରଶାସନକୁ ମରାମତି ପାଇଁ ନିବେଦନ କରିଥିଲେ ମଧ ଆଜି ପର୍ଯ୍ୟନ୍ତ ମତାମତି ହୋଇ ପାରୁନାହିଁ। ଉକ୍ତ କେଶପୁରା ନାମିତ ହାଟରେ ୫୦ ରୁ ଅଧିକ ବିଭିନ୍ନ ଦୋକାନ ଗଢ଼ି



ଉଠିଥିବା ବେଳେ ଉକ୍ତ ମାର୍କେଟକୁ ସନ୍ଧ୍ୟା ହେଲେ ଶହ ଲୋକ ଆସିଥାନ୍ତି। ହାଇମାଷ୍ଟ ଲାଇଟ ଜଳୁ ନ ଥିବାରୁ ଦୋକାନୀ ମାନେ ବିକ୍ରିଖର୍ଦ୍ଦି କରିବାରେ ଅସୁବିଧାର ସମ୍ମୁଖୀନ ହେବା ସହ ଜନଗହଳିପୂର୍ଣ୍ଣ ୩ ଛକି ରାସ୍ତାରେ ଦୁର୍ଘଟଣା ଘଟୁଛି। ଉକ୍ତ ଘଟଣା ବିଷୟରେ କିଛି ମାସ ପୂର୍ବରୁ ଗଣମାଧ୍ୟମରେ ଖବର ପ୍ରକାଶ ହେବା ପରେ ଜଳେଶ୍ୱର ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ଜିପିଇଓ) ସଲିମା ରାଉତ କେଶପୁରା ହାଟ ଛକ ହାଇମାଷ୍ଟ ଲାଇଟ ପୋଷ୍ଟ ଅନୁଧ୍ୟାନ କରିବା ପାଇଁ ଆସିଥିଲେ। ଘଟଣାର ସ୍ଥିତି ଓ ଲୋକଙ୍କ ଲାଇଟ ଆବଶ୍ୟକତା ବିଷୟରେ ଅନୁଧ୍ୟାନ କରିଥିଲେ। ବହୁତ ଶୀଘ୍ର ଉକ୍ତ ହାଇମାଷ୍ଟ ଲାଇଟ ପୋଷ୍ଟର ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ସରପଞ୍ଚଙ୍କ ପ୍ରତିନିଧି ନରୋତ୍ତମ ସେଠୀ, ପିଇଓ ତାରକାନ୍ତ ସେନାପତି, ସମାଜସେବୀ ଅଜୟ କୁମାର ଧଳ ଓ ହାଟ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## 'ଆମ ନ୍ୟୁଜ'ର ବାର୍ଷିକ ଉତ୍ସବ

ବାଲେଶ୍ୱର, ୫।୬(ସମିସ): ବାଲେଶ୍ୱରର ପ୍ରଥମ ଆଞ୍ଚଳିକ ଦୈନିକ ବୈଦ୍ୟୁତିକ ଗଣମାଧ୍ୟମ 'ଆମ ନ୍ୟୁଜ'ର ଏକ ବିଂଶତମ ବାର୍ଷିକ ଉତ୍ସବ ଭେନିୟା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଆମ ନ୍ୟୁଜର ଅଧ୍ୟକ୍ଷ ତଥା ସମ୍ପାଦକ ବିପ୍ଳବ କୁମାର ମହାନ୍ତିଙ୍କ ପୌରହିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପାନୀୟ ଜଳ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଥିଲେ। ସୋସିଆଲ ମିଡିଆର ପ୍ରାବଲ୍ୟତା ମଧ୍ୟରେ ଦୀର୍ଘ ୨୦ବର୍ଷ ଧରି ବିକଳ୍ପ ମାଧ୍ୟମ ଭାବେ ସ୍ଥାନୀୟ ଅଞ୍ଚଳର ଖବର ପ୍ରସାରଣ ଜାରି ରଖିବାରେ ସକ୍ଷମତା ପାଇଁ ଆମ ନ୍ୟୁଜର କର୍ମକର୍ତ୍ତାଙ୍କୁ ମନ୍ତ୍ରୀ ଶ୍ରୀ ନାଏକ ପ୍ରଶଂସା କରିଥିଲେ। ରାଜ୍ୟ ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ବସ୍ତା ବିଧାୟିକା ସୁବସିନୀ ଜେନା, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ ପ୍ରମୁଖ ଏଥିରେ ବରେଣ୍ୟ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଆଜିକାଲି ଖବର କାଗଜର ପ୍ରକାଶକ କିଶୋର ଦାସ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ ସହ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏସିପିଏଲର ପ୍ରତିଷ୍ଠାତା ତଥା ସିଏମଡି ମନୋଜ ମହାନ୍ତି ଓ ନିର୍ଦ୍ଦେଶକ ସ୍ୱପ୍ନା ମହାନ୍ତି, ଯୁବ ଶିଳ୍ପଦ୍ୟୋଗୀ ରାଜେଶ ମହାକୁଡ ଓ ଦେବଜ୍ୟୋତି ଦାସ ମହାପାତ୍ର, ଶ୍ରମିକ ସଂଗଠକ ହରିଶ ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଡ. ଶ୍ରୀମାନ ଶ୍ରୀଚନ୍ଦନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡ. ନିହାରିକା ମହାନ୍ତି, ଦିବ୍ୟାଶା ମହାନ୍ତି ଓ ଅଧିପ କୁମାର ଜେନା ପୁରସ୍କାର ବିତରଣରେ ସହଯୋଗ କରିଥିଲେ।

# କୁଡୁମୀ ସେନାର ପ୍ରତିଷ୍ଠା ଦିବସ



ବାଲେଶ୍ୱର, ୫।୬ (ସମିସ): ସାରା ଭାରତରେ ଦୁଇକୋଟିରୁ ଅଧିକ କୁଡୁମୀ ସମ୍ପ୍ରଦାୟର ଲୋକେ ଓଡ଼ିଶା, ଝାରଖଣ୍ଡ, ପଶ୍ଚିମବଙ୍ଗ, ବିହାର ଓ ଆସାମରେ ବସବାସ କରୁଛନ୍ତି। ଏହି ଜାତିକୁ ୧୯୫୦ମସିହା ପର୍ଯ୍ୟନ୍ତ ଆଦିବାସୀ ମାନ୍ୟତା ମିଳିଥିଲା। କିନ୍ତୁ ପରେ ସମ୍ବିଧାନରୁ ଆଦିବାସୀ ମାନ୍ୟତା ହଟାଇ ଦିଆଗଲା। ପୁନଃ ଆଦିବାସୀ ମାନ୍ୟତା ପାଇଁ ଏହି ସମ୍ପ୍ରଦାୟର ଲୋକେ ଦୀର୍ଘ ବର୍ଷ ଧରି ଦାବି ରଖି ଆସୁଛନ୍ତି। କୁଡୁମୀ ନେତା ଜୈମୁନୀ ମହାନ୍ତଙ୍କ ନେତୃତ୍ୱରେ କୁଡୁମୀ ସମ୍ପ୍ରଦାୟର ଲୋକଙ୍କୁ ଏକାଠି କରି୨୦୧୨ଜୁନ ୩ରେ ବେତନଟୀଠାରେ କୁଡୁମୀ ସେନା ଗଠନ କରି କୁଡୁମୀ ଲୋକଙ୍କର ସାମାଜିକ, ଅର୍ଥନୈତିକ, ଭାଷା, ସଂସ୍କୃତିର ସୁରକ୍ଷା ଓ କୁଡୁମୀ ଜାତିକୁ ପୁନଃ ଆଦିବାସୀ ତାଲିକାରେ ସାମିଲ କରିବା ପାଇଁ ୧୨ବର୍ଷ ଧରି ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରେ ଆନ୍ଦୋଳନ କରି ଆସୁଛନ୍ତି। ଏହି ଦିନକୁ ମନେ ରଖିବା ପାଇଁ ବାଲେଶ୍ୱର ଜିଲ୍ଲାର ଅଙ୍ଗାରଗଡ଼ିଆ ଠାରେ ୧୩ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ସଭା କୁଡୁମୀ ସେନା ଜିଲ୍ଲା ସଭାପତି ନିରଞ୍ଜନ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ମହିଳା ସେନା ସଭାନେତ୍ରୀ ଯଶୋଦା ମହାନ୍ତ ମଧ୍ୟ ଉପସ୍ଥିତ ଥିଲେ। ସିପୁନ ମହାନ୍ତ, ସୁନୀଲ ମହାନ୍ତ, ସୁଶୀଲ ମହାନ୍ତ, ହରିହର ମହାନ୍ତ, ଦୀନବନ୍ଧୁ ମହାନ୍ତ, ଶମ୍ଭୁ ମହାନ୍ତ, କଟି ମହାନ୍ତ, ମୋହନ ଚାନ୍ଦ ମହାନ୍ତ, କରମ ଚାନ୍ଦ ମହାନ୍ତ, ପୁନିଆ ମହାନ୍ତ, ମହିଳା ସେନାର କନକଲତା ମହାନ୍ତ, ପାର୍ବତୀ ମହାନ୍ତ, ତିଲୋତ୍ତମା ମହାନ୍ତ ପ୍ରମୁଖ ଯୋଗଦେଇଥିଲେ।

# ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର



ବାଲେଶ୍ୱର, ୫।୬ (ସମିସ): ଗୁରୁବାର ଅପରାହ୍ନରେ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ରେମୁଣାର କୁରୁଣିଆ ଠାରେ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାରେ ଅନ୍ତର୍ଭୁକ୍ତ ୬୦ କୋଟିରୁ ଅଧିକ ଟଙ୍କାର ଗ୍ରାମୀଣ ରାସ୍ତା ଓ ପାନୀୟ ଜଳ ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଉଦଘାଟନ କରିଛନ୍ତି। ସରକାର ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ସଂକଳ୍ପ ନେଇଛନ୍ତି। ଏଥିପାଇଁ ଲୋକ ମାନଙ୍କ ସହଯୋଗ ଓ ସହଭାଗିତାକୁ ବିନମ୍ର ସ୍ୱାଗତ ଜଣାଇଛନ୍ତି ମନ୍ତ୍ରୀ ନାଏକ। ଏହି ଅବସରରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକାରୀ ରାଜ ପ୍ରାସାଦ, ରେମୁଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉତ୍ତମ କୁମାର ଜେନା, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଗ୍ରାମ୍ୟ ଜଳଯୋଗାଣ ବିଭାଗ ସମୀର ଚନ୍ଦ୍ର ଦେ, ଅଧିକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ନିର୍ମାଣ ବିଭାଗ ସୌଭାଗ୍ୟ କୁମାର ଦାସ ଏବଂ ରେମୁଣା ବିଜ୍ଞାପିତ ଅଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ କମଳ ବିହାରୀ ଦାସ ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ ରେମୁଣା ଭାରତୀୟ ଜନତା ପାର୍ଟି କର୍ମକର୍ତ୍ତାଙ୍କ ତରଫରୁ ମାନ୍ୟବର ମନ୍ତ୍ରୀଙ୍କୁ ବାଲିଆ ରାମେଶ୍ୱର ମନ୍ଦିର ନିକଟରୁ କୁରୁଣିଆ ପର୍ଯ୍ୟନ୍ତ ଏକ ବାଇକ୍ ଶୋଭାଯାତ୍ରା ମାଧ୍ୟମରେ ସ୍ୱାଗତ କରାଯାଇଥିଲା।

## ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

# ଗୁରୁତ୍ୱପୂର୍ଣ୍ଣ ବିଭାଗ ସ୍ଥାନାନ୍ତର ନେଇ ଉଦ୍‌ବେଗ

ବାଲେଶ୍ୱର, ୫।୬ (ସମିସ)

ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ଡିଏଚଏଚରୁ ସମସ୍ତ ବିଭାଗ ରେମୁଣାସ୍ଥିତ ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲ କ୍ୟାମ୍ପସକୁ ସ୍ଥାନାନ୍ତର ହେଉଛି। ରେମୁଣାରେ ମେଡିକାଲ କଲେଜ ଓ ହସ୍‌ପିଟାଲର ନୂତନ କ୍ୟାମ୍ପସ ଉଦ୍‌ଘାଟନ ହେବା ପରେ ମଧ୍ୟ ବିଭିନ୍ନ ବିଭାଗ ମୁଖ୍ୟ ଚିକିତ୍ସାଳୟ ପରିସରରେ ଚାଲିଆସୁଥିଲା। ମାତ୍ର ହଠାତ୍ ସମସ୍ତ

**● ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ, ବୟସ୍କ ଏବଂ ରୋଗୀ ହନ୍ତସନ୍ତ**

**● ସିଡିଏମ୍‌ଓଙ୍କୁ ଭେଟି ଆଲୋଚନା କଲେ ବାଲେଶ୍ୱରବାସୀ**

ବିଭାଗ ମୁଖ୍ୟ ଚିକିତ୍ସାଳୟରୁ ରେମୁଣାକୁ ସ୍ଥାନାନ୍ତର କରିନେବା କାରଣରୁ ମୁଖ୍ୟ ଚିକିତ୍ସାଳୟ ଏକପ୍ରକାର ଅଚଳାବସ୍ଥାକୁ ଆସିଛି। ଫଳରେ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ବାଲେଶ୍ୱରର ସଚେତନ ନାଗରିକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଥିପାଇଁ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ସେବାରେ ବାଧାପ୍ରାପ୍ତ ନେଇ ବାଲେଶ୍ୱର ସଚେତନ ନାଗରିକ, ବୁଦ୍ଧିଜୀବୀ, ସାମାଜିକ କର୍ମକର୍ତ୍ତା ସିଡିଏମ୍‌ଓ ଡା. କିଶୋର କୁମାର ଆଚାର୍ଯ୍ୟଙ୍କୁ ସାକ୍ଷାତ କରିଛନ୍ତି। ଶାନ୍ତିପୂର୍ଣ୍ଣଭାବେ ଏହା ଉପରେ ଆଲୋଚନା ପର୍ଯ୍ୟାଲୋଚନା କରି ଅତିଶୀଘ୍ର ଏଠୁ ଚାଲିଯାଇଥିବା ସମସ୍ତ ବିଭାଗ ସହିତ ଡାକ୍ତର, ନର୍ସ ଏବଂ କର୍ମଚାରୀ କିପରି ନୂତନ ଭାବେ ଯୋଗଦାନ କରି ପୂର୍ବପରି ରୋଗୀସେବା ସୁଚାରୁରୂପେ ଚାଲିପାରିବ ସେ ନେଇ ସିଡିଏମ୍‌ଓ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ଏ ନେଇ ଏକ ଦାବିପତ୍ର ମଧ୍ୟ ସିଡିଏମଓଙ୍କୁ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ସୁଲଭ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇଁ



ବାଲେଶ୍ୱରବାସୀ ନିର୍ଭରଶୀଳ। ଏପରି କ୍ଷେତ୍ରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଅସ୍ଥିବିଭାଗ, ଇଏନ୍‌ଟି, ଚକ୍ଷୁ ବିଭାଗ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକ ରେମୁଣାକୁ ସ୍ଥାନାନ୍ତର ହେଉଛି। ଏହି ପଦକ୍ଷେପ ବାଲେଶ୍ୱର ବାସିନ୍ଦାଙ୍କ ପାଇଁ ଏକ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟସେବା କେନ୍ଦ୍ର ଭାବେ ଚିକିତ୍ସାଳୟର କ୍ଷମତାକୁ ଗୁରୁତର ଭାବେ ପ୍ରଭାବିତ କରୁଛି। ଏହି ବିଭାଗଗୁଡ଼ିକର ସ୍ଥାନାନ୍ତର ରୋଗୀମାନଙ୍କ ପାଇଁ ବିଶେଷତଃ ବିଶେଷ ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀମାନଙ୍କ ପାଇଁ ବହୁତ ଅସୁବିଧା ସୃଷ୍ଟି କରୁଛି। ରେମୁଣାର ଦୂରତା ବୟସ୍କ, ଅକ୍ଷମ ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବ୍ୟକ୍ତିମାନଙ୍କ ପାଇଁ ସମୟମତ ସ୍ୱାସ୍ଥ୍ୟସେବା ପ୍ରାପ୍ତିରେ ଗୁରୁତର ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ବିଭାଗଗୁଡ଼ିକର ସ୍ଥାନାନ୍ତର ହେତୁ ଅସ୍ଥିଭଙ୍ଗ ପାଇଁ ପ୍ଲାଷ୍ଟର, ନିୟମିତ ନେତ୍ର ପରୀକ୍ଷା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଉ ଯଥେଷ୍ଟ ଭାବେ ଉପଲବ୍ଧ ହେଉନାହିଁ। ଯାହା ଚିକିତ୍ସାଳୟ ସେବାର ଗୁଣବତ୍ତା ଏବଂ ଉପଲବ୍ଧତାରେ ଗୁରୁତର ହ୍ରାସ ଘଟାଇଛି। ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟ କରିବାକୁ ନିର୍ଦ୍ଦିଷ୍ଟ ବିଭାଗଗୁଡ଼ିକର ମୋଟ ସଂଖ୍ୟା ଓ ଏହି ବିଭାଗଗୁଡ଼ିକରେ ନିଯୁକ୍ତ ଡାକ୍ତର, ନର୍ସ ଏବଂ ଟେକ୍ନିକାଲ କର୍ମଚାରୀଙ୍କ ସଂଖ୍ୟା ସହିତ ବର୍ତ୍ତମାନର କର୍ମଚାରୀ ବିବରଣୀ ତଥା ଚିକିତ୍ସାଳୟର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ବିସ୍ତୃତ ସୂଚନା ପାଇଁ ଅନୁରୋଧ କରାଯାଇଛି। ଏହି ସ୍ମାରକପତ୍ର କେବଳ ବାଲେଶ୍ୱରର ଚିନ୍ତିତ ନାଗରିକମାନଙ୍କ ଦ୍ୱାରା ଉପସ୍ଥାପିତ ହେଉଛି, ଯାହା କୌଣସି ରାଜନୈତିକ ଦଳ କିମ୍ବା ସଂଗଠନଠାରୁ ସ୍ୱାଧୀନ। ବର୍ତ୍ତମାନ ଅନ୍ୟାନ୍ୟ ବିଭାଗଗୁଡ଼ିକ ରେମୁଣାକୁ ସ୍ଥାନାନ୍ତରିତ ହେବାକୁ ଯାଉଛି। ଏହା ସହିତଏହା ମଧ୍ୟ ଜଣାପଡ଼ିଛି ଯେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେବଳ ବାହ୍ୟ ରୋଗୀ ସେବା ପ୍ରଦାନ ପାଇଁ ସୀମିତ ହେବ। ଏପରି ପରିବର୍ତ୍ତନ ଜିଲ୍ଲାର ପ୍ରାଥମିକ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଭାବେ ଚିକିତ୍ସାଳୟର ଭୂମିକାକୁ ଗୁରୁତର ଭାବେ ଦୁର୍ବଳ କରିବ। ତେଣୁ ତୁରନ୍ତ ରେମୁଣାକୁ ସ୍ଥାନାନ୍ତରିତ ହୋଇଥିବା ସମସ୍ତ ବିଭାଗଗୁଡ଼ିକର ପୁନରୁଦ୍ଧାର ଏବଂ ଭବିଷ୍ୟତରେ ସ୍ଥାନାନ୍ତର ପାଇଁ ପ୍ରସ୍ତାବିତ ବିଭାଗଗୁଡ଼ିକର ରକ୍ଷଣାବେକ୍ଷଣ ଦାବି ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବାଲେଶ୍ୱର ବାସିନ୍ଦାଙ୍କ ସ୍ୱାସ୍ଥ୍ୟସେବା ଆବଶ୍ୟକତା ପୂରଣ କରିବା ପାଇଁ ଏକ ସମ୍ପୂର୍ଣ୍ଣ ସୁସଜ୍ଜିତ ଚିକିତ୍ସା କେନ୍ଦ୍ର ଭାବେ କାର୍ଯ୍ୟ ଜାରି ରଖିବା ଉଚିତ। ଯଦି ଏହି ସ୍ମାରକପତ୍ର ପ୍ରାପ୍ତିର ସାତ ଦିନ ମଧ୍ୟରେ ଦାବିଗୁଡ଼ିକ ପୂରଣ ନ ହୁଏ ତେବେ ବାଲେଶ୍ୱରର ନାଗରିକମାନେ ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ପ୍ରତି ଦୃଷ୍ଟି ଆକର୍ଷଣ କରିବା ପାଇଁ ଶାନ୍ତିପୂର୍ଣ୍ଣ ବିକ୍ଷୋଭ, ଧର୍ମଘଟ କିମ୍ବା ବନ୍ଦ ଭଳି ପଦକ୍ଷେପ ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ତୁରନ୍ତ ସମାଧାନ କରିବାରେ ବିଫଳତା ହେତୁ ସୃଷ୍ଟି ହେବାକୁ ଥିବା ଯେକୌଣସି ବିଘ୍ନ ପାଇଁ ଜିଲ୍ଲା ଚିକିତ୍ସାଳୟ ପ୍ରଶାସନ ଦାୟୀ ରହିବେ ବୋଲି ବାଲେଶ୍ୱରର ଚିନ୍ତିତ ନାଗରିକମାନେ ସ୍ମାରକ ପତ୍ରରେ ଉଲ୍ଲେଖ କରିଛନ୍ତି।

### ଅର୍ଦ୍ଧାଧିକ ସଫେଇ ଓ ସୁରକ୍ଷା କର୍ମଚାରୀ ସ୍ଥାନାନ୍ତର ହେଲେଣି

ବାଲେଶ୍ୱର, ୫।୬(ସମିସ): ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାର ଅଧିକାଂଶ ବିଭାଗରେ ତାଲା ଝୁଲିଛି। ଏପରିକି ଚକ୍ଷୁ ଓ କର୍ଣ୍ଣ ବିଭାଗ ସମ୍ମୁଖରେ ଅପରାହ୍ଣ ୫ଟା ପରେ ଜରୁରୀ କାଳୀନ ଚିକିତ୍ସା ପାଇଁ ସେମାନେ ରେମୁଣା ମେଡିକାଲ କଲେଜକୁ ଯିବାକୁ ପଡ଼ିବ ବୋଲି ନୋଟିସରେ ଲେଖାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ କାଗଜପତ୍ର, ଆସବାବପତ୍ର, ପରୀକ୍ଷା ପାଇଁ ଲାଗିଥିବା ଯନ୍ତ୍ର ଏପରିକି ଏସି ମଧ୍ୟ ଖୋଲିକି ନେଇ ଯାଉଛନ୍ତି ମେଡିକାଲ କଲେଜ କର୍ତ୍ତୃପକ୍ଷ। ସେହିପରି ମେଡିକାଲ କଲେଜର ଛାତ୍ରଛାତ୍ରୀ ଓ ବିଶେଷଜ୍ଞ ମଧ୍ୟ ଜିଲ୍ଲା ଡାକ୍ତରଖାନାକୁ ଆସିବା ବନ୍ଦ କରିଦେଇଛନ୍ତି। ଅନ୍ୟପଟେ ସୁରକ୍ଷା କର୍ମୀ ଓ ସଫେଇ କର୍ମଚାରୀ ମଧ୍ୟ ମେଡିକାଲ କଲେଜକୁ ସ୍ଥାନାନ୍ତର ହେବା ଆରମ୍ଭ ହୋଇସାରିଲେଣି। ୯୫ଜଣ ସଫେଇ କର୍ମଚାରୀ ଡାକ୍ତରଖାନାରେ କାର୍ଯ୍ୟ କରୁଥିବା ବେଳେ ଏବେ ଅଧାରୁ ଅଧିକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଛାଡ଼ି ମେଡିକାଲ କଲେଜକୁ ଯାଇସାରିଲେଣି। ସେହିପରି ୮୩ ସିକ୍ୟୁରିଟି ଗାର୍ଡ ମଧ୍ୟ ମେଡିକାଲ କଲେଜକୁ ସ୍ଥାନାନ୍ତର ହେଲେଣି। ମେଡିସିନ ବିଭାଗର ୫ଟି ରୁମରେ ତାଲା ପଡ଼ିସାରିଲାଣି। ଆଉ କିଛି ଦିନ ମଧ୍ୟରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ମଧ୍ୟ ଉଠିଯିବ। ଘଟଣା ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟ କହିଛନ୍ତି ଯେ, ଡାକ୍ତର ଓ ଟେକ୍ନିସିଆନ ଅଭାବରୁ ବିଭିନ୍ନ ବିଭାଗ ଚିକିତ୍ସାରେ ଅସୁବିଧା ହେଉଛି। ସର୍ଜରୀ, ଅସ୍ଥିଶଲ୍ୟ ବିଭାଗ, ଇଏନଟି ଭଳି ବିଭାଗ ମେଡିକାଲ କଲେଜକୁ ସ୍ଥାନାନ୍ତର ହୋଇସାରିଥିବା ବେଳେ ସ୍ତ୍ରୀ ଓ ପ୍ରସୂତି ଓ ଶିଶୁ ବିଭାଗ ୯ ତାରିଖ ସୁଦ୍ଧା ସ୍ଥାନାନ୍ତର ହୋଇଯିବ। ୫୦ପ୍ରତିଶତ ଡାକ୍ତର ସୁବିଧା ସରକାରଙ୍କ ପକ୍ଷରୁ ଯୋଗେଇଦେଲେ ରୋଗୀ ଆଉ ଅସୁବିଧା ଭୋଗିବେନି ବୋଲି କହିଛନ୍ତି।

## ■ ନିଯୁକ୍ତ ହେଉନାହାନ୍ତି ସ୍ଥାୟୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ

# ତିନି ମାସରେ ବଦଳିଲେଣି ଚାରି ସିଡିଏମ୍‌ଓ

ବାଲେଶ୍ୱର, ୫।୬ (ସମିସ): ଗୁରୁବାର ସକାଳେ ସାଧାରଣ ଜନତାଙ୍କ ଦାବି ଶୁଣିଲେ ଏବଂ ମଧ୍ୟାହ୍ନରେ ବଦଳି ପାଇଁ ଆସିଲା ଚିଠି। ମୟୂରଭଞ୍ଜକୁ ବଦଳି ହୋଇଛି। ଜିଲ୍ଲା ମୁଖ୍ୟ ମୁଖ୍ୟ ଚିକିତ୍ସାଳୟରେ ମାତ୍ର ଚାରି ଦିନ ହେବ ଦାୟିତ୍ୱ ନେଇଥିବା ସିଡିଏମଓ ଡାକ୍ତର କିଶୋର କୁମାର ଆଚାର୍ଯ୍ୟଙ୍କ ମୟୂରଭଞ୍ଜ ବଦଳି ହୋଇଥିବା ଚିଠି ଆସିଛି। ଆଜି ସକାଳେ ବାଲେଶ୍ୱରବାସୀ ସହିତ ହସ୍ପିଟାଲର ବହୁବିଧ ସମସ୍ୟା ଉପରେ ସିଡିଏମଓ ଆଲୋଚନା କରିଥିଲେ ଓ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। କିନ୍ତୁ ହଠାତ ୪ ଦିନ ପୂର୍ବରୁ ବାଲେଶ୍ୱର ସିଡିଏମଓ ପଦବୀରେ ନିଯୁକ୍ତି ପାଇଥିବା ଶ୍ରୀ ଆଚାର୍ଯ୍ୟଙ୍କ ବଦଳି ଚିଠି ଆସିବାକୁ ନେଇ ବାଲେଶ୍ୱରବାସୀ ଅନେକ ପ୍ରଶ୍ନ ଉଠାଇଛନ୍ତି। ତିନି ମାସରେ ଚାରି ସିଡିଏମଓ ପରିବର୍ତ୍ତନ ହୋଇପାରିଲେଣି। ସ୍ଥାୟୀ ସିଡିଏମଓ ନିଯୁକ୍ତି ହେଉନଥିବା ବେଳେ ଏପରି ବାରମ୍ବାର ବଦଳି ସ୍ୱାସ୍ଥ୍ୟ ସେବାର ବାଧା ସୃଷ୍ଟି କରୁଥିବା କୁହାଯାଉଛି।

ସୂଚନାଯୋଗ୍ୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରର ସିଡିଏମଓ ଡା. ଦୁଲାଲସେନ ଜଗଦ୍ଦେବ ଗତ ବର୍ଷ ନଭେମ୍ବର ମାସରେ ଦାୟିତ୍ୱ ନେଇଥିଲେ। ତାଙ୍କ ପରେ ମୁଖ୍ୟ ଚିକିତ୍ସାଳୟର ହୃଦରୋଗ ବିଶେଷଜ୍ଞ ତଥା ଭେଷଜ ବିଭାଗ ଡାକ୍ତର ଗୋପୀନାଥ ପରିଡ଼ା ସିଡିଏମଓ

**● ବାଲେଶ୍ୱରର ନୂଆ ସିଡିଏମ୍‌ଓ ଡାକ୍ତର ପ୍ରଭାତ ବେହେରା**

ଦାୟିତ୍ୱ ନେଇଥିଲେ। ଚଳିତ ବର୍ଷ ମାର୍ଚ୍ଚ ୩୧ରେ ଡାକ୍ତର ଗୋପୀନାଥ ପରିଡ଼ା ଅବସର ନେବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏଡିଏମଓ ଥିବା ଡାକ୍ତର ସୁଶାନ୍ତ କୁମାର ନାୟକଙ୍କୁ ସିଡିଏମଓ ଦାୟିତ୍ୱ ଦିଆଯାଇଥିଲା। ନିଯୁକ୍ତିର ଦୁଇ ମାସ ପରେ ମେ ମାସ ୩୧ ରେ ସେ ଅବସର ନେଲେ। ଡ଼ା. ସୁଶାନ୍ତ କୁମାର ନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ସର୍ଜରୀ ବିଭାଗ ଡାକ୍ତର କିଶୋର କୁମାର ଆଚାର୍ଯ୍ୟଙ୍କୁ ସିଡିଏମଓ ଦାୟିତ୍ୱ ଦିଆଗଲା। ଜୁନ୍ ୧ ତାରିଖରେ ଡା. ଆଚାର୍ଯ୍ୟ ସିଡିଏମଓ ଦାୟିତ୍ୱ ନେଇଥିଲେ। ଡ଼ା. ଆଚାର୍ଯ୍ୟଙ୍କ ଅବସର ପାଇଁ ପ୍ରାୟ ଏକ ବର୍ଷ ସମୟ ରହିଛି। ମାତ୍ର ଚାରି ଦିନ ଦାୟିତ୍ୱ ନେଇଥିବା ଡା. ଆଚାର୍ଯ୍ୟଙ୍କ ଆଜି ହଠାତ୍ ବଦଳି ପାଇଁ ଚିଠି ଆସିଛି। ଯାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସିଡିଏମଓ ଡ଼ା. କିଶୋର କୁମାର ଆଚାର୍ଯ୍ୟଙ୍କର ମୟୂରଭଞ୍ଜ ବଦଳି ହୋଇଥିବା ବେଳେ ମୟୂରଭଞ୍ଜ ସିଡିଏମଓ ଥିବା ଡ଼ା. ପ୍ରଭାତ କୁମାର ବେହେରା ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସିଡିଏମଓ ଭାବେ ନିଯୁକ୍ତ ହୋଇଛନ୍ତି। ଏ ବାବଦରେ ସିଡିଏମଓ ଡାକ୍ତର କିଶୋର କୁମାର ଆଚାର୍ଯ୍ୟଙ୍କୁ ପଚାରିବାରୁ କହିଛନ୍ତି, ଆଜି ମୁଁ ବାଲେଶ୍ୱରବାସୀ ସହ ଆଲୋଚନା କରିଥିଲି। ମୋ ଅନ୍ତର ଭିତରେ ଥିଲା ଯେ ମେଡିକାଲ କଲେଜ ଓ ହସପିଟାଲକୁ ସବୁ ବିଭାଗ ସ୍ଥାନାନ୍ତର ପରେ କେମିତି ସୁଚାରୁରୂପେ ଚଳାଇବି ଯୋଜନା କରୁଥିଲି। ନିଜ ଜିଲ୍ଲା ପାଇଁ କାମ କରିବାକୁ ନିଷ୍ପତ୍ତି ନେଇଥିଲି। କିନ୍ତୁ ଆଉ କିଛି କରିପାରିବିନି। ମୋତେ ବାଲେଶ୍ୱରରୁ ମୟୂରଭଞ୍ଜକୁ ବଦଳି କରିଛନ୍ତି।

# ପୁରାତନ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର, ୫।୬ (ସମିସ): ସଦର ବ୍ଲକ ଖାନନଗର ପଞ୍ଚାୟତ ଖାନନଗର କ୍ରିକେଟ ପଡ଼ିଆରେ ପୁରାତନ ବିଦ୍ୟାର୍ଥୀ ପରିଷଦ, ସାଉଁ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ତରଫରୁ ବିଶ୍ୱ ପରିବେଶ ଦିବସରେ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଉର୍ମିଳତା ଦାସ ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଗୋପାଳ ପଡ଼ିଆରୀ, ବରିଷ୍ଠ ଆଇନଜୀବୀ ବିଜୟ ଦାସ, ପରିଷଦ ସଭାପତି ଜଳଧର ସାମଲ, ଉପଦେଷ୍ଟା ହେମେନ୍ଦ୍ର ବୁଗୁଡେଇ, ସମ୍ପାଦକ ସୁଧାକର ସେଠୀ, ପରିଷଦର ବରିଷ୍ଠ କର୍ମକର୍ତ୍ତା ଓ ଶୁଭେଚ୍ଛୁ ଅଜୟ ଦାସ, ଅନୀଲ ରଞ୍ଜନ ଜେନା, ସତ୍ୟବ୍ରତ ସ, ସାବିତ୍ରୀରାଣୀ ଦାସ, ସାବ୍ୟସାଚୀ ପ୍ରଧାନ, ଜନ୍ମେଜୟ ଜେନା, ପ୍ରଣବ ପ୍ରକାଶ ଦାସ, ବିଶ୍?ଜିତ ସେଠୀ, ନିତ୍ୟାନନ୍ଦ ମିଶ୍ର, ପ୍ରଫୁଲ୍ଲ ମଲ୍ଲିକ, ସ୍ମୃତିରଞ୍ଜନ ପୁହାଣ, ଦିବ୍ୟରଞ୍ଜନ ମଲ୍ଲିକ ଓ ସ୍ଥାନୀୟ ଗ୍ରାମବାସୀ ଗଜେନ୍ଦ୍ର ମଲ୍ଲିକ, ଶମ୍ଭୁଆ ଦଳେଇ, ଟୁଟୁ ଦଳେଇ ପ୍ରମୁଖ ବୃକ୍ଷରୋପଣ କରିଥିଲେ। ଖାନନଗର କ୍ରିକେଟ ପଡ଼ିଆରେ ଦଶରୁ ଅଧିକ ବଉଳ ଗଛ ଲଗାଯାଇ ସେଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ସ୍ଥାନୀୟ ଗ୍ରାମବାସୀଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ।

# ବିଶ୍ୱ ପରିବେଶ ଦିବସ ପାଳିତ



ବାଲେଶ୍ୱର, ୫।୬ (ସମିସ)

ବିଶ୍ୱ ପରିବେଶ ଦିବସରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ତରଫରୁ ବୃକ୍ଷରୋପଣ ଓ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମଟି ସଫଳ ଭାବେ ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ପରିସର ସହିତ ନିକଟବର୍ତ୍ତୀ ବ୍ଲୁ ଲେକ୍ ନିକଟର ପତିତ ଜମିରେ ବୃକ୍ଷରୋପଣ କରାଯାଇଥିଲା। ପରିବେଶ ବିଜ୍ଞାନ ବିଭାଗର ଉଦ୍ୟମରେ ମଛୁଆ ଗ୍ରାମ ଉପକଣ୍ଠ ଅଞ୍ଚଳର ଅନେକ ପତିତ ଜମିରେ ବିଭିନ୍ନ ପ୍ରଜାତିର ଚାରା ଯଥା ନିମ୍ବ, ବେଲ, ବଉଳ, ବର, ଅଶ୍ୱସ୍ଥ, ଜାମୁ ଆଦି ଚାରାରୋପଣ କରାଯାଇଥିଲା। ଏଥିସହିତ ବିଭିନ୍ନ ପ୍ରଜାତିର ଗଛ ମଞ୍ଜି, ଖତସାର ଓ ମାଟି ଦ୍ୱାରା ପ୍ରସ୍ତୁତ ମଞ୍ଜିଗୋଳାକୁ ପାହାଡ ତଳି ଅଞ୍ଚଳରେ ଥିବା ପତିତ ଜମିରେ ନିକ୍ଷେପ କରାଯାଇଛି। ଏହି ପଦକ୍ଷେପ ଦ୍ୱାରା ଆଗାମୀ ବର୍ଷା ଋତୁରେ ଏଥିରୁ ସ୍ୱାଭାବିକ ଭାବେ ଅଙ୍କୁରୋଦ୍‌ଗମ ହୋଇ ଏକ ସବୁଜ ପରିବେଶ ସୃଷ୍ଟି ହେବା ଆଶା କରାଯାଇଛି। ଏହି କାର୍ଯ୍ୟକ୍ରମର ନିୟମିତ ବ୍ୟବସ୍ଥାପନା ଓ ସମନ୍ୱୟ ପାଇଁ ପରିବେଶ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ପ୍ରକାଶ ଚନ୍ଦ୍ର ମିଶ୍ର ଓ ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀ ଓ ବିଶେଷକରି ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଜିଲ୍ଲା ଆଇନସେବା ପ୍ରାଧିକରଣ

ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ପୁଲିସ୍ ହାଇସ୍କୁଲ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ




ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଜିଲ୍ଲା ଆଇନସେବା ପ୍ରାଧିକରଣର ପ୍ରଶିକ୍ଷିତ ପାରାଲିଗାଲ୍ ସ୍ୱେଚ୍ଛାସେବୀ ଏବଂ ପୁଲିସ୍ ହାଇସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମନ୍ ଜେନା ପରିଚାଳନା କରିଥିବାବେଳେ ଜିଲ୍ଲା ଜଙ୍ଗଲ ବିଭାଗର ଅଧିକାରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ।

## ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ

ଯୁବ ପ୍ରଶିକ୍ଷଣ ଟ୍ରଷ୍ଟ ଓ ଏନସିସି କଟକ




ଗ୍ରୁପ ଓ ବାଟାଲିୟନ ନାଭାଲ ୟୁନିଟ, ଭଦ୍ରକର ସହଯୋଗିତାରେ ବାଲେଶ୍ୱର ଜିଲ୍ଲାର ଯୁଦ୍ଧେଷ୍ଟିପୁରଠାରେ ଥିବା ସିଦ୍ଧି ବିନାୟକ ପବ୍ଲିକ ସ୍କୁଲଠାରେ 'ବିଶ୍ୱ ପରିବେଶ ଦିବସ' ଉପଲକ୍ଷେ ଏକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ଏନସିସି ଓଡ଼ିଶାର ନିର୍ଦ୍ଦେଶକ କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ, ସମ୍ମାନିତ ଅତିଥି ଭାବରେ କମାଣ୍ଡିଙ୍ଗ ଅଫିସର ସୁଦୀପ ସାହୁ ଓ ଓଡ଼ିଶା ଯୁବ ପ୍ରଶିକ୍ଷଣ ଟ୍ରଷ୍ଟର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ସ୍ୱାଇଁ ଯୋଗଦାନ କରିଥିଲେ। ସମାଜରେ ପରିବେଶ ସୁରକ୍ଷା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବା ଦିଗରେ ଜନଜାଗରଣ ସୃଷ୍ଟି କରିବା ଏହି ଦିବସର ମୂଳ ଲକ୍ଷ୍ୟ ଓ ପରିବେଶର ସନ୍ତୁଳନ ରକ୍ଷା କରିବା ପାଇଁ ବାଲେଶ୍ୱରର ଶ୍ରୀ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲଠାରେ ଅତିଥି ମାନଙ୍କର ଦ୍ୱାରା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଏକ ଶୋଭାଯାତ୍ରା ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଶୋଭାଯାତ୍ରାରେ ଏନସିସି କ୍ୟାଡେଟ ଓ ସ୍କୁଲର ଛାତ୍ରଛାତ୍ରୀଙ୍କ ସମେତ ଏନ୍‌ସିସିର ପଦାଧିକାରୀ, ଯୁବ ପ୍ରଶିକ୍ଷଣ ଟ୍ରଷ୍ଟର ପରିଚାଳନା ନିର୍ଦ୍ଦେଶିକା ସୋମ୍ୟାରାଣୀ ମହାପାତ୍ର, ଏନଜିଓର ମୁଖ୍ୟ ସନ୍ଧ୍ୟାରାଣୀ ପତିଙ୍କ ସମେତ ଟ୍ରଷ୍ଟର ଅନ୍ୟାନ୍ୟ କାର୍ମଚାରୀ ଉପସ୍ଥିତ ଥିଲେ।


# ବିଶ୍ୱ ପରିବେଶ ଦିବସରେ କାର୍ଯ୍ୟଶାଳା



ବାଲେଶ୍ୱର, ୫।୬ (ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ତାଳପଦା ବେଳାଭୂମିରେ ଏକ କାର୍ଯ୍ୟଶାଳା ଆୟୋଜିତ ହୋଇଥିଲା। ଯାହାର ଉଦ୍ଦେଶ୍ୟ ଥିଲା 'ପ୍ଲାଷ୍ଟିକର ଅନ୍ତଃ କରି ଏକ ସୁସ୍ଥ ଆଗାମୀ ଗଠନ' କରିବା। ଏହି କାର୍ଯ୍ୟକ୍ରମରେ ଗ୍ରାମ ବନ ପରିଷଦ ସଦସ୍ୟ, ଏସଏଚଜିମାନେ, ପଞ୍ଚାୟତ ପ୍ରତିନିଧି ଓ ସରପଞ୍ଚ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ୱାଇଲ୍ଡ ଲାଇଫ ଟ୍ରଷ୍ଟ ଅଫ ଇଣ୍ଡିଆ ସହଯୋଗରେ ବିକାଶ ସାଥୀ ସଂସ୍ଥା ଦ୍ୱାରା ନିଷ୍ପାଦିତ କରାଯାଇଥିଲା। ଡ. ବିଶ୍ୱଜିତ ପଣ୍ଡା, ବିକାଶ ସାଥୀର ସଂସ୍ଥାପକ, ଏହି କାର୍ଯ୍ୟଶାଳାରେ ପ୍ଲାଷ୍ଟିକର ମାରାଷକ ପ୍ରଭାବ ଓ ଏହା ମାରିନ ଇକୋସିଷ୍ଟମ୍ ଉପରେ ପକାଉଥିବା ଘାତକ ପ୍ରଭାବ ବିଷୟରେ ଅବଗତ କରାଇଲେ। ରଶ୍ମିତା କବଟ ଘୋଷ୍ଟ ନେଟ ବିଷୟରେ କହି ଏହା କିପରି ହୋର୍ସସ୍‌ଉ କ୍ରାବ ଓ ଅନ୍ୟାନ୍ୟ ସାମୁଦ୍ରିକ ପ୍ରାଣୀଙ୍କ ପାଇଁ ମାରାତ୍ମକ ସାବ୍ୟସ୍ତ ହେଉଛି, ତାହା ଉପସ୍ଥାପନ କରିଥିଲେ। ରେବତୀ ସିଂହ ସୁସ୍ଥ ଓ ସ୍ଥାୟୀ ମାଛ ଧରିବା ପ୍ରଥା ବିଷୟରେ ବ୍ୟାଖ୍ୟା କରିଥିଲେ। କାର୍ଯ୍ୟକ୍ରମ ସମାପ୍ତିରେ ଗ୍ରାମ ବନ ପରିଷଦ ସଦସ୍ୟମାନେ ପ୍ଲାଷ୍ଟିକ ବ୍ୟବହାର ଉପରେ ଏକ ଅନୁଭୂତିମୂଳକ ନାଟ୍ୟ ଅଭିନୟ କରି ଏହାର ଅସାମାନ୍ୟ ପ୍ରଭାବକୁ ଦେଖାଇଲେ। ଏହି ପ୍ରୟାସ ଦ୍ୱାରା ଗ୍ରାମୀଣ ଅଞ୍ଚଳରେ ପ୍ଲାଷ୍ଟିକ ବିରୋଧୀ ଜାଗୃତି ବୃଦ୍ଧି ପାଇଛି ଓ ଏକ ପରିଷ୍କୃତ ସାମୁଦ୍ରିକ ପରିବେଶ ପାଇଁ ସମ୍ମିଳିତ ଚେଷ୍ଟା ଆରମ୍ଭ ହୋଇଛି।

ସକାଳ
THE SAKALA

# ସମ୍ପାଦକୀୟ



କୃଷି ହିଁ ମଣିଷ ପାଇଁ ସବୁଠାରୁ ସ୍ୱାସ୍ଥ୍ୟପ୍ରଦ, ସର୍ବାଦୌ ଉପଯୋଗୀ ଓ ସର୍ବୋତ୍ତମ ନିଯୁକ୍ତି କ୍ଷେତ୍ର ।
-ଜର୍ଜ ୱାଶିଂଟନ୍

## ଜାତିସଂଘର ମତିଭ୍ରମ

ଜାତିସଂଘର ଆତଙ୍କବାଦ ନିରୋଧ ପରିଷଦରେ ପାକିସ୍ତାନକୁ ଚଳିତ ବର୍ଷ ଉପାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି । ଏଥିସହିତ ଜାତିସଂଘର ସବୁଠାରୁ ଶକ୍ତିଶାଳୀ ଓ ପ୍ରଭାବଶାଳୀ ଅନୁଷ୍ଠାନ ଭାବେ ପରିଚିତ ସୁରକ୍ଷା ପରିଷଦ ଅଧୀନସ୍ଥ 'ତାଲିବାନ୍ କଟକଣା କମିଟି' ଅଧ୍ୟକ୍ଷତା ମଧ୍ୟ ପାକିସ୍ତାନ କରିବ। ସାମ୍ପ୍ରତିକ ବିଶ୍ୱ କୂଟନୀତିରେ ଏହାଠାରୁ ବଳି ବଡ଼ ବିଡ଼ମ୍ବନା ଆଉ କ'ଣ ହୋଇପାରେ। ଏଭଳି ଦୁର୍ଭାଗ୍ୟଜନକ ଓ ହାସ୍ୟାସ୍ପଦ ବାସ୍ତବତାକୁ ଭାରତ ସମେତ ସାରା ବିଶ୍ୱ ଦେଖୁଛି । ଆତଙ୍କବାଦର ମୁଖ୍ୟ ରପ୍ତାନୀକାରୀ ରାଷ୍ଟ୍ର ପାକିସ୍ତାନକୁ ଦଣ୍ଡିତ କରିବା ବଦଳରେ ଜାତିସଂଘର ଏହି ନିଷ୍ପତ୍ତି ସେହି ରାଷ୍ଟ୍ରକୁ ପୁରସ୍କୃତ କରିବା ଭଳି ହୋଇଛି ।

ତାଲିବାନ୍ ଆତଙ୍କବାଦୀ ଅଧ୍ୟୁଷିତ ଆଫ୍‌ଗାନିସ୍ତାନରେ ଶାନ୍ତି ପ୍ରତିଷ୍ଠା ଓ ନାଗରିକଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଜାତିସଂଘ ଦ୍ୱାରା ଗଠିତ '୧୯୮୮ କମିଟି' ଭାବେ ଜଣାଶୁଣା 'ତାଲିବାନ୍ କଟକଣା କମିଟି'ର କର୍ତ୍ତବ୍ୟ ଓ ମୁଖ୍ୟ ଦାୟିତ୍ୱ ହେଉଛି ତାଲିବାନ୍ ସଂଗଠନ ଏବଂ ତା'ସହିତ ସମ୍ପର୍କ ରଖିଥିବା ସଂଗଠନର ସମ୍ପତ୍ତି ବାଜ୍ୟାପ୍ତି କରିବା, ସେ ଦେଶର ନାଗରିକଙ୍କ ପାଇଁ ପର୍ଯ୍ୟଟନ କଟକଣା ଲାଗୁ କରିବା, ଅସ୍ତ୍ରଶସ୍ତ୍ରର ଚୋରା ଚାଲାଣକୁ ନିରୁତ୍ସାହିତ କରିବା । ପ୍ରତିବର୍ଷ ଏହି କମିଟି ପୁନର୍ଗଠନ କରାଯାଇ ନୂଆ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଦାୟିତ୍ୱ ଜାତିସଂଘର ବିଭିନ୍ନ ସଦସ୍ୟ ରାଷ୍ଟ୍ରଙ୍କ ଉପରେ ନ୍ୟସ୍ତ କରାଯାଏ। ଚଳିତ ବର୍ଷ ପାଇଁ ପାକିସ୍ତାନ ଏହାର ଅଧ୍ୟକ୍ଷ ହୋଇଥିବା ବେଳେ ରୁଷିଆ ଭଳି ଶକ୍ତିଶାଳୀ ରାଷ୍ଟ୍ର ଉପାଧ୍ୟକ୍ଷ ପଦରେ ସନ୍ତୁଷ୍ଟ ହୋଇଛି । କେବଳ ସେତିକି ନୁହେଁ ବିଶ୍ୱରେ ଆତଙ୍କବାଦୀ କାର୍ଯ୍ୟକଳାପ ନିୟନ୍ତ୍ରଣ ପାଇଁ ଜାତିସଂଘ ଦ୍ୱାରା ଗଠିତ '୧୩୭୩ କାଉଣ୍ଟର ଟେରରିଜିମ୍ କମିଟି'ରେ ମଧ୍ୟ ପାକିସ୍ତାନ ସହିତ ସମାନ ସ୍ତରରେ ଫ୍ରାନ୍ସ, ରୁଷିଆ ଭଳି ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ରାଷ୍ଟ୍ର କାମ କରିବେ । ଆତଙ୍କବାଦୀ କାର୍ଯ୍ୟକଳାପରୁ ବହୁଦୂରରେ ଥିବା ଡେନ୍‌ମାର୍କ 'ଅଲ୍‌କାଏଦା ସାଙ୍ଗସନ୍ କମିଟି' ଓ '୧୨୬୭ ଆଇଏସଆଇଏଲ୍'ର ଅଧ୍ୟକ୍ଷ ପଦ ସମ୍ଭାଳିବେ । ଜାତିସଂଘର ସୁରକ୍ଷା ପରିଷଦର ୧୫ ଜଣିଆ ସଦସ୍ୟ ବିଶିଷ୍ଟ ଅସ୍ଥାୟୀ କମିଟିରେ ପାକିସ୍ତାନକୁ ସଦସ୍ୟତା ସହିତ କଟକଣା ଓ ପ୍ରକ୍ରିୟାଗତ କମିଟିରେ ମଧ୍ୟ ଉପାଧ୍ୟକ୍ଷତା କରିବାର ସୁଯୋଗ ମିଳିଛି ।

ପାକିସ୍ତାନର ପ୍ରଚ୍ଛନ୍ନ ଓ ପ୍ରାୟୋଜିତ ସୀମାପାର ଆତଙ୍କବାଦୀ କାର୍ଯ୍ୟକଳାପ ଘେନି ଭାରତ ସପ୍ରମାଣ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଆସୁଛି । ଜାତିସଂଘ ମଧ୍ୟ ଏ ବିଷୟରେ ବେଶ୍ ଅବଗତ ଅଛି । ଆମେରିକା, ବ୍ରିଟେନ୍, ଇରାନ୍ ଆଦି ଦେଶ ପାକିସ୍ତାନକୁ ଆତଙ୍କବାଦୀ ରପ୍ତାନୀ ଦେଶ ଭାବେ ଅଭିହିତ କରିଛନ୍ତି । ଫାଇନାନ୍ସିଆଲ୍ ଆକ୍‌ସନ୍ ଟାସ୍କ ଫୋର୍ସ(ଏଫଏଟିଏଫ୍) ତାଲିକାରେ ପାକିସ୍ତାନକୁ ସନ୍ଦେହାସ୍ପଦ ରାଷ୍ଟ୍ର ଭାବେ ତାଲିକାଭୁକ୍ତ କରାଯାଇଛି । ବିଶ୍ୱର ବିଭିନ୍ନ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବା ଅଲ୍ କାଏଦା, ଲସ୍କର ଏ ତୋଇବା, ଜୈସ ଏ ମହମ୍ମଦ ପରି କୁଖ୍ୟାତ ଆତଙ୍କବାଦୀ ସଂଗଠନକୁ ପାକିସ୍ତାନ ଆର୍ଥିକ, ସାମରିକ ସହାୟତା ଯୋଗାଇବା ସହିତ ନିଜ ମାଟିରେ ଲାଳନ ପାଳନ କରିଆସୁଛି। ପାକିସ୍ତାନ ମାଟିରେ ପରିପୁଷ୍ଟ ଅଲ୍‌କାଏଦା ଓ ଆଶ୍ରିତ ଓସାମା ବିନ୍ ଲାଡେନ୍‌କୁ ଆବୋଟାବାଦ୍(ପାକିସ୍ତାନ)ରେ ଆମେରିକା ୨୦୧୧ରେ ନିପାତ କରିବା ପରେ ପାକିସ୍ତାନର ଆତଙ୍କବାଦୀ ଉତ୍ପାଦନ କେନ୍ଦ୍ର ସମ୍ପର୍କରେ ବିଶ୍ୱର ଆଉ କୌଣସି ସନ୍ଦେହ ନଥିଲା ।

ଏହି ଆତଙ୍କବାଦୀ ସଂଗଠନଗୁଡ଼ିକ ପାକିସ୍ତାନୀ ସେନା ଓ ଗୁପ୍ତଚର ସଂସ୍ଥା ଆଇଏସ୍‌ଆଇର ପ୍ରଚ୍ଛନ୍ନ ତାଲିମ୍, ଗୁଇନ୍ଦା ତଥ୍ୟ, ପାଣ୍ଠି ଓ ଅସ୍ତ୍ରଶସ୍ତ୍ରରେ ବଳୀୟାନ୍ ହୋଇଥିବା ବେଳେ ପ୍ରତିବଦଳରେ ସେମାନେ ପାକିସ୍ତାନ ସେନା ଓ ଆଇଏସ୍‌ଆଇକୁ ସେଠାକାର ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ପ୍ରଭାବ ବିସ୍ତାରରେ ସହାୟତା କରିଆସୁଛନ୍ତି । ବିଶେଷକରି ପାକିସ୍ତାନର ମୁଖ୍ୟ ଶତ୍ରୁ ଭାରତକୁ ଅଶାନ୍ତ ରଖିବାରେ ପ୍ରଚ୍ଛନ୍ନ ଭୂମିକା ଗ୍ରହଣ କରିଛନ୍ତି । ଭାରତୀୟ ସଂସଦ ଉପରେ ଆକ୍ରମଣରୁ ଆରମ୍ଭ କରି ମୁମ୍ବାଇ ତାଜ୍ ହୋଟେଲ୍ ଆକ୍ରମଣ, ସିରିଜ୍ ବୋମା ବିସ୍ଫୋରଣ, ଉରି, ପଠାନକୋଟ, ପୁଲୱାମା ସେନା ବାହିନୀ ଉପରେ ଆକ୍ରମଣ ଏବଂ ସଦ୍ୟତମ କାଶ୍ମୀରର ପହଲ୍‌ଗାମ୍‌ରେ ୨୬ଜଣ ପର୍ଯ୍ୟଟକଙ୍କୁ ଧର୍ମ ପଚାରି ଅମାନୁଷିକ ହତ୍ୟା ପରି ଘଟଣା ଭିଆଇ ପାକିସ୍ତାନ ନିଜ ଆତଙ୍କବାଦୀ ଭାବମୂର୍ତ୍ତି ଉପରେ ସବର୍ଗେ ମୋହର ମାରିଛି ।

ଗତ ଏପ୍ରିଲ୍ ୨୨ ତାରିଖରେ କାଶ୍ମୀର ପହଲ୍‌ଗାମ୍ ଆତଙ୍କବାଦୀ ଘଟଣା ପ୍ରତିବାଦରେ ଗତ ମେ' ୭ ତାରିଖରେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ 'ଅପରେସନ୍ ସିନ୍ଦୂର' ପରେ ନିହତ ଆତଙ୍କବାଦୀଙ୍କ ମରଶରୀରକୁ ପାକିସ୍ତାନ ସରକାର ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ସତ୍କାର କରିବା ହେଉ କିମ୍ବା ସେମାନଙ୍କ ଶବାଧାରରେ ପାକିସ୍ତାନୀ ସେନା ଓ ମନ୍ତ୍ରୀମାନେ ସାମିଲ୍ ହେବା ଏବଂ ସଦ୍ୟତମ ପଞ୍ଜାବ ପ୍ରଦେଶର ବାଚସ୍ପତି ଓ ଆମେରିକା ଦ୍ୱାରା କଳାତାଲିକାଭୁକ୍ତ ଲସ୍କର ଏ ତୋଇବାର ଦୁଇ ଆତଙ୍କବାଦୀଙ୍କ ସହିତ ଗୋଟିଏ ମଞ୍ଚରେ ଭାଷଣ ଦେବାର ଫଟୋ ଓ ଭିଡିଓ ଚିତ୍ର ଜରିଆରେ 'ପାକିସ୍ତାନ ସରକାର-ସେନା-ଆତଙ୍କବାଦୀ' ଘନିଷ୍ଠ ସମ୍ପର୍କର ଚାକ୍ଷୁସ ପ୍ରମାଣ ସାରା ବିଶ୍ୱ ଦେଖିଛି । ଏହା ସତ୍ତ୍ୱେ ଜାତିସଂଘର ଆତଙ୍କବାଦ ନିରୋଧ କମିଟିରେ ପାକିସ୍ତାନକୁ ଉପାଧ୍ୟକ୍ଷ ପଦ ଯାଚିଦେବା କେତେ ସମୀଚୀନ ତାହା ବିଚାର୍ଯ୍ୟ ।

ଆହୁରି ଉଦ୍‌ବେଗଜନକ ହେଲା ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଅଭିଯୋଗରେ ପାକିସ୍ତାନକୁ ଋଣ ଓ ଅନୁଦାନ ପ୍ରଦାନରେ କଟକଣା ଜାରି କରିଥିବା ଆନ୍ତର୍ଜାତିକ ମୁଦ୍ରାପାଣ୍ଠି 'ଅପରେସନ୍ ସିନ୍ଦୂର' ସମୟରେ ଭାରତର ବିରୋଧ ସତ୍ତ୍ୱେ ୨.୪ ବିଲିୟନ ଡଲାର ଯୋଗାଇ ଦେଇଥିଲା । ଏହା ପରେ ପରେ ପାକିସ୍ତାନକୁ ବିଶ୍ୱବ୍ୟାଙ୍କ ୪୦ ବିଲିଅନ୍ ଡଲାର ଯୋଗାଇ ଦେବା ପାଇଁ ନିଷ୍ପତ୍ତି ନେଇଛି ଏବଂ ଗତ ୩ ତାରିଖରେ ଏସିଆ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ ୮୦୦ ନିୟୁତ ଡଲାର ଯୋଗାଇ ଦେଇଛି ।

ଏଭଳି ଏକ ଦୁଷ୍ଟ ମନୋବୃତ୍ତି ସମ୍ପନ୍ନ ରାଷ୍ଟ୍ରକୁ ବିଶ୍ୱସ୍ତରରେ ସହାୟତା ଓ ସମ୍ମାନ ଦେବା ବିଶ୍ୱଶାନ୍ତିର ପରିପନ୍ଥୀ ଓ ମାନବ ସଭ୍ୟତା ପ୍ରତି ହିତକର ନୁହେଁ । ବିଶେଷକରି ଭାରତ ପାଇଁ ଏହା ଆଦୌ ଶୁଭସୂଚନା ନୁହେଁ । ଜାତିସଂଘର ଏହି ମତିଭ୍ରମ ପରେ ଏସିଆର ଭୂରାଜନୀତି ଓ କୂଟନୀତିରେ ଭାରତ ଆଗରେ ଅନେକ ଆହ୍ୱାନ ସୃଷ୍ଟି ହୋଇଛି । ତେଣୁ ଭାରତ ଏ ଦିଗରେ ତତ୍ପରତା ପ୍ରକାଶ କରିବା ସହିତ ବୈଦେଶିକ ଓ କୂଟନୀତିରେ ସମୟୋପଯୋଗୀ ପରିବର୍ତ୍ତନ ଆଣିବା ଦରକାର ।

## ଭାରତୀୟ କୃଷିରେ ଉପନିବେଶ ପ୍ରଭାବ

ଶ୍ରୀବତ୍ସ ନାୟକ

ଭାରତୀୟ ଅର୍ଥନୀତିର ପ୍ରମୁଖ ବୈଶିଷ୍ଟ୍ୟ ହେଉଛି କୃଷି। ଉପନିବେଶବାଦ ପୂର୍ବରୁ ଭାରତୀୟମାନେ କୃଷି, ପଶୁପାଳନ, ମତ୍ସ୍ୟଚାଷ କରି ବେଶ୍ ଖୁସିରେ ଜୀବନ ଯାପନ କରୁଥିଲେ। ପ୍ରାକୃତିକ ସମ୍ପଦରେ ଭରପୂର ଏବଂ କୃଷି ଅନୁକୂଳ ଜଳବାୟୁ ଯୋଗୁଁ ଭାରତ ଖାଦ୍ୟଶସ୍ୟ ଉତ୍ପାଦନରେ ପୃଥିବୀରେ ବଳକା ଦେଶ ଭାବେ ପରିଗଣିତ ହେଉଥିଲା । ଶିଳ୍ପ ବିପ୍ଳବ ସମୟରେ ଏହି ଖାଦ୍ୟ ଶସ୍ୟକୁ ଇଂରେଜମାନେ ସେମାନଙ୍କ ଶିଳ୍ପରେ କଞ୍ଚାମାଲ ରୂପେ ବ୍ୟବହାର କରିବା ପାଇଁ ଭାରତର କୃଷି ବ୍ୟବସ୍ଥାକୁ ବାଣିଜ୍ୟକରଣ କରିଦେଲେ। ଦୀର୍ଘ ୨୦୦ ବର୍ଷ ଧରି ବ୍ରିଟିଶ କବଳରେ ରହି ଭାରତର କୃଷି ବ୍ୟବସ୍ଥା ବିଗିଡ଼ି ଗଲା । ଖାଦ୍ୟାଭାବ, ମରୁଡ଼ି ଓ ଅନାହାରରେ ଅନେକ ଲୋକ ମୃତ୍ୟୁବରଣ କଲେ ।

କୃଷି ବ୍ୟତୀତ ଭାରତର ହସ୍ତଶିଳ୍ପ ମଧ୍ୟ ବେଶ୍ ପ୍ରସିଦ୍ଧି ଲାଭ କରିଥିଲା। ରେଶମ ବସ୍ତ୍ର, ପଥର ଖୋଦେଇ, ତାରକସି କାମ, ତାଳପତ୍ର ଲିଖନ, ଚାନ୍ଦୁଆ ଆଦି କ୍ଷେତ୍ରରେ ଉଚ୍ଚମାନର କାରିଗରୀ ଏବଂ ଉତ୍ତମ ଗୁଣବତ୍ତାର ସାମଗ୍ରୀଗୁଡ଼ିକର ଚାହିଦା ବିଦେଶ ବଜାରରେ ଢେର ଅଧିକ ଥିଲା। ଏହା ହିଁ ଇଉରୋପୀୟ ଆର୍ଥିକ ସମୃଦ୍ଧି ପୃଷ୍ଠଭୂମି ଥିଲା। ସପ୍ତଦଶ ଶତାବ୍ଦୀରେ ବାଣିଜ୍ୟ ମାର୍ଗରେ ଅଧିକାର ସ୍ଥାପିତ ସତ୍ତ୍ୱେ ଉରୋପୀୟମାନେ(ଡଚ୍, ବ୍ରିଟିଶ, ପର୍ତ୍ତୁଗୀଜ) ଦୀର୍ଘକାଳୀନ ଭିତ୍ତିରେ ଭାରତ ଓ ପାଶ୍ଚାତ୍ୟ ଦେଶମାନଙ୍କ ମଧ୍ୟରେ ଚାଲି ଆସିଥିବା ମୂଳ ବ୍ୟବସାୟୀ ଢାଞ୍ଚାକୁ ବଦଳାଇବାର ସୁଯୋଗ ପାଇ ନ ଥିଲେ। କିନ୍ତୁ ପଲାସି ଯୁଦ୍ଧରେ ବ୍ରିଟିଶମାନେ ବଙ୍ଗର ନବାବ ସିରାଜୌଦ୍ଦଲାଙ୍କୁ ପରାସ୍ତ କରି ୧୭୫୭ ମସିହାରେ ବଙ୍ଗ, ବିହାର ଓ ଓଡ଼ିଶା ଶାସନ ନିଜ ହାତକୁ ନେଇ ତାଙ୍କ ସାମ୍ରାଜ୍ୟର ମୂଳଦୁଆ ଭାରତରେ ସ୍ଥାପିତ କରାଇଥିଲେ। ତତ୍କାଳୀନ ଇଂରେଜ ଶାସକ କ୍ଲାଇବଙ୍କର ମୁଖ୍ୟ ଲକ୍ଷ୍ୟ ରହିଲା ଅର୍ଥ ଓ ଯୁଦ୍ଧ ।

ଜୀବନ ଜୀବିକା ନିମନ୍ତେ ଭାରତରେ ଉତ୍ପାଦନ ହେଉଥିବା ପାରମ୍ପରିକ ଖାଦ୍ୟଶସ୍ୟ ବଦଳରେ ବ୍ରିଟିଶ ଶିଳ୍ପପତିମାନେ ମାତ୍ରାଧିକ ପାରିଶ୍ରମିକ ମୂଲ୍ୟ ମାଧ୍ୟମରେ ଅର୍ଥକରୀ ଫସଲ(ଔଦୌଗିକ କ୍ଷେତ୍ରରେ ବ୍ୟବହୃତ କଞ୍ଚାମାଲ ଯଥା ଆଖୁ, ତୈଳବୀଜ, ଚା, କଫି, ଝୋଟ, କପା)ଚାଷ କରିବା ପାଇଁ ଭାରତୀୟ ଚାଷୀମାନଙ୍କୁ ପ୍ରୋତ୍ସାହିତ କରୁଥିଲେ। ବିଶେଷକରି ବ୍ରିଟେନ୍‌ରେ ଦ୍ରୁତଗତିରେ ଅଭିବୃଦ୍ଧି କରୁଥିବା କପଡ଼ା ଶିଳ୍ପ ନିମନ୍ତେ ଉତ୍ତମ ଗୁଣବତ୍ତାର କଞ୍ଚାମାଲ୍ ବା କପା ଉତ୍ପାଦନ ନିମନ୍ତେ ସେମାନେ ଧ୍ୟାନ ଦେଇଥିଲେ। ତେଣୁ ସେମାନେ ନିଜକୁ ସୁହାଇଲା ଭଳି ନୀତି ନିୟମ ପ୍ରଣୟନ କରି ଔଦ୍ୟୋଗିକ ଫସଲ ଉତ୍ପାଦନ କ୍ଷେତ୍ରରେ ସମସ୍ତ ଚାଷୀଙ୍କୁ ନିୟୋଜିତ କରେଇଥିଲେ ଏବଂ ବେଶ୍ ଲାଭବାନ ହେଉଥିଲେ। ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଭାରତୀୟ ଚାଷୀମାନେ ଅଫିମ, ଝୋଟ, କପା, ରେଶମ, ନୀଳ ଚା, ଅଫିମ, କଫି ଆଦି ଉତ୍ପାଦନ କରୁଥିଲେ। ଦି କେମ୍ବ୍ରିଜ୍ ଇକୋନୋମିକ ହିଷ୍ଟ୍ରି ଅଫ୍ ଇଣ୍ଡିଆ(ଭାଗ ଦୁଇ, ୧୯୮୩)ର ତଥ୍ୟ ଅନୁସାରେ ୧୮୮୧ରୁ୧୯୪୧ ମସିହା ମଧ୍ୟରେ ଭାରତରୁ ୭୫୪.୧ ନିୟୁତ ଟଙ୍କାର ଝୋଟ, ୧୬୧୯ ନିୟୁତ ଟଙ୍କାର କପା, ୯୬୭୪.୧ ନିୟୁତ ଟଙ୍କାର ଚା', ୨୪୯.୪ ନିୟୁତ ଟଙ୍କାର କଫି ବିଦେଶକୁ ରପ୍ତାନୀ କରାଯାଇଥିଲା ।

ତେଣୁ ଉପନିବେଶବାଦ ଯୁଗରେ ଭାରତରେ ଅର୍ଥକରୀ ଫସଲର ଉତ୍ପାଦନ ବଢ଼ିବା ସହିତ ଚାଷୀମାନଙ୍କୁ ପାରମ୍ପରିକ ଖାଦ୍ୟଶସ୍ୟ ଉତ୍ପାଦନରୁ ନିବୃତ୍ତ କରାଗଲା। ବ୍ରିଟିଶ ସୈନିକମାନଙ୍କ ପାଇଁ ଭାରତରେ ଉତ୍ପାଦନ ହେଉଥିବା ଖାଦ୍ୟଶସ୍ୟ ପଠାଗଲା । ଅର୍ଥନୀତିରେ ନୋବେଲ ପୁରସ୍କାର ପ୍ରାପ୍ତ ଅମର୍ତ୍ତ୍ୟ ସେନ୍ ତାଙ୍କ ପୁସ୍ତକ 'ଇନ୍ ଫେମିନ ଅଫ୍ ୧୯୪୩'ରେ ଦର୍ଶାଇଛନ୍ତି ଯେ '୧୮୮୧ ରୁ ୧୯୪୧ ମସିହା ମଧ୍ୟରେ ମଧ୍ୟରେ ଭାରତରେ ବାଣିଜ୍ୟଭିତ୍ତିକ ଦ୍ରବ୍ୟ ଉତ୍ପାଦନ ୮୫ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଜୀବନ ଧାରଣ ନିମନ୍ତେ ଖାଦ୍ୟଶସ୍ୟର ପରିମାଣ ମାତ୍ର ୭ ପ୍ରତିଶତ ବୃଦ୍ଧି ହୋଇଥିଲା । ବାର୍ଷିକ ଅର୍ଥକାରୀ ଫସଲ ଉତ୍ପାଦନର ହାର ୦.୫୭ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ପାରମ୍ପରିକ ଖାଦ୍ୟଶସ୍ୟର ଉତ୍ପାଦନର ହାର ୧.୧୫ ପ୍ରତିଶତ ହ୍ରାସ ପାଇଥିଲା । ଫଳରେ ଭାରତରେ ଖାଦ୍ୟାଭାବ ଦେଖାଯିବା ସହ ଦୁର୍ଭିକ୍ଷର ସୂତ୍ରପାତ୍ର ହେଲା । ଉପନିବେଶବାଦ ଯୁଗରେ ଭାରତରେ ମୋଟ ୩୩ ଥର ଛୋଟବଡ଼ ଦୁର୍ଭିକ୍ଷ ହୋଇଥଲା । ଏହି ସମୟ ମଧ୍ୟରେ ଦେଶରେ ଖାଦ୍ୟଶସ୍ୟର ଉତ୍ପାଦନ ହାର ୦.୩୭ ପ୍ରତିଶତ ଥିବା ବେଳେ ଜନସଂଖ୍ୟା ବୃଦ୍ଧିର ହାର ଥିଲା ୦.୬୭ ପ୍ରତିଶତ । ତେଣୁ ଭାରତରେ ଜନସଂଖ୍ୟାର ବିସ୍ଫୋରଣ ସାଙ୍ଗକୁ ଖାଦ୍ୟଶସ୍ୟର ଉତ୍ପାଦନର ହାର କମ୍ ହେବା ମଧ୍ୟ ଦୁର୍ଭିକ୍ଷର ଅନ୍ୟଏକ କାରଣ ଥିଲା ।

ସେ ସମୟରେ ଚାଷୀମାନଙ୍କୁ ଅଧିକ ଖଜଣା ଦେବାକୁ ପଡୁଥିବାରୁ ସେମାନେ ଲାଭଦାୟକ କୃଷି କରିବାକୁ ବାଧ୍ୟ ହେଉଥିଲେ। ଯଦିଓ ଇଂରେଜ ସରକାର ଜଳସେଚନ ଏବଂ କୃଷି ନିମନ୍ତେ ଆଧୁନିକ ଜ୍ଞାନକୌଶଳର ପ୍ରଚଳନ କରିଥିଲେ, ତଥାପି ଏହା ମହଙ୍ଗା ଥିବାରୁ ଛୋଟ ଚାଷୀ ଉପକୃତ ହୋଇପାରିଲେ ନାହିଁ । ୧୮୭୦ ମସିହାରେ ଡଲାର ଚାହିଦା ପୃଥିବୀରେ କମିଯିବା ଫଳରେ କୃଷକମାନେ ଋଣଗ୍ରସ୍ତ ହୋଇ ଦୁର୍ଭିକ୍ଷରେ ପୀଡ଼ିତ ହେଲେ । ଏହାର ଫଳ ହେଲା କୃଷକ ଆନ୍ଦୋଳନ। ୧୯୩୦ରେ ଝୋଟ ଶିଳ୍ପଗୁଡ଼ିକ ଧ୍ୱଂସ ପାଇବା ଫଳରେ ବଙ୍ଗଳାରେ ୧୯୪୩ରେ ଏକ କରାଳ ଦୁର୍ଭିକ୍ଷ ଦେଖାଦେଲା ।

ଭାରତରେ ୮୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରୁଥିବାରୁ ଭାରତର କୃଷି ବ୍ରିଟିଶ ସରକାରଙ୍କ ପାଇଁ ରାଜସ୍ୱର ଏକ ପ୍ରମୁଖ ଉତ୍ସ ଥିଲା। ସେଥିପାଇଁ ୧୭୯୩ ମସିହାରେ ଲର୍ଡ କର୍ଣ୍ଣୱାଲିସ୍ ଚିରସ୍ଥାୟୀ ବନ୍ଦୋବସ୍ତ ଓ ଅସ୍ଥାୟୀ ବନ୍ଦୋବସ୍ତ ନାମରେ ଦୁଇପ୍ରକାରର ଭୂ-ରାଜସ୍ୱ ନୀତି ପ୍ରଣୟନ କରିଥିଲେ। ଭାରତର ପୂର୍ବପଟେ ଜମିଦାର, ପଶ୍ଚିମରେ ମହଲୱାରି, ଦକ୍ଷିଣରେ ରୟତମାନଙ୍କ ଦ୍ୱରା ଭୂ-ରାଜସ୍ୱ ଆଦାୟ ଦାୟିତ୍ୱ ଇଂରେଜମାନେ ନ୍ୟସ୍ତ କରିଥିଲେ। ବହୁବର୍ଷ ପର୍ଯ୍ୟନ୍ତ ସେମାନେ ନିଷ୍ଠୁର ଭାବେ ରାଜସ୍ୱ ଆଦାୟ କଲେ। ଏପରିକି ଇଂରେଜମାନଙ୍କ ପ୍ରିୟପାତ୍ର ହେବା ପାଇଁ ସେମାନେ ସାଧାରଣ ଗରିବ, ଖଟିଖିଆ, କ୍ଷୁଦ୍ର ଚାଷୀମାନଙ୍କଠାରୁ ଜୋରଜବରଦସ୍ତି କର ଆଦାୟ କଲେ। ପ୍ରାକୃତିକ ଦୁର୍ବିପାକ ଯୋଗୁଁ ଆମଦାନୀ କମ୍ ହେଲେ ମଧ୍ୟ ଖଜଣା ଓ କର ପରିମାଣ ଅପରିବର୍ତ୍ତିତ ରହିଲା । ଖଜଣା ଖିଲାପକାରୀଙ୍କୁ ମିଳିଲା ଅକଥନୀୟ ଅତ୍ୟାଚାର। ଫିରିଙ୍ଗି ଶାସନର ଜୁଲମ ଅତ୍ୟାଚାର, ନିର୍ଯାତନା ଭୋଗିଲେ ଚାଷୀମାନେ ।

ଇଂରେଜମାନେ ଭଲରୂପରେ ଜାଣିଥିଲେ ଯେ, ଭାରତୀୟ କୃଷି ବ୍ୟବସ୍ଥା ଆତ୍ମନିର୍ଭରଶୀଳ ହୋଇଗଲେ ଭାରତ ବିକଶିତ ଦେଶ ରୂପେ ପରିଗଣିତ ହେବ ଏବଂ ବ୍ରିଟିଶ ରାଜ୍ ଚାଲିବନି। ତେଣୁ ସେମାନେ ସର୍ବଦା ଭାରତର କୃଷିକୁ ବରବାଦ କରିବା ପାଇଁ ଚାଷୀମାନଙ୍କଠାରୁ ମାତ୍ରାଧିକ କର ଦାବି କରୁଥିଲେ, ପାରମ୍ପରିକ କୃଷିକୁ ଧ୍ୟାନ ନଦେଇ ଲାଭଜନକ କୃଷିକୁ ପ୍ରୋତ୍ସାହନ ଦେଉଥିଲେ, ବ୍ରିଟିଶ ଶିଳ୍ପର ଅଭିବୃଦ୍ଧି ପାଇଁ ଭାରତକୁ କଞ୍ଚାମାଲ ଯୋଗାଣର ଦେଶ ବୋଲି ଅଭିହିତ କରୁଥିଲେ । କୃଷକ ଓ କୃଷି ମାରଣ ପନ୍ଥା ଅବଲମ୍ବନ କରି ଭାରତର କୃଷିକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦେଇଥିଲେ ।

ଉପନିବେଶବାଦ ଯୁଗର ପ୍ରଭାବ ଏପରି ପଡ଼ିଥିଲା ଯେ ସ୍ୱାଧୀନତା ପ୍ରାପ୍ତିର ୭୮ ବର୍ଷ ବିତିଯାଇଥିଲେ ମଧ୍ୟ ଉପେକ୍ଷିତ ଅବସ୍ଥାରେ ପଡ଼ିରହିଛି ଭାରତୀୟ କୃଷି ଓ କୃଷକ। କୃଷି ମନ୍ତ୍ରାଳୟର ତଥ୍ୟ ଅନୁସାରେ ୧୯୫୧ମସିହାରେ ଅର୍ଥବ୍ୟବସ୍ଥାକୁ କୃଷି କ୍ଷେତ୍ରର ଅବଦାନ ଥିଲା ୫୧ ପ୍ରତିଶତ। ଏବେ ଏହା ୧୮.୨ ପ୍ରତିଶତକୁ ଖସି ଆସିଛି । ୧୯୫୧ରେ କୃଷି କ୍ଷେତ୍ରରେ ୭୦ ପ୍ରତିଶତ ଶ୍ରମଶକ୍ତି ନିୟୋଜିତ ଥିବା ବେଳେ ସଂପ୍ରତି ଏହା କମି କମି ୪୨.୩ ପ୍ରତିଶତରେ ପହଞ୍ଚିଛି । କୃଷିପ୍ରଧାନ ଦେଶ ପାଇଁ ଏହାଠାରୁ ବଳି ଦୁର୍ଭାଗ୍ୟର ବିଷୟ ଆଉ କ'ଣ ଥାଇପାରେ! କୃଷି କ୍ଷେତ୍ରରେ ଏପରି ନିମ୍ନଗତିରୁ ଗୋଟିଏ କଥା ପ୍ରମାଣିତ ହେଉଛି ଯେ, କୃଷି କ୍ଷେତ୍ରର ବିକାଶ ପାଇଁ ଯାହା କରାଯିବା କଥା ଏବଂ ଯେପରି ଇଚ୍ଛାଶକ୍ତି ଆବଶ୍ୟକ, ତାହା ନାହିଁ । ସରକାର ପରେ ସରକାର ବଦଳିଛନ୍ତି । କିନ୍ତୁ ଫଳ ଶୂନ । ସମସ୍ତେ ଏଠାରେ ଚାଷୀ ଓ ଚାଷ ପାଇଁ ବିକଳ ହୁଅନ୍ତି, କାନ୍ଦନ୍ତି । କିନ୍ତୁ କାହାରି ଆଖିରେ ଲୁହ ନଥାଏ । ଅଧୁନା ଆମର ସରକାର ବିକଶିତ ଭାରତ ଓ ଆତ୍ମନିର୍ଭରଶୀଳ ଭାରତ କଥା କହୁଛନ୍ତି। କୃଷି ବ୍ୟବସ୍ଥାକୁ ଆତ୍ମନିର୍ଭରଶୀଳ ନକରି ପରାଧୀନ ତଥା ବଜାର ନିର୍ଭରଶୀଳ ବ୍ୟବସ୍ଥାକୁ ବଜାୟ ରଖିଲେ ଏହି ଲକ୍ଷ୍ୟ କେବେ ମଧ୍ୟ ସାକାର ହୋଇପାରିବ ନାହିଁ।

(ଅଧ୍ୟାପକ, ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ)
କଟକ, ମୋ: ୯୪୩୮୦୭୦୮୪୯

## ଚେତନା: ଏକ ଅନୁତ୍ତରିତ ପ୍ରଶ୍ନବାଚୀ

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

୧୯୯୮ ମସିହାରେ 'ଆସୋସିଏସନ୍ ଫର୍ ଦି ସାଇଣ୍ଟିଫିକ୍ ଷ୍ଟଡି ଅଫ୍ କନ୍‌ସସ୍‌ନେସ୍ (ଏଏସ୍‌ଏସ୍‌ସି)'ର ଏକ ସମ୍ମିଳନୀରେ ସ୍ନାୟୁବିଜ୍ଞାନୀ (ନ୍ୟୁରୋସାଇଣ୍ଟିଷ୍ଟ) 'କ୍ରିଷ୍ଟୋଫ୍ କୋକ୍' ବିଜ୍ଞାନୀ ଦାର୍ଶନିକ 'ଡେଭିଡ୍ ଚାମଜ୍'ଙ୍କ ସହ ଗୋଟିଏ ବାଜି ଲଗାଇଥିଲେ । କଗ୍‌ନିଟିଭ୍ ବା ସଜ୍ଞାନାତ୍ମକ ବିଜ୍ଞାନରେ ଗଭୀର ରୁଚି ରଖିଥିବା କୋକ୍ ଦୃଢ଼ ଭାବରେ ବିଶ୍ୱାସ କରୁଥିଲେ ଯେ ଖୁବ୍ ଶୀଘ୍ର ନ୍ୟୁରୋସାଇନ୍ସ ଚଳାଇଥିବା ପରୀକ୍ଷା ନିରୀକ୍ଷାରୁ ସ୍ପଷ୍ଟ ହୋଇଯିବ ଯେ ଚେତନା ବା ଆତ୍ମାନୁଭୂତି ଓ ସେଥିରୁ ସୃଷ୍ଟି ହେଉଥିବା 'ମୁଁ' ତ୍ୱ ବା ମମତ୍ୱବୋଧ ମୂଳରେ ରହିଛି ମଣିଷର ମସ୍ତିଷ୍କରେ ଥିବା କୋଟି କୋଟି ନିଉରନ ମଧ୍ୟରେ ନିରବଚ୍ଛିନ୍ନ ଭାବେ ଚାଲିଥିବା ପାରସ୍ପରିକ କ୍ରିୟା ପ୍ରତିକ୍ରିୟା। ସେ ବିଶ୍ୱାସ କରୁଥିଲେ ଯେ କନ୍‌ସସ୍‌ନେସ୍ ବ୍ୟାପାରଟି ସମ୍ପୂର୍ଣ୍ଣ ଏକ ଭୌତିକ ବ୍ୟାପାର ଏବଂ ସେଥିପାଇଁ ଏହା ମିଜରେବଲ୍ ବା ପରିମାପ ଯୋଗ୍ୟ । କିନ୍ତୁ ବିଜ୍ଞାନୀ-ଦାର୍ଶନିକ ଚାମଜ୍, ଯିଏ ବହୁ ପୂର୍ବରୁ କନ୍‌ସସ୍‌ନେସ୍‌କୁ ଏକ କଠିନତମ ସମସ୍ୟା ବୋଲି କହି ପଦାର୍ଥ ବିଜ୍ଞାନୀମାନଙ୍କୁ ସତର୍କ କରାଇ ଦେଇଥିଲେ, ସିଏ କୋକ୍‌ଙ୍କ ସହ ଏକମତ ହୋଇ ନଥିଲେ। ତେଣୁ କୋକ୍ ଯେତେବେଳେ ୧୯୯୮ ମସିହାର ସେ ସମ୍ମିଳନୀରେ କହିଲେ ଯେ ଆଉ ମାତ୍ର ୨୫ ବର୍ଷ ପରେ ବିଜ୍ଞାନ ନିଉରନ୍‌ମାନଙ୍କ ପାରସ୍ପରିକ ସମ୍ବନ୍ଧ ଓ କ୍ରିୟା ପ୍ରତିକ୍ରିୟାରୁ କିପରି ଚେତନା ତଥା ବ୍ୟକ୍ତିକୈନ୍ଦ୍ରିକ ଅନୁଭୂତି ସୃଷ୍ଟି ହୁଏ ତାହା ପ୍ରମାଣିତ କରିଦେବ, ଡେଭିଡ ଚାମଜ୍ ସ୍ୱାଭାବିକ ଭାବରେ ତାଙ୍କ ସହ ଅସହମତ ହେଲେ । ଜିଦ୍‌ବଶତଃ ହେଉ ବା ତୁଚ୍ଛା କୌତୁକବଶତଃ ହେଉ, କୋକ୍ ସିଧା ସିଧା ବାଜିଟିଏ ଲଗାଇ ଦେଇ ଘୋଷଣା କରିଦେଲେ ଯେ ଯଦି ୨୦୨୩ ମସିହା ସୁଦ୍ଧା ତାଙ୍କ କଥା ସତ୍ୟ ନ ହୁଏ, ତେବେ ସେ ଚାମଜ୍‌ଙ୍କୁ ଏକ ପେଟି ଦୁର୍ମୂଲ୍ୟ ମଦ୍ୟ ଦେବେ ।

କୋକ୍ ମହାଶୟ ତାଙ୍କ ବାଜିଟି ଅବଶ୍ୟ ହାରିଗଲେ ଓ ଅଗତ୍ୟା ଡେଭିଡ ଚାମଜଙ୍କୁ ବାଜି ମୁତାବକ ଏକ ପେଟିକା ମଦ୍ୟ ପ୍ରଦାନ କରିବାକୁ ବାଧ୍ୟ ହେଲେ ୨୦୨୩ ମସିହାର ଏସ୍.ଏସ୍.ଏସ.ସି ବୈଠକରେ, ଅନେକ ଦିଗ୍‌ଗଜ ବୈଜ୍ଞାନିକ ଓ ସ୍ନାୟୁବିଜ୍ଞାନୀମାନଙ୍କ ଉପସ୍ଥିତିରେ । ତେବେ ମଜାର କଥା ହେଉଛି, 'କୋକ୍ ଚାମଜ୍'ଙ୍କୁ ପୁନଶ୍ଚ ଆହ୍ୱାନ ଦେଲା ଭଳି ସ୍ୱରରେ ସେ କହିଲେ ଯେ ତାଙ୍କୁ ଆଉ ଗୋଟିଏ '୨୫ ବର୍ଷର' ଅବଧି ଦିଆଗଲେ, ଅର୍ଥାତ୍ ୨୦୪୮ ମସିହାରେ ସେ ନ୍ୟୁରୋସାଇନ୍ସ ସୌଜନ୍ୟରୁ ପ୍ରାପ୍ତ ହୋଇଥିବା ତଥ୍ୟ ଉପସ୍ଥାପନ କରି ପ୍ରମାଣିତ କରିଦେବେ ଯେ ଚେତନା ସୃଷ୍ଟି ହୁଏ ମସ୍ତିଷ୍କର ନିଉରନ୍‌ମାନଙ୍କ ନେଟ୍‌ୱାର୍କରୁ, ଅନ୍ୟଥା ନୁହେଁ । କୋକ୍‌ଙ୍କ ଏଇ ଅନୁରୋଧ ବା ଆହ୍ୱାନକୁ ଚାମଜ୍ ଗ୍ରହଣ କରି କୌତୁକରେ କହିଥିଲେ, 'ଠିକ୍ ଅଛି । ଆହୁରି ୨୫ ବର୍ଷ ଆପଣଙ୍କୁ ଦେଲି। କିନ୍ତୁ ଆପଣଙ୍କ ଜିତାପଟ ଦେଖିବାକୁ ମୁଁ ସେତେବେଳେ ଥିବି କି ନ ଥିବି, କିଏ ଜାଣେ!'

ଆଧ୍ୟାତ୍ମବାଦୀ ଚିନ୍ତକ, ଦାର୍ଶନିକ, ବିଶେଷ କରି ଭାରତୀୟ ବେଦାନ୍ତ ଦର୍ଶନର ପ୍ରବକ୍ତାମାନେ କନ୍‌ସସ୍‌ନେସ ବା ଚେତନା ଏ ସକଳ ସୃଷ୍ଟିର ମୂଳାଧାର ବୋଲି ସର୍ବଦା କହି ଆସିଛନ୍ତି । ଏଇ ମେଟାଫିଜିକାଲ ବା ଆଧିଭୌତିକ ଅବଧାରଣାକୁ କ୍ୱାଣ୍ଟମ୍ ମେକାନିକ୍ସ ଦ୍ୱାରା ପ୍ରତିଷ୍ଠିତ ଅନିଶ୍ଚିତତା (ଲ' ଅଫ୍ ଅନ୍‌ସର୍ଟନଟି) ତତ୍ତ୍ୱ ଓ କଣିକାମାନଙ୍କ ସହବନ୍ଧନ (ଲ' ଅଫ୍ ଏନ୍‌ଟାଙ୍ଗଲମେଣ୍ଟ) ତତ୍ତ୍ୱ ସମର୍ଥନ କରୁଛି ବୋଲି ସେମାନେ ଦାବି କରିଥା'ନ୍ତି ।

କ୍ୱାଣ୍ଟମ୍ ପାର୍ଟିକଲ୍ ବା କ୍ୱାଣ୍ଟମ୍ କଣିକାର ତରଙ୍ଗ-କଣିକା ଦ୍ୱୈତସ୍ଥିତି ଓ ସେଇ ସ୍ଥିତିର ଉଦ୍‌ଘାଟନରେ ପରିମାପ (ମେଜର୍‌ମେଣ୍ଟ) ଓ ନିରୀକ୍ଷଣ (ଅବଜରଭେସନ୍)ର ଭୂମିକା ରହିଛି ବୋଲି ଜଣାପଡ଼ିବା ପରେ ଆଧିଭୌତିକତାବାଦୀ ଦାର୍ଶନିକମାନେ ପରମ ଚୈତ୍ୟସତ୍ତା ଦୃଶ୍ୟମାନ ବସ୍ତୁସକଳ ସୃଷ୍ଟି କରିଥାଏ ବୋଲି କହିବା ପାଇଁ ନୂତନ ପ୍ରେରଣା ପାଇଛନ୍ତି । ଅନ୍ୟପକ୍ଷରେ, ଅଧିକାଂଶ ଦିଗ୍‌ଗଜ କ୍ୱାଣ୍ଟମ୍ ପଦାର୍ଥ ବିଜ୍ଞାନୀ କନ୍‌ସସ୍‌ନେସ୍ ବା ଚେତନା ପୂରାପୂରି ଏକ ଭୌତିକ ବ୍ୟାପାର ବୋଲି କହିବା ସଙ୍ଗେ ସଙ୍ଗେ ଆଧିଭୌତିକତାବାଦୀ, ଆଧ୍ୟାତ୍ମବାଦୀ ଓ ଈଶ୍ୱରବାଦୀମାନଙ୍କୁ ନିରନ୍ତର ପରିହାସ କରି ଚାଲିଛନ୍ତି । କୋକ୍‌ଙ୍କ ଭଳି ଅନେକ ସ୍ନାୟୁବିଜ୍ଞାନୀ ଦୃଢ଼ ନିଶ୍ଚିତ ଯେ ମଣିଷର ବ୍ୟକ୍ତିକୈନ୍ଦ୍ରିକ ଅନୁଭୂତି, ଅଭିଜ୍ଞତା ଆଦୌ କୌଣସି ସ୍ୱର୍ଗୀୟ ପରମ ଚୈତ୍ୟସତ୍ତାର ସର୍ବ ବ୍ୟାପକ ଉପସ୍ଥିତି ଯୋଗୁଁ ସୃଷ୍ଟି ହୁଏ ନାହିଁ । ଏହା ସୃଷ୍ଟି କରିଥାଏ ମଣିଷର ମସ୍ତିଷ୍କର ନିଉରନ୍‌ମାନଙ୍କ ନେଟ୍‌ୱାର୍କ । ସେମାନେ ଦୃଢ଼ ନିଶ୍ଚିତ ଯେ ନ୍ୟୁରୋସାଇନ୍ସ ଦିନେ ନା ଦିନେ ଚେତନା ସୃଷ୍ଟି ପଛରେ ଥିବା ନିଉରାଲ କୋରିଲେଟସ୍ (ନିଉରନ୍‌ମାନଙ୍କ ପାରସ୍ପରିକ ସମ୍ବନ୍ଧ) ସମ୍ପର୍କରେ ପ୍ରାମାଣିକ ତଥ୍ୟଗୁଡ଼ିକ ସାର୍ବଜନୀନ କରିଦେବ ।

ମାତ୍ର ଏ ଲେଖକ ବିଶ୍ୱାସ କରେ ଯେ ଚେତନାର ସ୍ୱରୂପ ସମ୍ପର୍କରେ ଜାଣିବା ମଣିଷ ପକ୍ଷରେ କେବେହେଲେ ସମ୍ଭବ ହୋଇ ନପାରେ । ଜଣାଯାଉଛି ପଦାର୍ଥ ବିଜ୍ଞାନୀ ଓ ଆଧ୍ୟାତ୍ମବାଦୀ ବା ଆଧିଭୌତିକତାବାଦୀଙ୍କର ଏଇ ତର୍କ ବିତର୍କ, ମତମତାନ୍ତର ଅନିର୍ଦ୍ଦିଷ୍ଟ କାଳ ଯାଏ ଚାଲି ରହିଥିବ । କୋକ୍ ପୁନଶ୍ଚ ୨୦୪୮ ମସିହାର ଯେଉଁ ସମୟସୀମା ନିର୍ଦ୍ଧାରଣ କରିଛନ୍ତି ତାହା ଅତିକ୍ରାନ୍ତ ହୋଇଗଲା ପରେ ମଧ୍ୟ କନ୍‌ସସ୍‌ନେସ୍ ବ୍ୟାପାରଟି କଠିନତମ ସମସ୍ୟା (ହାର୍ଡ ପ୍ରୋବ୍ଲେମ୍) ହୋଇ ରହିଥିବ; ଚିରକାଳ ପାଇଁ ଅନୁତ୍ତରିତ ପ୍ରଶ୍ନବାଚୀଟିଏ ହୋଇ ରହିଥିବ ।

ଏଇ ପରିପ୍ରେକ୍ଷୀରେ ମନେ ପଡ଼ିଯାଏ ରବି ଠାକୁରଙ୍କ ଏଇ କେତୋଟି ପଂକ୍ତି: 'ରଥ ବୋଲେ ଆମି ଦେବ / ପଥ ବୋଲେ ଆମି / ମୂର୍ତ୍ତିର୍ ବୋଲେ ଆମି ଦେବ / ହାସେ ଅନ୍ତର୍ଯ୍ୟାମୀ' । ପରମ ସତ୍ୟ ବା ପରମ ଚୈତ୍ୟସତ୍ତାର ସତ୍‌ସ୍ୱରୂପ ଜାଣିବା ପାଇଁ ମଣିଷର ଏଇ ତୀବ୍ର ଅଭୀପ୍ସା ଓ ନିରବଚ୍ଛିନ୍ନ ପ୍ରଚେଷ୍ଟା କେଉଁ ଅଲୌକିକ ଓଷ୍ଠାଧାରରେ ସ୍ମିତ ହାସ୍ୟଟିଏ ଯେ ଖେଳାଇ ଦେଉ ନଥିବ, କିଏ ଜାଣେ?

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଠିଆଁ ବାରଙ୍ଗ,
ମୋ-୯୮୫୩୩୫୫୧୦୭

## ବାକ୍‌ସମସ୍ୟା ଦୂର କରନ୍ତି ଇନ୍ଦ୍ରଙ୍କ ସାତ ପରୀ

ବିଶ୍ୱାସ ଓ ବିଜ୍ଞାନ

ଓଜସ୍ୱିନୀ

ଶିଶୁଟିଏ ଜନ୍ମ ହୋଇ କୈଶୋରରେ ପାଦ ଦେବା ପର୍ଯ୍ୟନ୍ତ ବିଭିନ୍ନ ଶାରୀରିକ ବିକାଶର ପ୍ରକ୍ରିୟା ଦେଇ ଗତି କରେ। ଏହି ପ୍ରକ୍ରିୟା ଅନେକ ଶିଶୁଙ୍କ କ୍ଷେତ୍ରରେ ସ୍ୱାଭାବିକ ବା ପ୍ରାକୃତିକ ହୋଇଥିବା ବେଳେ ଆଉ କେତେଜଣ ଶିଶୁଙ୍କ ବିଭିନ୍ନ ଅଙ୍ଗରେ କେତେକ ଅସ୍ୱାଭାବିକତା ପରିଲକ୍ଷିତ ହୁଏ। ଶିଶୁଙ୍କ କ୍ଷେତ୍ରରେ ଦେଖାଯାଉଥିବା ଏମିତି ଗୋଟିଏ ସମସ୍ୟା ହେଉଛି ଖନା ବା ପାଟି ଲାଗିବା । କଥା ହେବା ସମୟରେ ଶବ୍ଦକୁ ଠିକ୍ ଭାବେ ଉଚ୍ଚାରଣ କରି ନପାରିବା ବା ଶବ୍ଦଟିକୁ କହିବା ପୂର୍ବରୁ ଅଧିକ ସମୟ ନେବା, ସ୍ପଷ୍ଟ ନ କହିପାରିବା ଆଦିକୁ 'ଖନା ସମସ୍ୟା' ବା ଇଂରାଜିରେ 'ଷ୍ଟଟରିଙ୍ଗ' କୁହାଯାଏ । ଏହି ସମସ୍ୟାର ଦୂରୀକରଣ ପାଇଁ ପ୍ରାଚୀନକାଳରେ ଘରୋଇ ଉପାୟ ଅବଲମ୍ବନ କରାଯାଉଥିଲା। କିନ୍ତୁ ବର୍ତ୍ତମାନର ଆଧୁନିକ ଚିକିତ୍ସା ଯୁଗରେ ଏହି ଶାରୀରିକ ସମସ୍ୟାର ପ୍ରତିକାର ପାଇଁ 'ସ୍ପିଚ୍ ଥେରାପି'ର ସାହାରା ନିଆଯାଉଛି। କିନ୍ତୁ 'ସ୍ପିଚ୍ ଥେରାପି' କେତେଜଣଙ୍କ କ୍ଷେତ୍ରରେ ସକାରାତ୍ମକ ପ୍ରଭାବ ଆଣୁଥିବା ବେଳେ ଆଉ କେତେଜଣ ଶିଶୁଙ୍କ କ୍ଷେତ୍ରରେ ପୂର୍ଣ୍ଣମାତ୍ରାରେ ସହାୟକ ହୋଇପାରୁନାହିଁ। କିନ୍ତୁ ଭାରତରେ ଏଭଳି ଗୋଟିଏ ମନ୍ଦିର ଅଛି, ଯେଉଁଠି ଖନା ସମସ୍ୟା ସମ୍ପୂର୍ଣ୍ଣ ଭାବେ ଦୂର ହୋଇଯାଉଛି ବୋଲି ବିଶ୍ୱାସ ରହିଛି । ଭକ୍ତମାନେ ଏହାର ପ୍ରତ୍ୟକ୍ଷ ପ୍ରମାଣ ମଧ୍ୟ ଦିଅନ୍ତି ।

ରାଜସ୍ଥାନର ଚୋମୁ-ଅଜିତଗଡ଼ ରାଜ୍ୟ ରାଜପଥ ନିକଟବର୍ତ୍ତୀ ସାମୋଦର ବନ୍ଦୋଲ୍‌ଠାରେ ଅବସ୍ଥିତ ଏହି ଚମତ୍କାରୀ ମନ୍ଦିରର ନାମ ହେଉଛି 'ମହାମାୟା ମାତା ମନ୍ଦିର' । ଏଠାରେ ଦେବରାଜ ଇନ୍ଦ୍ରଙ୍କର ୭ଜଣ ପରୀ ମହାମାୟା ଭାବେ ପୂଜିତା। ଆରାବଳି ପର୍ବତଶୃଙ୍ଖଳା ବେଷ୍ଟିତ ଏହି ପ୍ରସିଦ୍ଧ ମନ୍ଦିର ୭୦୦ ବର୍ଷ ପୁରୁଣା ବୋଲି କୁହାଯାଏ। ସ୍ଥାନୀୟ ଭକ୍ତମାନଙ୍କ ବ୍ୟତୀତ ଏଠାକୁ ଭାରତର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ । ବିଶେଷଭାବେ ଶିଶୁମାନଙ୍କ ଖନା ସମସ୍ୟା ଦୂର କରିବା ପାଇଁ ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳେ। ଖନା ସମସ୍ୟା ଦୂର କରିବା ପାଇଁ ଭକ୍ତମାନେ ମାନସିକ କରିବା ସହିତ ଶିଶୁଙ୍କୁ ୭ଥର 'ଯାତ୍' ଲଗାଇବାକୁ ପଡ଼ିଥାଏ। 'ଯାତ୍' ଅର୍ଥ ଶିଶୁଙ୍କ ନାମରେ ମନ୍ଦିର ଭିତରେ ବିଶେଷ ଭାବେ ପୂଜାନୁଷ୍ଠାନ କରି ଦେବୀଙ୍କ ଚରଣରେ ଶିଶୁଙ୍କ ହାତରେ ନଡ଼ିଆ, ବସ୍ତ୍ର ଓ ପୁଲଫଳ ଆଦି ସମର୍ପଣ କରିବା । ଏଭଳି ୭ଥର କରିବା ପରେ ଶିଶୁଙ୍କ ଖନା ସମସ୍ୟା ଧୀରେ ଧୀରେ ସମ୍ପୂର୍ଣ୍ଣ ଦୂର ହୋଇଯାଏ ବୋଲି ଭକ୍ତମାନେ କହିଥା'ନ୍ତି। ମାନସିକ ପୂରଣ ହେବା ପରେ ଦେବୀ ମା'ଙ୍କୁ ରୁପା କିମ୍ବା ତମ୍ବାର ଜିଭ ଅର୍ପଣ କରାଯିବାର ପ୍ରଥା ଅଛି। ଆଦୌ କଥା କହିପାରୁନଥିବା କେତେଜଣ ଶିଶୁ ମଧ୍ୟ ଦେବୀ ମା'ଙ୍କ ଆଶିଷରୁ କଥା କହୁଛନ୍ତି ବୋଲି ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳେ ।

ଏଠାରେ ଦେବରାଜ ଇନ୍ଦ୍ରଙ୍କର ୭ ଜଣ ପରୀ କାହିଁକି ପୂଜା ପାଇଲେ, ସେ ସମ୍ପର୍କରେ ଏକ କିମ୍ବଦନ୍ତୀ ଅଛି । ୭୦୦ ବର୍ଷ ପୂର୍ବେ ଏହି ସ୍ଥାନରେ ସନ୍ଥ ଦ୍ୱାରକା ଦାସ ମହାରାଜ ତପସ୍ୟା କରୁଥିଲେ । ତପସ୍ୟା ସ୍ଥଳ ନିକଟରେ ଥିବା ଜଳାଶୟକୁ ପ୍ରତିଦିନ ଦେବରାଜ ଇନ୍ଦ୍ରଙ୍କର ୭ଜଣ ପରୀ ସ୍ନାନ କରିବା ପାଇଁ ଆସୁଥିଲେ। ସେମାନେ ସ୍ନାନ କରିବା ସମୟରେ କୋଳାହଳ କରୁଥିବାରୁ ସନ୍ଥ ଦ୍ୱାରକା ଦାସଙ୍କ ତପସ୍ୟାରେ ବିଘ୍ନ ଘଟୁଥିଲା। କୋଳାହଳ ନ କରିବା ପାଇଁ ସନ୍ଥ ପରୀମାନଙ୍କୁ ଅନେକ ଥର ଅନୁରୋଧ କଲେ ମଧ୍ୟ ସେମାନେ ସନ୍ଥଙ୍କ କଥାକୁ ଭ୍ରୂକ୍ଷେପ କଲେ ନାହିଁ। ଏକଦା ସନ୍ଥ ଦ୍ୱାରକା ଦାସ ଅତିଷ୍ଠ ହୋଇ ପରୀମାନଙ୍କୁ ଉଚିତ ଦଣ୍ଡ ଦେବାକୁ ମନସ୍ଥ କଲେ। ପରୀମାନେ ସ୍ନାନ କରୁଥିବା ସମୟରେ ସନ୍ଥ ସେମାନଙ୍କର ବସ୍ତ୍ର ଲୁଚାଇ ଦେଲେ । ସ୍ନାନ ସାରି ପରୀମାନେ ଆସିବା ପରେ ବସ୍ତ୍ର ନ ପାଇ ବିଚଳିତ ହେଲେ ଏବଂ ବସ୍ତ୍ର ଫେରାଇ ଦେବା ପାଇଁ ପରୀମାନେ ସନ୍ଥଙ୍କୁ ଅନୁରୋଧ କଲେ । କିନ୍ତୁ ସନ୍ଥ ସେମାନଙ୍କର ବସ୍ତ୍ର ଫେରାଇଲେ ନାହିଁ ଏବଂ ଅଭିଶାପ ଦେଲେ ଯେ, ସେମାନେ ଏହି ଜଳାଶୟ ନିକଟରେ ଅନନ୍ତ ସମୟ ପାଇଁ ରହି ଭକ୍ତମାନଙ୍କର ମନୋକାମନା ପୂରଣ କରିବେ। ତେଣୁ ପରୀମାନେ ଇନ୍ଦ୍ରଲୋକକୁ ଫେରି ନପାରି ସେବେଠାରୁ ଏଠାରେ ମହାମାୟା ଭାବେ ପୂଜା ପାଇ ଆସୁଛନ୍ତି । ନବରାତ୍ରି ଏବଂ ବୈଶାଖ ଓ ଭାଦ୍ରବ ମାସରେ ୧୫ ଦିନ ଏଠାରେ ବଡ଼ ମେଳାର ଆୟୋଜନ ହୋଇଥାଏ ।

ଏଥିରୁ ପ୍ରମାଣିତ ହେଉଛି ଯେ, ଚିକିତ୍ସା ବିଜ୍ଞାନ ଯେତେ ଅଗ୍ରଗତି କଲେ ମଧ୍ୟ ଭାରତରେ ଜନସାଧାରଣ ଏ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ଧର୍ମବିଶ୍ୱାସ ଓ ଈଶ୍ୱରଙ୍କ ଉପରୁ ଆସ୍ଥା ହରାଇନାହାନ୍ତି । ଭାରତୀୟ ସଂସ୍କୃତିର ଏହା ହିଁ ବୈଶିଷ୍ଟ୍ୟ ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

■ ୫ ବର୍ଷ ହେଲା ଅନଧିକୃତ ଛୁଟିରେ ୩ ପ୍ରଫେସର

# ରୋଗୀସେବା ଓ ଶିକ୍ଷାଦାନ ବ୍ୟାହତ

ବାରିପଦା, ୫।୬ (ସମିସ): ଦୀର୍ଘ ଦିନର ଦାବି ପରେ ମୟୂରଭଞ୍ଜ ଜିଲ୍ଲାରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ଲକ୍ଷ୍ୟ ନେଇ ବାରିପଦାରେ ପଣ୍ଡିତ ରଘୁନାଥ ମୁର୍ମୁ (ପିଆର୍ଏମ୍) ମେଡିକାଲ କଲେଜ ଏବଂ ହସ୍ପିଟାଲ ପ୍ରତିଷ୍ଠା ହୋଇଛି। କିନ୍ତୁ ହସ୍ପିଟାଲଟି ବିଭିନ୍ନ ସମସ୍ୟା ଦେଇ ଗତି କରୁଥିଲେ ହେଁ ଏହାର ସମାଧାନ ଦିଗରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୃଷ୍ଟି ଦିଆଯାଉନଥିବାରୁ ପ୍ରକୃତ ଲକ୍ଷ୍ୟଠାରୁ ଏହା ଦୂରେଇବାରେ ଲାଗିଛି। ଅବ୍ୟବସ୍ଥିତ ଢଙ୍ଗରେ ରୋଗୀ ଚିକିତ୍ସା ଚାଲିଥିବାରୁ ରୋଗୀ ସମେତ ସମ୍ପର୍କୀୟ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଖାପାଖି ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଦୁଇଟି ବିଭାଗର ୩ଜଣ ଡାକ୍ତର ଅନୁପସ୍ଥିତ ରହିଛନ୍ତି। ଏଥିଯୋଗୁଁ ଉଭୟ ଶିକ୍ଷାଦାନ ଓ ରୋଗୀ ସେବାରେ ସାଂଘାତିକ ସମସ୍ୟା ସୃଷ୍ଟି ହେଉଛି। କିନ୍ତୁ ଏହାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାର ବିକଳ୍ପ ବ୍ୟବସ୍ଥା କରାଯାଉନାହିଁ।

ସୂଚନା ଅଧିକାରରୁ ମିଳିଥିବା ତଥ୍ୟାନୁସାରେ, କୌଣସି କାରଣ ନ ଦର୍ଶାଇ ହସ୍ପିଟାଲର ଆନାଟୋମି ବିଭାଗର ଆସୋସିଏଟ୍ ପ୍ରଫେସର୍ ଡା. ରଞ୍ଜନ କୁମାର ଦାସ, ଜେନେରାଲ ମେଡିସିନ୍ ବିଭାଗର ଆସୋସିଏଟ୍ ପ୍ରଫେସର୍ ଡା. ପ୍ରସନ୍ନ ରାଠୋର ଏବଂ ସିନିୟର ରେସିଡେଣ୍ଟ ଡା. ବିବେକାନନ୍ଦ ଜେନା ୫ବର୍ଷ ହେଲା ଛୁଟିରେ ଅଛନ୍ତି। ଛୁଟିରେ ଥାଇ ବି ସେମାନେ ୨ବର୍ଷର ଦରମା ଦେଇ ଚାଲିଥିଲେ।



ଖୋଲତାଡ଼ ହେଲା ପରେ ୩ବର୍ଷ ତଳୁ ସେମାନଙ୍କ ଦରମା ବନ୍ଦ କରାଯାଇଛି। ତେବେ, ସମସ୍ୟା ଦରମା ପାଇବା ନ ପାଇବା କଥା ନୁହେଁ। ହସ୍ପିଟାଲ ପାଇଁ ସମସ୍ୟା ହେଲା, ଉକ୍ତ ଡାକ୍ତରମାନଙ୍କ ଅନୁପସ୍ଥିତି ଯୋଗୁଁ ଆନାଟୋମି ଓ ଜେନେରାଲ ମେଡିସିନ୍ ବିଭାଗରେ ରୋଗୀସେବା ଏବଂ ଶିକ୍ଷାଦାନ ଗୁରୁତର ବାଧାପ୍ରାପ୍ତ ହେଉଛି।

ଆନାଟୋମି ବିଭାଗ ମେଡିକାଲ ଶିକ୍ଷାର ମୂଳଭିତ୍ତି ହୋଇଥିବା ବେଳେ ଜେନେରାଲ ମେଡିସିନ୍ ବିଭାଗ ରୋଗୀ

**ପିଆର୍ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲ**

ଚିକିତ୍ସାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ଦୁଇ ବିଭାଗରେ ବରିଷ୍ଠ ଡାକ୍ତରଙ୍କ ଅନୁପସ୍ଥିତି ଛାତ୍ରଛାତ୍ରୀ ଓ ରୋଗୀଙ୍କ ପାଇଁ ଗମ୍ଭୀର ସମସ୍ୟା ସୃଷ୍ଟି କରୁଛି।

କଲେଜରେ ମୋଟ ୧୬୨ଜଣ ଡାକ୍ତର କାର୍ଯ୍ୟରତ ଥିବା ବେଳେ ୩୯ଟି ପଦ ଖାଲି ରହିଛି। ଏହି ଖାଲି ପଦବୀ ସହ ୩ ଡାକ୍ତରଙ୍କ ଦୀର୍ଘ ଦିନ ହେଲା ଅନୁପସ୍ଥିତି ଯୋଗୁଁ ସେବା ଓ ଶିକ୍ଷା ବ୍ୟବସ୍ଥାକୁ ଆହୁରି ଜଟିଳ ହେବାରେ ଲାଗିଛି। ଜେନେରାଲ ମେଡିସିନ୍ ବିଭାଗରେ ୨୦ଜଣ ଡାକ୍ତର ଥାଇ ବି ୨ଜଣଙ୍କ ଅନୁପସ୍ଥିତି ଯୋଗୁଁ ରୋଗୀସେବା ବ୍ୟାହତ ହେଉଛି। ସେହିପରି ଆନାଟୋମି ବିଭାଗରେ ଡା. ରଞ୍ଜନ କୁମାର ଦାସଙ୍କ ଅନୁପସ୍ଥିତି ମେଡିକାଲ ଛାତ୍ରଛାତ୍ରୀଙ୍କ ଶିକ୍ଷାକୁ ପ୍ରଭାବିତ କରୁଛି। ଏହାକୁ ନେଇ ସ୍ଥାନୀୟ ଅଭିଭାବକ ଓ ଛାତ୍ରଛାତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ନାମ ଗୋପନ ରଖିବା ସର୍ତ୍ତରେ ଜଣେ ଛାତ୍ର କହିଛନ୍ତି ଯେ ବରିଷ୍ଠ ପ୍ରଫେସରଙ୍କ ଅନୁପସ୍ଥିତି ଯୋଗୁଁ ଆମେ ଉପଯୁକ୍ତ ଶିକ୍ଷା ପାଉନାହୁଁ। ଏହି ସମସ୍ୟାର ତୁରନ୍ତ ସମାଧାନ କରାନଗଲେ ଏହା ଅଞ୍ଚଳର ସ୍ୱାସ୍ଥ୍ୟସେବା ଓ ମେଡିକାଲ ଶିକ୍ଷା ଉପରେ ଦୀର୍ଘକାଳୀନ ପ୍ରଭାବ ପକାଇବ। ଏ ସଂପର୍କରେ ମେଡିକାଲ ଅଧୀକ୍ଷକ(ପ୍ରଫେସର୍) ରବୀନ୍ଦ୍ର କୁମାର ମିଶ୍ରଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ଯେଉଁ ୩ ଡାକ୍ତର ଦୀର୍ଘ ଦିନ ଧରି ଛୁଟିରେ ଅଛନ୍ତି, ସେମାନଙ୍କ ସଂପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ସରକାର ଯାହା ନିଷ୍ପତ୍ତି ନେବେ, ତାହାକୁ ଗ୍ରହଣ କରାଯିବ ବୋଲି କହିଛନ୍ତି।

■ ଟ୍ରକ୍ ପଛରେ ପିଟିହେଲା ବସ୍

## ଝରିଗାଁ ବ୍ଲକ୍ କନିଷ୍ଠ ଯନ୍ତ୍ରୀ ମୃତ; ୫ ଗୁରୁତର

କୋକସରା/ଚାରବାହାଲ, ୫।୬(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ଚାରବାହାଲ ସ୍କୁଲ ନିକଟରେ ଗୁରୁବାର ଭୋର୍‌ରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ବସ୍‌ରେ ଥିବା ଅନ୍ୟ ୫ଜଣ ଯାତ୍ରୀ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ, ଅନୁଗୋଳର ବିନୋଦ ବେହେରା। ସେ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଥିଲେ। ସେ ଭୁବନେଶ୍ୱରରୁ କାର୍ଯ୍ୟସ୍ଥଳ ଝରିଗାଁ ଆସୁଥିଲେ। ଜୁନାଗଡ଼ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ହେବାପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଅନ୍ୟପକ୍ଷେ ଗୁରୁତରମାନେ ହେଲେ ନବରଙ୍ଗପୁର ଜିଲ୍ଲା ଝରିଗାଁ ତରାବେଡାର ଜଗତ ଗଉଡ଼, ନୟାଗଡ଼ର ଅଶୋକ ମହାନ୍ତି, ସଞ୍ଜୟ ଦାସ, ସୁଶୀଳ ସାହୁ ଓ ଅନ୍ୟ ଜଣେ। ଭୁବନେଶ୍ୱରରୁ ଉମରକୋଟ ଯାଉଥିବା ଏହି ଘରୋଇ ଯାତ୍ରୀବାହୀ ବସ୍‌ଟି ରାସ୍ତାରେ ଠିଆ ହୋଇଥିବା ଏକ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବସ୍‌ର ଆଗପଟ ଚୂରମାର ହୋଇଯାଇଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ କୋକସରା ଦମକଳ କେନ୍ଦ୍ର କର୍ମଚାରୀ ଓ ଓ ମୋଟେର ଫାଣ୍ଡି ପୁଲିସ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ କର୍ମଚାରୀମାନେ ବସ୍‌ରୁ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ୬ଜଣ ଯାତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜୁନାଗଡ ଡାକ୍ତରଖାନା ପଠାଇଥିଲେ। ସେଠାରେ ବିନୋଦ ବେହେରାଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୫ଜଣ ଯାତ୍ରୀ ଜୁନାଗଡ଼ରେ ଚିକିତ୍ସାଧୀନ ରହିଛନ୍ତି। ମୋଟେର ଫାଣ୍ଡି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଦୀପ ନିଆଁ ଲାଗି ମହିଳା ଗୁରୁତର

ଆଳି, ୫।୬(ସମିସ): ଆଜି ସୁଦଶା ବ୍ରତ ଅବସରରେ ସବୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିବା ବେଳେ ଆଳିର ଆରାଧ୍ୟଦେବତା ପ୍ରଭୁ ଲକ୍ଷ୍ମୀବରାହ ମନ୍ଦିରରେ ଏକ ଅଘଟଣ ଘଟିଛି। ଦୀପ ନିଆଁ ଲାଗି ଜଣେ ମହିଳା ଭକ୍ତ ଗୁରୁତର ଆହତ ହୋଇଛନ୍ତି। ମହିଳାଜଣଙ୍କ ହେଲେ, ରାଜକନିକା ବ୍ଲକ ଅନ୍ତର୍ଗତ ବଳରାମପୁର ଛଦେଶ ଗ୍ରାମର ଇନ୍ଦ୍ରମଣୀ ନାୟକଙ୍କ ପତ୍ନୀ ସୁପ୍ରିୟା ନାୟକ। ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୁପ୍ରିୟା ନିଜ ଘର ଆଳି ବ୍ଲକ ଅନ୍ତର୍ଗତ କୋଚିଲା ଗ୍ରାମକୁ ଆସିଥିଲେ। ଆଜି ସୁଦଶା ବ୍ରତ କରିଥିବାରୁ ସେ ଲକ୍ଷ୍ମୀବରାହ ମନ୍ଦିରକୁ ପୂଜା କରିବାକୁ ଆସିଥିଲେ। ସେ ଦୀପ ଲଗାଉଥିବା ସମୟରେ ଅସାବଧାନତା ଯୋଗୁଁ ତାଙ୍କ ଶାଢ଼ିରେ ନିଆଁ ଲାଗିଯାଇଥିଲା। ତାଙ୍କ ଚିତ୍କାର ଶୁଣି ସେଠାରେ ଉପସ୍ଥିତ ଦୁଇଜଣ ପୂଜକ ଶିବପ୍ରସାଦ ପଣ୍ଡା ଓ ନଟବର ଦୀକ୍ଷିତ ତାଙ୍କ ଦେହରୁ ନିଆଁ ଲିଭାଇବା ସହ ତାଙ୍କୁ ନିଜର ବସ୍ତ୍ର ଦ୍ୱାରା ଢାଙ୍କି ଦେଇଥିଲେ। ପରେ ତାଙ୍କୁ ଆଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରଯାଇଥିବା ନେଇ ଆଳି ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଣବ ଶୁକ୍ଳା ସୂଚନା ଦେଇଛନ୍ତି।

## ସଂରକ୍ଷିତ ଜଙ୍ଗଲରୁ ହାତୀର ଗଳିତ ମୃତଦେହ ଠାବ

ବାରିପଦା, ୫।୬(ସମିସ): ବାରିପଦା ବନଖଣ୍ଡ ଅଧୀନ ମଞ୍ଚାବନ୍ଧା ସଂରକ୍ଷିତ ଜଙ୍ଗଲରୁ ଗୁରୁବାର ଏକ ଦନ୍ତା ହାତୀର ଗଳିତ ମୃତଦେହକୁ ବନବିଭାଗ ଠାବ କରିଛି। ହାତୀଟି ଏକ ଖାଲ ମଧ୍ୟରେ ପଡିଥିବାରୁ ବନବିଭାଗର କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ତେବେ ହାତୀ ମୃତ୍ୟୁର କାରଣ ଜଣାପଡି ନ ଥିବାବେଳେ ହାତୀ-ହାତୀ ମଧ୍ୟରେ ଲଢେଇ ଜନିତ ମୃତ୍ୟୁ ଘଟିଥାଇପାରେ ବୋଲି ଶିମିଳିପାଳ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ଅନୁମାନ କରୁଛନ୍ତି। ଶବ ବ୍ୟବଚ୍ଛେଦ କରିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ। ମୃତ ହାତୀର ବୟସ ୧୦ ବର୍ଷ ମଧ୍ୟରେ ହେବ।

## ଆଜି ରାଜ୍ୟ କ୍ୟାବିନେଟ

ଭୁବନେଶ୍ୱର, ୫।୬(ସମିସ): ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆସନ୍ତାକାଲି ଅପରାହ୍ନ ୪ଟା ସମୟରେ ଲୋକସେବା ଭବନରେ ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଆସନ୍ତା ୧୨ ତାରିଖରେ ରାଜ୍ୟ ବିଜେପି ସରକାରକୁ ଶାସନ ଭାର ସମ୍ଭାଳିବାର ପ୍ରଥମ ବର୍ଷ ପୂରଣ ହେଉଛି। ତେଣୁ ବର୍ଷ ପୂର୍ତ୍ତିକୁ ଦୃଷ୍ଟିରେ ରଖି ଆସନ୍ତାକାଲି ସରକାର କିଛି ବଡ଼ ଘୋଷଣା କରିବାର ସମ୍ଭାବନା ରହିଛି।

## ରାଜ୍ୟର ‘୧୦୮’ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ

- ■ ଡବଲ ଇଞ୍ଜିନ ଏବେ ରାଜ୍ୟ ପାଇଁ ଡବଲ ବିନାଶ ଆଣିଛି: ବିଜେଡି
- ■ ବିଜେପି ସରକାରକୁ ଆସିବା ପରେ ଆମ୍ବୁଲାନ୍ସର ହେଉନି ରକ୍ଷଣାବେକ୍ଷଣ
- ■ ସ୍ୱାସ୍ଥ୍ୟ ସେବା ପ୍ରଦାନରେ ବିଫଳ ସରକାର ବର୍ଷପୂର୍ତ୍ତି ଉତ୍ସବ ପାଳନ କରୁଛି
- ■ ଉତ୍ସବ ପାଳନ ବନ୍ଦ କରି ସେହି ଅର୍ଥରେ ୧ ହଜାର ଆମ୍ବୁଲାନ୍ସ କିଣାଯାଉ

ଭୁବନେଶ୍ୱର, ୫।୬(ସମିସ): ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଉଦ୍‌ବେଗଜନକ ସ୍ଥିତିରେ ଥିବାବେଳେ ଆମ୍ବୁଲାନ୍ସ ସେବା ମଧ୍ୟ ବିପର୍ଯ୍ୟସ୍ତ ଅବସ୍ଥାକୁ ଆସିଗଲାଣି। ଆମ୍ବୁଲାନ୍ସ ଭଳି ଏକ ଜରୁରୀକାଳୀନ ସେବା ଏକ ପ୍ରକାର ବନ୍ଦ ହୋଇଯାଇଥିବା ବେଳେ ସରକାର ଏକ ବର୍ଷ ପୂର୍ତ୍ତି ଉତ୍ସବ ରାଜ୍ୟବ୍ୟାପୀ ପାଳନ କରୁଛି ବୋଲି କ୍ଷୋଭ ପ୍ରକାଶ କରିଛି ବିଜେଡି। ରାଜ୍ୟବାସୀଙ୍କ କଷ୍ଟ ଉପାର୍ଜିତ ଧନରୁ ଟିକସ ମାଧ୍ୟମରେ ରାଜକୋଷକୁ ଆସିଥିବା ଅର୍ଥକୁ ବିଜେପି ଉତ୍ସବ ପାଳନରେ ଖର୍ଚ୍ଚ ନ କରି ସେହି ଅର୍ଥରେ ୧ ହଜାର ଆମ୍ବୁଲାନ୍ସ କିଣାଯାଉ ବୋଲି ଦଳ ଦାବି କରିଛି।

ଗୁରୁବାର ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଡଃ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ ଯେ ଗତକାଲି କୋରାପୁଟର ସହିଦ ଲକ୍ଷଣ ନାୟକ ମେଡିକାଲ କଲେଜରେ ଭୁଲ୍ ଇଞ୍ଜେକସନ ଦିଆଯିବା ଦ୍ୱାରା ୬ ଜଣଙ୍କ ମୃତ୍ୟୁ ହୋଇଥିବା ଭଳି ଦୁଃଖଦ ଖବର ସାମ୍ନାକୁ ଆସିଥିଲା। ଆଜି ରାଜ୍ୟରେ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ ହୋଇ ପଡିଥିବାର କରୁଣ ଚିତ୍ର ସାମ୍ନାକୁ ଆସିଛି। ଜଗତସିଂହପୁର ଜିଲ୍ଲାରେ ଏକ ୧୦୮ ଆମ୍ବୁଲାନ୍ସରେ ରୋଗୀ ଓ ତାଙ୍କ ପରିବାର ସଦସ୍ୟଙ୍କ ସହିତ ହସ୍ପିଟାଲକୁ ଆସୁଥିବା ବେଳେ ରାସ୍ତାରେ ଆମ୍ବୁଲାନ୍ସର ଟାୟାର ପଙ୍କ୍‌ଚର ହୋଇ ଯାଇଥିଲା। ସେହି ଆମ୍ବୁଲାନ୍ସଟିରେ ଷ୍ଟେପିନ୍ ଟାୟାର ନ ଥିଲା। ଡ୍ରାଇଭର କଲ୍ ସେଣ୍ଟରର ସହାୟତା ମାଗିଥିଲେ ମଧ୍ୟ କୌଣସି ସହାୟତା ମିଳି ପାରି ନ ଥିଲା। ଆମ୍ବୁଲାନ୍ସରେ ମୁମୂର୍ଷୁ ଅବସ୍ଥାରେ ଥିବା ରୋଗୀଙ୍କ ଅବସ୍ଥା ଆହୁରି ଖରାପ ହୋଇଥିଲା। ଏହି ଖବର ପାଇ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସାଦ ଜେନା ଘଟଣାସ୍ଥଳରେ ପହଞ୍ଚି ଅନ୍ୟ ଏକ ଗାଡ଼ିରେ ରୋଗୀଙ୍କୁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

ଡଃ ସାମନ୍ତସିଂହାର କହିଥିଲେ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ଆରମ୍ଭ କରାଯାଇଥିଲା ଏବଂ ବ୍ୟବସ୍ଥିତ ଢଙ୍ଗରେ ଏସବୁ ଚାଲି ଆସୁଥିଲା। କିନ୍ତୁ ରାଜ୍ୟରେ ବିଜେପି ସରକାର ଆସିବା ପରେ ଆମ୍ବୁଲାନ୍ସଗୁଡିକର ରକ୍ଷଣାବେକ୍ଷଣା କରା ନ ଯିବା କାରଣରୁ ଏହି ଜରୁରୀକାଳୀନ ସେବା ଏବେ ରୋଗୀଙ୍କ ପାଇଁ ମରଣଯନ୍ତାରେ ପରିଣତ ହୋଇଛି। ୧୦୮ ଆମ୍ବୁଲାନ୍ସଗୁଡିକ ଅକାମି ହୋଇ ପଡ଼ି ରହିଥିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବାବେଳେ ରାଜ୍ୟ ସରକାରଙ୍କର କିନ୍ତୁ ଏଥିପ୍ରତି ନିଘା ନାହିଁ। ରାଜ୍ୟର ଅତ୍ୟାବଶକ ସେବା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ବିଜେପି ସରକାର ଉତ୍ସବ ପାଳନ ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି। ରାଜ୍ୟ ରାଜକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ କରି ଏହି ଉତ୍ସବ ପାଳନ ପ୍ରସ୍ତାବକୁ ତୁରନ୍ତ ବାତିଲ କରି ସେହି ଅର୍ଥରେ ୧୦୦୦ଟି ଜରୁରୀକାଳୀନ ସେବା ଥିବା ଆମ୍ବୁଲାନ୍ସ କିଣାଯାଉ ବୋଲି ଡଃ ସାମନ୍ତସିଂହାର ଦାବି କରିଛନ୍ତି।

## ରବି ଧାନ ସଂଗ୍ରହ ସମୀକ୍ଷା କଲେ ମନ୍ତ୍ରୀ

ଭୁବନେଶ୍ୱର, ୫।୬(ସମିସ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରାଜ୍ୟରେ ଚଳିତ ଋତୁରେ ରବି ଧାନ ସଂଗ୍ରହ ସମ୍ପର୍କରେ ସମୀକ୍ଷା କରିଛନ୍ତି। ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ରବି ଧାନ ସଂଗ୍ରହ ସମ୍ପର୍କରେ ଅବଗତ କରାଇଥିଲେ। ରାଜ୍ୟରେ ଚଳିତ ରବି ଋତୁରେ ଏପର୍ଯ୍ୟନ୍ତ ପ୍ରାୟ ୮୮ ହଜାର ଚାଷୀଙ୍କ ଠାରୁ ପ୍ରାୟ ୬ ଲକ୍ଷ ୬ ହଜାର ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି। ଏଥିସହ ସର୍ବନିମ୍ନ ସହାୟତା ମୂଲ୍ୟ ଓ ଇନ୍‌ପୁଟ ସହାୟତା ବାବଦକୁ ପାଖାପାଖି ୧୫୬୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏଥିସହ ମୌସୁମୀ ବର୍ଷାକୁ ଦୃଷ୍ଟିରେ ରଖି ଧାନ ସଂଗ୍ରହ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ମଣ୍ଡିରେ ଚାଷୀମାନଙ୍କ ଧାନ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି। ଧାନ ସଂଗ୍ରହ ସମୟରେ କୌଣସି ଅନିୟମିତତାର ଅଭିଯୋଗ ଆସିଲେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ରାଜ୍ୟରେ ବର୍ତ୍ତମାନ ଥିବା ୨୧୪ଟି ଗୋଦାମ ଗୃହର ଆଧୁନିକୀକାରଣ ଓ କ୍ଷମତା ବୃଦ୍ଧି ପାଇଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ବୈଠକରେ ଆଲୋଚନା ହୋଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପାକିସ୍ତାନରୁ ଗୁଇନ୍ଦା...

ପରିଚିତ କରାଉଥିଲେ। ତାଙ୍କ ଟାର୍ଗେଟରେ ଥିଲେ ହିନ୍ଦୁ ଓ ଶିଖ ସଂପ୍ରଦାୟର ଭାରତୀୟ ନାଗରିକ। ଗତ ୬ ମାସ ମଧ୍ୟରେ ।।ସେହଜାଦ ପ୍ରାୟ ୩ ହଜାର ଭାରତୀୟ ଓ ୧୫୦୦ ଏନ୍‌ଆରଆଇଙ୍କୁ ପାକିସ୍ତାନ ଗସ୍ତ କରିବାରେ ସହାୟତା କରିଛନ୍ତି। ତାଙ୍କର ପ୍ରଭାବ ଦିଲ୍ଲୀରେ ଥିବା ପାକିସ୍ତାନୀ ହାଇକମିସନରେ ମଧ୍ୟ ରହିଛି। ସେ ନିୟମିତ ଭାବେ ପ୍ରଥମ ସଚିବ(ଭିସା) ସୁହେଲ କମର ଓ କାଉନସେଲର (ବାଣିଜ୍ୟ) ଉମର ସେ ।।ହେରୟାରଙ୍କ ସହ ଯୋଗାଯୋଗ କରୁଥିଲେ। ସେ ଯାହାକୁ ପାକିସ୍ତାନ ଆସିବା ଦରକାର ବୋଲି ଅନୁଭବ କରୁଥିଲେ, କେବଳ ଗୋଟିଏ ଫୋନ କଲେ ସେମାନଙ୍କୁ ଭିସା ତୁରନ୍ତ ମିଳିଯାଉଥିଲା। ନୂଆଦିଲ୍ଲୀରେ ପାକିସ୍ତାନ ହାଇକମିସନରେ କାମ କରୁଥିବା ଆଇଏସ୍ଆଇ ଏଜେଣ୍ଟ ଦାନିଶ ଓରଫ ଏହସାନୁର ର।।ହେମାନଙ୍କ ସହ ସେହଜାଦଙ୍କର ଭଲ ସମ୍ପର୍କ ଥିଲା। ଦାନିଶ ପାକିସ୍ତାନ ଦୂତାବାସରେ ଭିସା ଅଫିସର ଭାବେ କାମ କରୁଥିଲେ। ଭାରତୀୟ ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ସହିତ ଦାନିସଙ୍କର ଭଲ ସଂପର୍କ ଥିଲା। ଅପରସନ ସିନ୍ଦୂର ବେଳେ ଦାନିସଙ୍କୁ ଭାରତ ସରକାର ଅବାଞ୍ଛିତ ବ୍ୟକ୍ତି ଘୋଷଣା କରି ବହିଷ୍କାର କରିଥିଲେ।

ଆହୁରି ଜଣାପଡ଼ିଛି ଯେ ପାକିସ୍ତାନ ଯିବା ଲାଗି ପର୍ଯ୍ୟଟନ ଭିସାର କୌଣସି ବ୍ୟବସ୍ଥା ନଥିବା ବେଳେ ସେହଜାଦଙ୍କ ଇସାରାରେ ପାକିସ୍ତାନ ହାଇକମିସନ ଭାରତୀୟ ନାଗରିକଙ୍କୁ ପର୍ଯ୍ୟଟକ ଭିସା ଯୋଗାଉଥିଲା। ଏହି ଗସ୍ତର ପ୍ରାୟୋଜନ କରୁଥିଲେ ମ୍ୟାଡମ୍ ସେହଜାଦ।

### ବର୍ଷକରେ ବିକାଶ..

ଆନ୍ତରିକତାକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି । ସ୍ଥାନୀୟ ଅଞ୍ଚଳର ବିକାଶ, ପଞ୍ଚାୟତସ୍ତରରେ ଆବଶ୍ୟକତା ଅନୁସାରେ କାର୍ଯ୍ୟ ପାଇଁ ପୂର୍ବ ସରକାର ଯେଉଁ ପଦକ୍ଷେପ ନେଇଥିଲେ, ତାହାକୁ ବନ୍ଦ କରି ଶାସକ ବିଜେପି ରାଜନୈତିକ ଦୃଷ୍ଟିରୁ ଲାଭବାନ ହୋଇଥିବା ମନେ କରୁଥିଲେ ହେଁ, ଏହା ରାଜ୍ୟର ଗ୍ରାମାଞ୍ଚଳରେ ରହୁଥିବା ସାଢ଼େ ୩ କୋଟି ଲୋକଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଛି । ଗତ ମାର୍ଚ୍ଚ ମାସରେ ବିଧାନସଭାରେ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ରାଜ୍ୟର ୫,୧୯୭ଟି ଗାଁ ଓ ପଡ଼ାକୁ ସବୁଦିନିଆ ରାସ୍ତା ନ ଥିବା ସୂଚନା ଦିଆଯାଇଥିଲା। ୨୦୨୪-୨୫ ମସିହାରେ ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତି ଦ୍ୱାରା କରାଯାଇଥିବା ଏକ ସର୍ଭେ ମାଧ୍ୟମରେ ଏହି ଗାଁ ଓ ପଡ଼ାଗୁଡ଼ିକୁ ଚିହ୍ନଟ କରାଯାଇ ରାସ୍ତା ନିର୍ମାଣ କରାଯିବ ବୋଲି କୁହାଗଲା। ମାତ୍ର ସରକାରଙ୍କ ଏହି ଘୋଷଣା କେବଳ ଗଣମାଧ୍ୟମର ଶୀର୍ଷକ ମଧ୍ୟରେ ଅଟକି ଗଲା ଓ ବିକଶିତ ଗାଁ, ବିକଶିତ ଓଡ଼ିଶା କେବଳ ଏକ ଶ୍ରୁତମଧୁର ସ୍ଲୋଗାନ ହୋଇ ରହିଗଲା।

### ଓଡ଼ିଶାରେ ‘ପିସି’...

ଏପରି ସମୟରେ ପିସି କାରବାର ଅଭିଯୋଗ ରାଜ୍ୟ ସରକାରଙ୍କ ଛବିକୁ ମଳିନ କରିଛି। ବିଶେଷକରି ବିଜେପି ବିଧାୟକମାନେ ଜିତିଥିବା ଅଞ୍ଚଳକୁ ଦିଆଯାଇଥିବା ଅନୁଦାନରେ ପିସି କାରବାର ସୀମା ଟପିଥିବା ବି ଅଭିଯୋଗ ଶୁଣିବାକୁ ମିଳୁଛି।

ଦିନକ ତଳେ ବିଜେପିର ଅନ୍ୟତମ ବରିଷ୍ଠ ନେତା ତଥା ଦଳର ମୁଖପାତ୍ର ସମୀର ଦାସ ଏଭଳି ପ୍ରସଙ୍ଗ ଲୋକଲୋଚନକୁ ଆଣିବା ସହ ସରକାରୀସ୍ତରରେ ଚାଲିଥିବା ପିସି ବ୍ୟବସ୍ଥାର ମୁଖା ଖୋଲିଛନ୍ତି। ବିଭିନ୍ନ ଗଣମାଧ୍ୟମ ସହ ଆଲୋଚନା ବେଳେ ସେ କହିଛନ୍ତି ଯେ ନୂଆ ସରକାରକୁ ବର୍ଷେ ବିତିଲାଣି। ହେଲେ ମାଟି ମୁଠାଏ ପଡ଼ି ନାହିଁ। ଯାହା ବି ହୋଇଛି ତାହା ତାଙ୍କ ସମୟର ଅନୁଦାନ ତଥା ଅର୍ଥାତ୍ ପୂର୍ବ ସରକାରର ଅର୍ଥରେ ହୋଇଛି। ବର୍ତ୍ତମାନ ଯେଉଁ କାମର ଶୁଭ ଦିଆଯାଇଛି ସେ ଟଙ୍କା ୨୦୨୨-୨୩ ଓ ୨୦୨୩-୨୪ରେ ମଞ୍ଜୁର ହୋଇଥିଲା। ନୂଆ ଯୋଜନା କି କାମ କିଛି ବି ମଞ୍ଜୁର ହୋଇନି। ୧୫ ବର୍ଷ ଭିତରେ ଏମ୍ଏଲ୍ଏ ଏବଂ ଏମ୍‌ପି ଲ୍ୟାଡ୍‌ରେ ପିସି କାରବାର ନ ଥିଲା। ମୁଖ୍ୟମନ୍ତ୍ରୀଙ୍କ ପାଣି ଓ ଅନ୍ୟ ଉନ୍ନୟନମୂଳକ କାମରେ ପିସିର ନାଁ ଗନ୍ଧ ନ ଥିଲା। ଅଫିସରମାନେ ପିସି ମାଗିବାକୁ ସାହସ କରୁ ନ ଥିଲେ। ମାତ୍ର ଏବେ ବର୍ଷକ ଭିତରେ ବିନା ପିସିରେ ଏମ୍ଏଲ୍ଏ ହାତପାଣି ଅନୁଦାନରେ ହେଉଥିବା କାମରେ ବିଲ୍ ହେଉନି ବୋଲି ସମୀର ଖୋଲାଖୋଲି କହୁଛନ୍ତି।

ବିଜେପିର ରାଜ୍ୟ ମୁଖପାତ୍ର ତଥା ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଏପରି ମନ୍ତବ୍ୟ ରାଜ୍ୟରେ ଚାଲିଥିବା ‘ପିସି’ କାରବାରର ଗୁମର ଖୋଲି ଦେଇଛି। ନିମାପଡ଼ା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଯଦି ବିନା ପିସିରେ କାମ ହେଉନି, ତେବେ ରାଜ୍ୟର ଅନ୍ୟ ନିର୍ବାଚନମଣ୍ଡଳୀରେ ସ୍ଥିତି କ’ଣ ଥିବ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଓଡ଼ିଶାରେ ଓଡ଼ିଆ ଲୋକଙ୍କର ଏକ ଦୁର୍ନୀତିମୁକ୍ତ ସରକାର ଗଠନ ହେବ ବୋଲି ବିଜେପି ଘୋଷଣା ଦେଇଥିଲା। ମାତ୍ର ଏବେ ରାଜ୍ୟରେ ଡ଼ବଲ ଇଞ୍ଜିନ୍ ସରକାରରେ ଡ଼ବଲ ଦୁର୍ନୀତି ଓ ରାଜ୍ୟରେ ୩୦% ପିସି ସରକାର ଚାଲିଥିବା ନେଇ କଂଗ୍ରେସର ଅଭିଯୋଗ ଯେ ସତ୍ୟ ତାହା ପ୍ରମାଣିତ ହୋଇଛି।

### ଆଜିଠୁ ବଢ଼ିବ...

ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେବ ଓ ଅପରାହ୍ଣରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ। ଏନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ୯ ତାରିଖ ଯାଏଁ ଅସହ୍ୟ ଗରମ ଓ ଗୁଳୁଗୁଳି ଅନୁଭବ ହେବ। ବିଶେଷ କରି ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ଏହାର ପ୍ରଭାବ ଅଧିକ ରହିବ। ତେଣୁ ଗଞ୍ଜାମ ଗଜପତି, ଖୋର୍ଦ୍ଧା ନୟାଗଡ, ପୁରୀ, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ବାଲେଶ୍ୱର ଆଦି ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି।

### ମୁଖ୍ୟମନ୍ତ୍ରୀଙ୍କ ଅଫିସ୍...

ରୋକିବାକୁ ହେଲେ ଦୁଇ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫୋନ୍ ଆସିଥିବାରୁ ପ୍ରତାପ ଭୟରେ ତାଙ୍କ କଥାରେ ରାଜି ହୋଇଥିଲେ । ସମ୍ପୃକ୍ତ ବ୍ୟକ୍ତିଙ୍କ ଭିମଟାଙ୍ଗୀ ସ୍ଥିତ ଘରକୁ ଆସି ୨ ଲକ୍ଷ ଟଙ୍କା ଦେଇଥିଲେ। ଏହାପରେ ମଧ୍ୟ ଜାନକୀର ଆତଙ୍କ ଥମି ନଥିଲା। ସେ ପୁଣିଥରେ ଫୋନ୍ କରି ଆହୁରି ୫ ଲକ୍ଷ ଟଙ୍କା ମାଗିଥିଲା। ପ୍ରତାପର ଅରାଜି ହେବାରୁ ଜାନକୀ ଗାଳିଗୁଲଜ କରିବା ସହିତ ଜୀବନରେ ମାରିଦେବାକୁ ଧମକ ଦେଇଥିଲା। ଶେଷରେ ପ୍ରତାପ କୌଣସି ଉପାୟ ନପାଇ ଏୟାରଫିଲ୍ଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମଧ୍ୟ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

### ଏନ୍‌କାଉଣ୍ଟର୍‌ରେ କୁଖ୍ୟାତ...

ସୂଚନାନୁଯାୟୀ, ଛତିଶଗଡ଼ ବିଜାପୁରରେ ଥିବା ଜାତୀୟ ଉଦ୍ୟାନରେ ମାଓ ଦମନ ପାଇଁ ଡିଆର୍‌ଜି ଏବଂ ଏସ୍‌ଟିଏଫ୍ ଯବାନମାନଙ୍କ ପକ୍ଷରୁ ମିଳିତ କମ୍ବିଂ ଅପରେସନ୍ କରାଯାଇଥିଲା। ଏହି ସମୟରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ବହୁ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ସେଥିରେ ମାଓନେତା ସୁଧାକର ଥିବା ଜଣାଯାଇଛି। ତେବେ, ଶେଷ ଖବର ଲେଖା ହେବା ସୁଦ୍ଧା ସୁରକ୍ଷାବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି। କିନ୍ତୁ, ବର୍ତ୍ତମାନ ସୁଦ୍ଧା ପୁଲିସ୍ ପକ୍ଷରୁ ଏନେଇ କୌଣସି ସୂଚନା ପ୍ରଦାନ କରାଯାଇନାହିଁ। ସୁଧାକରଙ୍କ ମୃତ୍ୟୁ ମାଓଗଡ଼ ପାଇଁ ଏକ ଶକ୍ତ ଧକ୍କା ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ, ଗତ ମେ’ ୨୧ତାରିଖରେ କେନ୍ଦ୍ରୀୟ କମିଟି ସଦସ୍ୟ ବାସବରାଜୁର ଏନକାଉଣ୍ଟରରେ ମୃତ୍ୟୁ ହୋଇଥିଲା।


**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
GADHWAL GROUP
Mob.: 9437015112

**ପୂର୍ବ ତଟ ରେଳପଥ**
ସାମଗ୍ରୀଗୁଡ଼ିକର ଯୋଗାଣ
ନିମ୍ନଲିଖିତ ଟେଣ୍ଡର ୱେବସାଇଟ : www.ireps.gov.in ରେ ଅପଲୋଡ କରାଯାଇଛି।
ଟେଣ୍ଡର ବିଜ୍ଞପ୍ତି ନଂ. Sr.DMM/KUR/EP/2025-26/02, ତା.04.06.2025 ରିଖ
କ୍ରମ ସଂ.01: ଟେଣ୍ଡର ସଂ. 81255611, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ: 60 କି.ଗ୍ରା. ରେଲ୍ ଇତ୍ୟାଦି ନିମନ୍ତେ ଜଗଲ୍ଡ (Joggled) ଫିସ୍ ପ୍ଲେଟ୍ ର ନିର୍ମାଣ ଏବଂ ଯୋଗାଣ, ପରିମାଣ: 1781 ସେଟ୍।
ବନ୍ଦ ହେବା ତାରିଖ ଓ ସମୟ: ତା.23.06.2025 ରିଖ 1500 ଘଟିକା।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍
PR-208/Q/25-26

**AFFIDAVIT**
By virtue of an Affidavit before Executive Magistrate, Bhubaneswar, CF No.-95/ Date 05.06.2025, that I D. Soumya Priyadarshini, D/o- Sramika Digal permanent resident of Pipudidei, Po.- Kainjhar, Ps.- Tikabali, Kandhamala, Odisha, PIN- 760219 state that my former name was D. Soumya Prayadarshini which has been corrected to **D. Soumya Priyadarshini**. So **D. Soumya Prayadarshini** and **D. Soumya Priyadarshini** is one and same person. Henceforth I will be known as D. Soumya Priyadarshini for all future purposes.

**AFFIDAVIT**
I, **Kalpana Mohapatra**, W/o- Girish Mohapatra, resident of Plot no 223, Near Empires Hotel, Sahid Nagar, Po/Ps- Sahid Nagar, Dist- Khordha, Pin-751007 Odisha declare by this affidavit No. 93 dtd- 11/02/2025 that now onwards I shall be known as **Kalpana Rath** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, CF No. 56, dated: 22/05/2025, I, **NIBASHI MAJHI**, W/o- Purusattam Majhi, resident of At/Po- Ghatikia, Ps- Bharatpur, Bhubaneswar, Pin-751003, Dist- Khordha, Odisha declare that I have changed my name from **Nibasatam Majhi** (Old Name) to **NIBASHI MAJHI** (New Name). Henceforth, I shall be known as **NIBASHI MAJHI** for all purposes.
**NIBASHI MAJHI**

**AFFIDAVIT**
By virtue of an affidavit, I **Pranati Das**, aged 56 yeards, W/o- Prasanna Kumar Das, resident of Vill/Po- Dainlo, Ps- Krushnaanandpur, Dist- Jagatsinghpur, Odisha declared that my actual / real name is **Pranati Das** which has recorded in my voter id bearing No- TL00361329 but in my Aadhar Card bearing No- 3383 2016 6094 my name has been wrongly mentioned as **Panati Das**. Henceforth, both the names **Pranati Das** and **Panati das** is one and same person for all purposes.
**PRANATI DAS**

**AFFIDAVIT**
By virtue of an Affidavit sworn before the Executive Magistrate, Derabish, Kendrapara on dated 02.06.25 I Anwar Alli Khan, S/o- Asgar Alli Khan, Resident of Vill- Mantripada, Po-Fakirabad, PS- Derabish, Dist- Kendrapara, Odisha-754250, declare that my name has been wrongly mentioned in my Postal Term Depost Account Passbook Anuar Ali Khan Insted of Anwar Alli Khan. Henceforth I shall be know as Anwar Alli Khan for all future purpose.
Sd/- Anwar Alli Khan

**AFFIDAVIT**
By virtue of an affidavit sworn before The Executive Magistrate, Titilagarh, dated- 20/03/2025. I, **Rabin Majhi**, aged about 43 years, Son of Chintamani Majhi, resident of At- Sargiguda, Kandh pada, P.O./P.S. Titilagarh, Dist. Bolangir, (Odisha) declare that, now I have changed my name from **Robin Majhi To Rabin Majhi**. Henceforth, I shall be known as **Rabin Majhi** for all purposes.
**RABIN MAJHI**

**AFFIDAVIT**
I, Mahindra Mohan Sahoo, S/o- Late Harihar Sahoo, resident of Plot No. 219/2572, Gobinda Prasad, Near Baishnab Vihar Apartment, Bomikhal, PO- Rasulgarh, Bhubaneswar, PIN- 751010, Odisha declared by this affidavit No. 8941, dtd- 02/06/2025 that now onwards I shall be known as **MAHINDRA MOHAN SAHU** for all future purposes.

**AFFIDAVIT**
I **Mahitosh Kumar Deo**, S/o- Balaram Singh, resident of Plot No-325, Tower - 7, Royal Lagoon, Nandankanan Road, Near Lalchand Jewellers, Raghunathpur, Bhubaneswar, Pin- 751024, Odisha declare by this Affidavit number CF No - 1136, Dtd. 03/06/2025 I have changed my son's name from **Harshvardhan Dev to Harshvardhan Deo** for all future purposes.

C-464
GOVERNMENT OF ODISHA
OFFICE OF THE EXECUTIVE ENGINEER, P.H. DIVISION, ANGUL
Ph : 06764-296431, Email: eephangul@yahoo.in
CANCELLATION OF TENDER CALL NOTICE
The Tender invited vide Bid Identification No. 29 of 2024-25 dt. 19.02.2025 for the work:"Improvement of Korian Junction on Dhenkanal town road from CH.7/200 to 7/816 & link in District Dhenkanal for the year 2024-25"is hereby cancelled due to 1st time single tender.
Er. Prasanta Behara
Superintending Engineer,
P.H. Division, Angul
OIPR-13056/11/0020/2526

# ରବି ଧାନ ବିକ୍ରିରେ ସମସ୍ୟା, ଚାଷୀଙ୍କ ଅସନ୍ତୋଷ

କାଳିପଦା, ୫।୬ (ସମିସ)



ରବି ଧାନ ବିକ୍ରି ପାଇଁ ବାଲିଆପାଳ ବ୍ଲକରେ ଏବେ ୧୬ ଟି ଧାନ ମଣ୍ଡି ଖୋଲିଛି । ମାତ୍ର ଚାଷୀ ଅମଳ କରିଥିବା ସମସ୍ତ ଧାନ ଏହି ମଣ୍ଡିରେ ଏବେ ବିକ୍ରି କରିବାରୁ ବଞ୍ଚିତ ହେବେ । ମୋଟ ୧୬ଟି ସେବା ସମବାୟ ସମିତିରେ ଧାନ ବିକ୍ରି କରିବା ପାଇଁ ମୋଟ ୮୪୫୪ ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି । ୧୧୧୩୫ ଜଣ ଚାଷୀଙ୍କୁ ସର୍ଭେ କରାଯାଇ ତାଲିକାଭୁକ୍ତ କରାଯାଇଥିଲା । ଏହାକୁ କେନ୍ଦ୍ର କରି ବଞ୍ଚିତ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଆକଳନରୁ ଯାହା ଜଣା ପଡୁଛି ପଞ୍ଜିକୃତ ଚାଷୀ ମାନେ ଏବେ ସେମାନଙ୍କ ଅମଳ ଧାନରୁ କେବଳ ଅଧା ପ୍ରତିଶତ ଦେବାକୁ ସମର୍ଥ ହେବେ । ବର୍ତ୍ତମାନ ୧୬ଟି ସେବା ସମବାୟ ସମିତିରୁ ମିଲର ୪୪୯୩୨ କୁଇଣ୍ଟାଲ ଧାନ କିଣିବେ । ଯାହା ସମୁଦ୍ରକୁ ଶଙ୍ଖେ ପରି ହୋଇଛି । ସର୍ଭେ ଅନୁଯାୟୀ ଏବେ ଚାଷୀଙ୍କଠାରେ ୨୪୫୮୭୯.୬୮ କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡ଼ି ରହିଛି । ସରକାର ଏଥିପ୍ରତି ତୁରନ୍ତ ଦୃଷ୍ଟି ଦିଅନ୍ତୁ ବୋଲି ଚାଷୀମାନେ ଦାବି କରିଛନ୍ତି । ଅନ୍ୟ ପକ୍ଷରେ ବିଭିନ୍ନ ମଣ୍ଡିରେ କଟନୀ ଛଟନୀ ନାମରେ ସମିତି ଓ ମିଲର କୁଇଣ୍ଟାଲ ପିଛା ୧୦ କେଜି ଧାନ କାଟୁଛନ୍ତି । ଏହାକୁ କେନ୍ଦ୍ର କରି ଦେଭୋଗ, ମଧୁପୁରା, ବଣିଆଡିହା, ଡଗରା, ବଡାଶ ଆଦି ସେବା ସମବାୟ ସମିତିରେ ଚାଷୀମାନେ ଗଣ୍ଡଗୋଳ କରିଛନ୍ତି । ଚାଷୀ ମାନେ ଏହାର ତୁରନ୍ତ ସମାଧାନ ଚାହିଁଛନ୍ତି । ସରକାରଙ୍କ ଘୋଷଣାକୁ ଏହି ସବୁ ସେବା ସମବାୟ ସମିତି ଉଲ୍ଲଂଘନ କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ସରକାର ତୁରନ୍ତ ନୂଆ ତାଲିକା ପ୍ରକାଶ କରନ୍ତୁ ବୋଲି ଗୁଣାକର ସାହୁ, ବଙ୍କିମ ହରି ଚନ୍ଦନ, ଅମରେଶ ପଟ୍ଟାୟତ, ମିଥୁନ ବାରିକ, ଗଣେଶ ଚନ୍ଦ୍ର ଦାସ, ସୁନାମଣୀ ଚନ୍ଦ, ଗଗନ କୁମାର ସିଂ ପ୍ରମୁଖ ଚାଷୀ କହିଛନ୍ତି ।

# ପଶ୍ଚିମବଙ୍ଗରେ ଓଡ଼ିଶା ବିରୋଧୀ ବିକ୍ଷୋଭ

ବାଲେଶ୍ୱର(ଉତ୍ତର)/ଭୋଗରାଇ, ୫।୬ (ସମିସ) : ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରୁ ଓଡ଼ିଆ ଲୋକଙ୍କୁ ହଟାଇବା ଅଭିଯାନ ଆରମ୍ଭ ହୋଇଯାଇଛି । ଓଡ଼ିଶାରେ କାର୍ଯ୍ୟରତ ପଶ୍ଚିମବଙ୍ଗ ଲୋକଙ୍କୁ ବାଂଲାଦେଶୀ କହି ନିର୍ଯାତନା ଓ ଅତ୍ୟାଚାର ବନ୍ଦ ନ କଲେ ପଶ୍ଚିମବଙ୍ଗରେ ଥିବା ଓଡିଆମାନଙ୍କୁ ହାତରେ ନ ମାରି ଭାତରେ ମାରିବୁ ବୋଲି ବିସ୍ଫୋରକ ବୟାନ ଦେଇଛି ପଶ୍ଚିମବଙ୍ଗର 'ବାଂଲା ପକ୍ଷ' ନାମକ ଏକ ସଂଗଠନ । ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ସୀମାନ୍ତ ପଶ୍ଚିମବଙ୍ଗ ଦୀଘା ଜଗନ୍ନାଥ ମନ୍ଦିରରୁରତ ମଙ୍ଗଳବାର ଉକ୍ତ ସଂଗଠନ ପକ୍ଷରୁ ଶତାଧିକ ମହିଳା ଓ ପୁରୁଷ ହାତରେ ପ୍ଲାକକାର୍ଡ ଓ ଓଡ଼ିଶା ସରକାର ପ୍ରତି ବିଦ୍ୱେଷ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ଆସି ଭୋଗରାଇ ସୀମାନ୍ତରେ ପହଞ୍ଚି ଏକ ପ୍ରତିବାଦ ସଭାରେ ଗର୍ଜନ କରିଥିଲେ । ଏହି ସଂଗଠନର ନେତାମାନେ ପଶ୍ଚିମବଙ୍ଗ ଲୋକେ ଏକ ହୁଅ, ଓଡ଼ିଶାକୁ ପର୍ଯ୍ୟଟନ ଭ୍ରମଣ ବନ୍ଦ କରି ଦୀଘା, ଦାର୍ଜିଲିଂ, ପୁରୁଲିଆ ପର୍ଯ୍ୟଟନସ୍ଥଳୀ ଯିବାକୁ ଆହ୍ୱାନ ଦେଇଥିବାବେଳେ ପଶ୍ଚିମବଙ୍ଗର ଭୂମିପୁତ୍ରଙ୍କୁ ସରକାରୀ ବା ବେସରକାରୀ ଭାବେ ସଂରକ୍ଷିତ ରଖିବାକୁ ବଙ୍ଗ ସରକାର ଠାରେ ଦାବି ରଖିଥିଲେ । ଏପରିକି ପଶ୍ଚିମବଙ୍ଗ ଶ୍ରମମନ୍ତ୍ରୀ ମଳୟ ଘଟକଙ୍କନବାନ୍ନରେ ଦେଇଥିବା କୋଲକାତାରେ ଓଡ଼ିଆଙ୍କ ସଂଖ୍ୟା ୧୨ ଲକ୍ଷରୁ ଊର୍ଦ୍ଧ୍ୱ ରହିଥିବା ସହିତ ପଶ୍ଚିମବଙ୍ଗରେ ୧ କୋଟି ଭିନ୍ନ ରାଜ୍ୟର ଲୋକେ କାର୍ଯ୍ୟରତ ଥିବାର ବିବୃତ୍ତିକୁ ଦୋହରାଇ ଓଡ଼ିଆଙ୍କୁ ହଟାଇ ଭୂମିପୁତ୍ରଙ୍କୁ ନିଯୁକ୍ତି ଦେବା ସହିତ ବେଙ୍ଗଲୀ ବାଘ ବୋଲି ନିଜକୁ ପ୍ରଶଂସା କରିଥିଲେ । ଦୀଘା ଏବଂ ଆଖ ପାଖ ସ୍ଥାନରେ କାର୍ଯ୍ୟରତଥିବା ୧୦ ହଜାର ଓଡ଼ିଆ ମାନଙ୍କୁ ହଟାଇ ଦିଆଯାଉ ବୋଲି ନେତାମାନେ ଆରୋପ କରିଥିବାବେଳେ ନିକଟରେ କୋଲକାତା ସିଆଲଦାହ ଠାରୁ ଉତ୍କଳ ଭବନ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରି ଓଡ଼ିଶାରେ ବଙ୍ଗ ଲୋକମାନଙ୍କୁ ନିର୍ଯ୍ୟାତନା ବନ୍ଦ କରାଯାଉ ବୋଲି ଓଡ଼ିଶା ସରକାରଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଥିବାର ପ୍ରକାଶ କରିଥିଲେ । ଭୋଗରାଇ ସୀମାନ୍ତ ଦୀଘାରେ ଉକ୍ତ ବଙ୍ଗୀୟ ସଂଗଠନର ଓଡ଼ିଶା ପ୍ରତି ବିଦ୍ୱେଷ ବିବୃତିକୁ ବହୁ ବୁଦ୍ଧିଜୀବୀ, ବିଭିନ୍ନ ଗଣସଂଗଠନ, ସ୍ୱାଭିମାନୀ ସଂଗଠନ ଓ ସୀମାନ୍ତବାସୀ ତୀବ୍ର ଭର୍ତ୍ସନା କରିବା ସହିତ ଓଡ଼ିଶା ଏକ ଶାନ୍ତିକାମୀ ରାଜ୍ୟ, ଏଠାରେ ବଂଲାଦେଶ ବା ପାକିସ୍ତାନ ଭଳି ହିଂସା ବା ଅରାଜକତା ହେଉନାହିଁ ବୋଲି ପ୍ରକାଶ କରିଛନ୍ତି । ପଶ୍ଚିମବଙ୍ଗରେ ନୈରାଜ୍ୟ ଶାସନ ଚାଲିଥିବାରୁ ଓଡ଼ିଆଙ୍କ ପ୍ରତି ବିଦ୍ୱେଷ ମନୋଭାବ ରଖି ବିବୃତି ଦେବା ସମ୍ବିଧାନ ବିରୋଧୀ ଓ ବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ଏହା ଚାଲ ବୋଲି ବୋଲି ଭାଜପା ନେତାମାନେ ପ୍ରକାଶ କରିଥିବାବେଳେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଉଭୟ ରାଜ୍ୟର ଜନସାଧାରଣ ଭାଇଚାରା, ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦିଅନ୍ତୁ ବୋଲି ପ୍ରତିକ୍ରିୟାରେ ସୂଚନା ଦେଇଛନ୍ତି ।

# ଆଦର୍ଶ ଶିକ୍ଷକ ଚିନ୍ମୟ ନନ୍ଦଙ୍କୁ ପ୍ରକୃତି ମିତ୍ର ସମ୍ମାନ



ରାଜଘାଟ, ୫।୬(ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୃଷି ଶିକ୍ଷା ସଦନଠାରେ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ସମାରୋହ ପାଳନ ଅବସରରେ ମୁଖ୍ୟଅତିଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସମ୍ମାନିତ ଅତିଥିଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଉପସ୍ଥିତ ହୋଇ ସୁରକ୍ଷା, ପ୍ରାକୃତିକ ସମ୍ପଦର ସଂରକ୍ଷଣ ପାଇଁ ଏକ ହୋଇ କାମ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ପ୍ରକୃତିର ସୁରକ୍ଷା ସହିତ ସାରା ଜୀବଜଗତ ପାଇଁ ଏକ ସୁସ୍ଥ ପରିବେଶ ବଜାୟ ରଖିବାକୁ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରାଯାଉଅଛି । ମାଟିମାକୁ ସବୁଜିମା କରିବା ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ସାମାଜିକ ସଂଗଠନ, ବିଭିନ୍ନ ରାଜନୈତିକ ଦଳ ଅହରହ ପ୍ରୟାସ କରିଥାନ୍ତି ଏବଂ ସରକାରୀ ଓ ବେସରକାରୀ ସ୍ତରରେ ସମ୍ମାନିତ ହୋଇଥାନ୍ତି । ଏହିଭଳି ଏକ ଖୁସିର ମୁହୂର୍ତ୍ତ ଆଜି ବସ୍ତା ବ୍ଲକ ଅନ୍ତର୍ଗତ ରଘୁନାଥପୁର ଗ୍ରାମ ପଞ୍ଚାୟତର ମଧୁପୁରା ଉପେନ୍ଦ୍ର ନାଥ ନୋଡାଲ ଉପ୍ରା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଆଦର୍ଶ ଶିକ୍ଷକ ଡ. ଚିନ୍ମୟ କୁମାର ନନ୍ଦଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ନିକଟରୁ ପ୍ରକୃତିମିତ୍ର ସମ୍ମାନ-୨୦୨୫ ଉକ୍ତ କାର୍ଯ୍ୟକ୍ରମରେ ପ୍ରଦାନ କରାଯାଇଥିଲା ।

# ପ୍ରଧାନମନ୍ତ୍ରୀ ସଡ଼କ ଓ ପାନୀୟ ଜଳ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର



ରୂପସା/ରାଜଘାଟ, ୫।୬(ସମିସ): ବିକଶିତ ଓଡ଼ିଶା ଯାତ୍ରାରେ ବିକଶିତ ହେବ ବାଲେଶ୍ୱର ବୋଲି ଆଜି ସଦର ବ୍ଲକ ଅଧିନ ରସଲପୁର ପଞ୍ଚାୟତ କୁଶୁଡ଼ିହା ଠାରେ ଆୟୋଜିତ ଗ୍ରାମୀଣ ରାସ୍ତା ଓ ପାନୀୟ ଜଳ ପ୍ରକଳ୍ପର ଗୁଡ଼ିକର ଶୁଭ ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥି ମାନେ କହିଛନ୍ତି । ଆଜି ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗଦେଇ ବାଲେଶ୍ୱରବାସୀଙ୍କ ଦୀର୍ଘବର୍ଷର ସ୍ୱପ୍ନ ପୂରଣ ହେବ ବୋଲି କହିବା ସହିତ ବିକଶିତ ଯାତ୍ରାରେ ବାଲେଶ୍ୱର ସାମିଲ ହେଲା ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ସଦର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ, ଏଡିଏମ ସୁଧାକର ନାୟକ, ଗ୍ରାମ୍ୟ ନିର୍ମାଣ ବିଭାଜନର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଦୁର୍ଯ୍ୟୋଧନ ବେହେରା, ଅଧିକ୍ଷଣ ଯନ୍ତ୍ରୀ ସୌଭାଗ୍ୟ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସଦର ବିଡ଼ିଓ ଉତ୍ତମ କୁମାର ଜେନା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସମୀର ଦେ, ଅଧିକ୍ଷଣ ଯନ୍ତ୍ରୀ ରେବତୀ କଅଁର, ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ଉପେନ୍ଦ୍ର ବେହେରା ସହିତ ଦୁଇ ବିଭାଗର ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଶେଷରେ ଗ୍ରାମ୍ୟ ନିର୍ମାଣ ଭିଭାଜନର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଦୁର୍ଯ୍ୟୋଧନ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ମୋଟ ୨୦ ଟି ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା ।

# ବିଶ୍ୱ ପରିବେଶ ଦିବସରେ ଚାରାରୋପଣ



ଜଳେଶ୍ୱର ବ୍ଲକ, ୫।୬ (ସମିସ): ବିଶ୍ୱ ପରିବେଶ ଦିବସରେ ଆଜି ଜଳେଶ୍ୱର ଅଞ୍ଚଳରେ ବିଭିନ୍ନ ଗ୍ରାମ ପଞ୍ଚାୟତ, ଜଳେଶ୍ୱର ପୌରପାଳିକାରେ ସାମାଜିକ ସଙ୍ଗଠନ ଓ ରାଜନୈତିକ ବ୍ୟକ୍ତିବିଶେଷ ସରକାରୀ ସ୍ଥାନ, ସ୍କୁଲ, ଖେଳ ପଡ଼ିଆ, ସର୍ବସାଧାରଣ ହାଟ ଛକ ବଜାରରେ ବୃକ୍ଷ ରୋପଣ କରି ପରିବେଶକୁ ସବୁଜିମାରେ ପରିଣତ କରିବା ପାଇଁ ପ୍ରୟାସ କରିଛନ୍ତି । ଜଳେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ବିଜେପି ଯୁବ ନେତା ବ୍ରଜମୋହନ ପ୍ରଧାନ, ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା, ଫାଲଗୁନୀ ପାଣିଗ୍ରାହୀ, କାଳୀଚରଣ ଦାସ, ରାଜେଶ ଖଟୁଆ ଚାରାରୋପଣ କରିଛନ୍ତି । ସେହିପରି ଜଳେଶ୍ୱର ପୂର୍ବତନ କଂଗ୍ରେସ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ, ବ୍ଲକ ସଭାପତି ରାଜିବ ପରିଡ଼ା, କୃଷକ ନେତା ସୁଦାମ ପାତ୍ର, ଜେଇ ସବିତା ମାଝୀ, ବର୍ଦ୍ଧନା ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟ ଏବଂ ସୁଲକ୍ଷଣା ଶୀତଳା ମାତା ଯୁବକ ସଂଘର ସଭାପତି ଗଜେନ୍ଦ୍ର ନାଥ ବେହେରା ଓ ବର୍ଦ୍ଧନା ପଞ୍ଚାୟତର ମହାଶକ୍ତି ନାରୀ ସଙ୍ଘର ସମସ୍ତ ସଦସ୍ୟା ଓ ସ୍ଥାନୀୟ ଯୁବକ ସହଯୋଗ କରିଥିଲେ ।

# ବିଦ୍ୟାଳୟରେ ଚାରାରୋପଣ ଓ ନିଶା ନିବାରଣ କାର୍ଯ୍ୟକ୍ରମ

କମର୍ଦ୍ଦା, ୫।୬ (ସମିସ): ଆଜି ବିଶ୍ୱ ପରିବେଶ ଦିବସ ଅବସରରେ ଭୋଗରାଇ ବ୍ଲକ ଖରିଦପିପଳ ଗ୍ରା. ପ ଅନ୍ତର୍ଗତ ଦହମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ ଓ ନିଶା ନିବାରଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜଙ୍ଗଲ ବିଭାଗ ଜଳେଶ୍ୱର ରେଞ୍ଜର ଫରେଷ୍ଟର ପ୍ରହ୍ଲାଦ ଚନ୍ଦ୍ର ନାୟକ, ଫରେଷ୍ଟର ମିନାରାଣୀ ବେହେରା, ଫରେଷ୍ଟ ଗାର୍ଡ ଲିପିକା ପାଣିଗ୍ରାହୀ, ରଞ୍ଜିତା ବିଶ୍ୱାଳ, ସୁଲୋଚନା ବେହେରା, ଡିଇଓ ଜୟଦେବ ଦାସ, ହରିପଦ ଧଳ, କହ୍ନେଇ ବଣ, ତପନ ଦାସ ପ୍ରମୁଖ କର୍ମଚାରୀମାନେ ଆକାଶୀ, କୃଷ୍ଣଚୂଡ଼ା, ରାଧାଚୂଡ଼ା, କଇଁଥ, ବଉଳ, ଗଙ୍ଗଶିଉଳି, ଲେମ୍ବୁ ଓ ସୁନାରୀ



ପ୍ରଭୃତି ଚାରା ଆଣି ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ସହାୟତାରେ ବିଦ୍ୟାଳୟ ପରିସରରେ ରୋପଣ କରିବା ସହିତ ଏକ ବୈଠକ ଜରିଆରେ ଛାତ୍ରଛାତ୍ରୀଙ୍କୁ ପରିବେଶ ସଜାଡ଼ିବା ଦିଗରେ ପ୍ରତ୍ୟକ୍ଷ ସୈନିକ ହେବାପାଇଁ ଅନୁପ୍ରେରିତ କରିଥିଲେ । ସେହିଭଳି ନିଶାସେବନ କିପରି ଜଣକୁ ନୁହେଁ ବରଂ ତା'ର ପୂରା ପରିବାର ପାଇଁ କିପରି ଅଭିଶାପ ପାଲଟି ଯାଏ, ଏହାର ଉଦାହରଣ ଦେଇ ଜଳେଶ୍ୱର ଅବକାରୀ ବିଭାଗର ଅଫିସରମାନେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ । ଅବକାରୀ ବିଭାଗ ତରଫରୁ ଜଳେଶ୍ୱର ଓଆସି ଚନ୍ଦନ କୁମାର ନାୟକ, ଏଏସଆଇ ଜୟପ୍ରକାଶ ଦେଉରିଆ, କନେଷ୍ଟବଳ ବାସୁଦେବ କାମିଲା ପ୍ରମୁଖ ଯୋଗଦେଇ ନିଜେ ନିଶାଠୁ ଦୂରେଇ ରହିବା ସହିତ ନିଶା କବଳିତ ନିଜ ପିତାମାତାଙ୍କୁ ନିଶା ଛାଡ଼ିବା ପାଇଁ ହାତଯୋଡ଼ି ପ୍ରତିଦିନ ଅନୁରୋଧ କରିବା ପାଇଁ ପିଲାମାନେ ପ୍ରତିଜ୍ଞାବଦ୍ଧ ହେବାକୁ ମଧ ଉପଦେଶ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଲୋକ କୁମାର ପ୍ରଧାନ, ସହକାରୀ ଶିକ୍ଷକ ଦେବବ୍ରତ ଦେ ଓ ସୌରଭ କୁମାର ପାତ୍ର, ସାମ୍ବାଦିକ ଶିବନାରାୟଣ ପାତ୍ର ପରିବେଶଧର୍ମୀ ଅଭିଭାଷଣ ରଖିଥିବା ବେଳେ ଶିକ୍ଷକ ପ୍ରଧାନ ମାର୍ଣ୍ଡି, ଦେବେନ୍ଦ୍ର ଅଣ୍ଡିଆ, ଗୟାପ୍ରସାଦ ପାଳ, ତ୍ରିଲୋଚନ ପାଳ ଏହାକୁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସଞ୍ଜୁଲତା ପାଳଙ୍କ ସହିତ ଅନ୍ୟାନ୍ୟ ସଭ୍ୟସଭ୍ୟା, ପୂର୍ବତନ ସଭାପତି ଆଶୁତୋଷ ମହାନ୍ତି ଓ ଗ୍ରାମର ଅନ୍ୟାନ୍ୟ ବ୍ୟକ୍ତି ଯୋଗ ଦେଇ ଥିଲେ ।

# 'ଆମର ସଂକଳ୍ପ ନିଶା ନୁହେଁ ଜୀବନ' କାର୍ଯ୍ୟକ୍ରମ



ସୋର, ୫।୬ (ସମିସ): ସୋର ଅବକାରୀ ବିଭାଗ ତରଫରୁ ବିଶ୍ୱ ପରିବେଶ ଦିବସ ପାଳନ ଉପଲକ୍ଷେ ଚାରାରୋପଣ କାର୍ଯ୍ୟକ୍ରମ ସୋର ଅବକାରୀ ଅଧିକାରୀ ସୁରଜ କୁମାର ଟୀଗାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଆମର ସଂକଳ୍ପ ନିଶା ନୁହେଁ ଜୀବନ ସଚେତନତା କାର୍ଯ୍ୟକ୍ରମ ରାଜ୍ୟ ବ୍ୟାପି ଶୁଭାରମ୍ଭ ହୋଇଥିବା ବେଳେ ସୋର ଅବକାରୀ ବିଭାଗ ତରଫରୁ ଅଘିରାପଦା ଉଚ୍ଚ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ସହ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥି ସହିତ ଉପସ୍ଥିତ ଛାତ୍ରଛାତ୍ରୀ ଏବଂ ଜନସାଧାରଣଙ୍କୁ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ବୃକ୍ଷ ରୋପଣ କରି ପରିବେଶକୁ ବଞ୍ଚାଇବା, ମଦ ସେବନ ଦ୍ୱାରା ହେଉଥିବା ବିଭିନ୍ନ ରୋଗ ଏବଂ ମଦ ନ ପିଇବା ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା । ଏହି ସମୟରେ ଔପଦା ଡେପୁଟି ରେଞ୍ଜର ହରିହର ମାଝୀ, ଅବକାରୀ ଏଏସଆଇ ବସନ୍ତ ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ, କାଜଲ ପ୍ରିୟଦର୍ଶିନୀ ସମେତ ବନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ବନ କର୍ମଚାରୀ ଏବଂ ଅବକାରୀ କର୍ମଚାରୀମାନେ ପରିଚାଳନା କରିଥିଲେ ।

# ବୃଦ୍ଧ ନିଖୋଜ ଅଭିଯୋଗ

ସୋର, ୫।୬(ସମିସ): ସୋର ପୌର ପାଳିକା ଅନ୍ତର୍ଗତ କଲେଜଛକ ନିକଟରୁ ଜଣେ ବୃଦ୍ଧ ନିଖୋଜ ହୋଇଯାଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁସାରେ ଖନ୍ତାପଡ଼ା ଥାନା ଜିରିତାଳ ଗ୍ରାମର ବନମାଳୀ ସାହୁ (୭୦) ଗତ ୨ ତାରିଖରେ ଏକ ତୀର୍ଥଯାତ୍ରୀ ବସ୍‌ରେ ବୁଲିବାକୁ ଯାଇଥିଲେ । ବୁଲାବୁଲି ସାରି ଗତକାଲି ଭୋର ସମୟରେ କଲେଜଛକ ନିକଟରେ ସେ ଏବଂ ତାଙ୍କ ସମୁଦୀ ବୀଣାଗଡିଆ ଗ୍ରାମର ହୃଷିକେଶ ସାହୁ ବସ୍‌ରୁ ଓହ୍ଲାଇ ଥିଲେ । ହୃଷିକେଶ ସେଠାରେ ବସ୍‌ରୁ ବ୍ୟାଗ ଓହ୍ଲାଇ ତଳେ ରଖୁଥିବା ବେଳେ ବନମାଳୀ ଏହି ସମୟରେ କୁଆଡେ ନିଖୋଜ ହୋଇ ଯାଇଥିଲେ । ହୃଷିକେଶଙ୍କ ଠାରୁ ଖବର ପାଇ ପରିବାର ଲୋକେ ସେଠାରେ ପହଞ୍ଚି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନ ପାଇ ସୋର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ମୂଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ନଳକୂଅରୁ ବାହାରୁଛି ଦୂଷିତ ପାଣି, ଗ୍ରାମବାସୀ ହନ୍ତସନ୍ତ






ବାଲେଶ୍ୱର, ୫।୬ (ସମିସ)

ରେମୁଣା ବ୍ଲକ ସରସ୍ୱତୀପୁର ପଞ୍ଚାୟତର କଇଁଗଡ଼ିଆ ଗ୍ରାମରେ ଟିୱେଲରୁ ବାହାରୁଛି କଳଙ୍କିଯୁକ୍ତ ଦୂଷିତ ପାଣି । ଗ୍ରାମବାସୀ ପାନୀୟ ଜଳ ପାଇଁ ହଇରାଣ ହେଉଛନ୍ତି । ପାଇପ ଯୋଗେ ଘରକୁ ଘର ପାଣି ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ବିଶୁଦ୍ଧ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି କଇଁ ଗଡ଼ିଆ ଗ୍ରାମର ଲୋକମାନେ । ଜିଲ୍ଲାର ଦୂର ଦୁରାନ୍ତର ଗ୍ରାମର ଲୋକ ମାନଙ୍କୁ ପାଇପ ଲାଇନ୍ ଯୋଗେ ସରକାର ପାନୀୟ ଜଳ ଯୋଗାଇ ଦେଇଥିଲେବି, ଜିଲ୍ଲା ସଦର ମହକୁମାର ଅତି ନିକଟରେ ଥିବା କଇଁଗଡ଼ିଆ ଗ୍ରାମକୁ ଆଜି ପର୍ଯ୍ୟନ୍ତ ପାଇପ ଲାଇନ୍ ଯୋଗେ ପାନୀୟ ଜଳ ଯୋଗାଇ ନାହାନ୍ତି । ଏହି ଗ୍ରାମରେ ଥିବା ଟ୍ୟୁବେଲ ଗୁଡ଼ିକରୁ କଳଙ୍କି ଯୁକ୍ତ ପାଣି ବାହାରୁଛି । ବିକଳ୍ପ ବ୍ୟବସ୍ଥା ନ ଥିବା ଯୋଗୁଁ ଗ୍ରାମବାସୀ ବାଧ୍ୟହେଇ ଟିୱେଲରୁ ବାହାରୁ ଥିବା ଅପରିସ୍କୃତ ପାଣିକୁ ପିଇବା ପାଇଁ ବାଧ୍ୟ ହେଉଛନ୍ତି । ଏହି ଗ୍ରାମରେ ପ୍ରାୟ ୩ଶହରୁ ଅଧିକ ଲୋକ ବସବାସ କରୁଥିବା ବେଳେ ୩ଟି ଟ୍ୟୁବେଲ ରହିଛି । ସବୁ ଟ୍ୟୁବେଲରୁ କଳଙ୍କଯୁକ୍ତ ପାଣି ବାହାରୁଛି । ପାନୀୟ ଜଳ ପାଇଁ ଗ୍ରାମରେ ଅନ୍ୟ କୌଣସି ବ୍ୟବସ୍ଥା ନାହିଁ । ଚଳିତ ଗ୍ରୀଷ୍ମର ପ୍ରଚଣ୍ଡ ଖରାରେ ଗ୍ରାମରେ ଥିବା ପ୍ରାୟ ସମସ୍ତ ପୋଖରୀରେ ପାଣି ଶୁଖିଯାଇଛି । ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ମଧ୍ୟ ଲୋକମାନେ ଟ୍ୟୁବେଲ ଉପରେ ନିର୍ଭର କରୁଛନ୍ତି । ପାଣି ନେବା ପାଇଁ ଗରା ଓ ବାଲଟି ଧରି ଅପେକ୍ଷା କରିଥାନ୍ତି ଗ୍ରାମର ମହିଳା ମାନେ । ବିଶେଷ କରି ସକାଳ ସମୟରେ ଟ୍ୟୁବେଲରେ ଲୋକଙ୍କର ଲମ୍ବା ଲାଇନ ଲାଗି ଥିବାର ଦେଖାଯାଇଛି । ତେବେ ଯେଉଁ ପାଣି ନିତ୍ୟ ବ୍ୟବହାର୍ଯ୍ୟ କାମରେ ବ୍ୟବହାର କରୁଛନ୍ତି, ସେହି ପାଣି ମଧ୍ୟ ଲୋକେ ପିଉଛନ୍ତି । ଶୁଦ୍ଧ ପାନୀୟ ଜଳ ଯୋଗେଇ ଦେବା ପାଇଁ ଗ୍ରାମବାସୀ ବାରମ୍ବାର ସ୍ଥାନୀୟ ଜନ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଜଣାଇଛନ୍ତି । ହେଲେ ସେମାନଙ୍କ ସମସ୍ୟା ବର୍ତ୍ତମାନ ସୁଦ୍ଧା ଦୂର ହୋଇନାହିଁ । ଏ ବାବଦରେ କଇଁଗଡ଼ିଆ ଗ୍ରାମର ମହିଳା ରୁନି ସିଂ କହିଛନ୍ତି, ଆମ ଗ୍ରାମରେ ଥିବା ଟିୱେଲ ଗୁଡିକରୁ ଗୁଣ୍ଡିଗୁଣ୍ଡି ଅପରିଷ୍କାର ମଇଳା ପାଣି ବାହାରୁଛି । ସବୁ ଗାଁ କୁ ପାଇପ ଲାଇନରେ ପାଣି ଯୋଗାଇ ଦିଆଯାଉଛି । ହେଲେ ଆମ ଗ୍ରାମକୁ ପାଇପ ଲାଇନ ଯୋଗେ ପାଣି ଯୋଗାଇ ଦିଆ ଯାଇନି । ସମସ୍ତଙ୍କୁ କହିଛୁ । ହେଲେ କେହି ପାଣି ପାଇଁ କିଛି ବ୍ୟବସ୍ଥା କରୁ ନାହାନ୍ତି ବୋଲି ରୁନି ସିଂ କହିଛନ୍ତି । ସେହିଭଳି ଏହି ଗ୍ରାମର ଜୟନ୍ତ ସିଂ କୁହନ୍ତି, ଆମ ଗ୍ରାମରେ ୩ଟି ଟ୍ୟୁୱେଲ ରହିଛି । ହେଲେ ଏହି ୩ଟି ଯାକ ଟ୍ୟୁୱେଲରୁ ଗୁଣ୍ଡି ଗୁଣ୍ଡି କଳଙ୍କି ସବୁ ବାହାରୁଛି । ସରପଞ୍ଚ କୈଳାସ ଭାଇ କହିଛନ୍ତି ଖୁବ୍ ଶୀଘ୍ର ଗ୍ରାମର ଲୋକମାନେ ପାଇପ ଯୋଗେ ଘରେ ପାଣି ପାଇ ପାରିବେ । ଦେଖାଯାଉ ଏତେ ଦିନ ଟ୍ୟୁୱେଲରୁ ବାହାରୁ ଥିବା ଅପରିଷ୍କାର ପାଣିକୁ ପିଇବା ପାଇଁ ବ୍ୟବହାର କରି ଆସିଲୁ । ସରପଞ୍ଚଙ୍କ କହିବା ଅନୁସାରେ ଖୁବ ଶୀଘ୍ର ପାଇପ ଲାଇନରେ ଯଦି ଘରକୁ ଘର ପାଣି ଆସେ, ତାହାଲେ ଆଉ ଗ୍ରାମର ଲୋକ ମାନଙ୍କ ପିଇବା ପାଣି ପାଇଁ ଅସୁବିଧା ରହିବ ନାହିଁ ବୋଲି ଜୟନ୍ତ କହିଛନ୍ତି । ଅନ୍ୟପଟେ ସ୍ଥାନୀୟ ସରପଞ୍ଚ କୈଳାସ ଚନ୍ଦ୍ର ସ୍ୱାଇଁ ନିଜ ପ୍ରତିକ୍ରିୟାରେ କହିଛନ୍ତି, ପାଇପଯୋଗେ ପାନୀୟ ଜଳ ଯୋଗାଇ ଦେବାପାଇଁ ପଞ୍ଚାୟତର ଅନ୍ୟ ଗ୍ରାମ ଗୁଡିକରେ କାମ ଚାଲିଛି । କଇଁଗଡ଼ିଆ ଗ୍ରମାରେ ମଧ୍ୟ ପାଇପ ବିଛାଇବା କାମ ଖୁବ୍‌ଶୀଘ୍ର ଆରମ୍ଭ ହେବ । ଅଳ୍ପ ଦିନ ମଧ୍ୟରେ କାମ ଶେଷ ହେଲେ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇ ପାରିବେ ବୋଲି ସରପଞ୍ଚ ସ୍ୱାଇଁ କହିଛନ୍ତି ।

# ଚାଲିଛି ବେଆଇନ ମାଟି କାରବାର, ପ୍ରଶାସନ ନିରବ



କାଳିପଦା, ୫।୬(ସମିସ): ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ଅବାଧରେ ଚାଲିଛି ବେଆଇନ ମାଟି କାରବାର । ପ୍ରଶାସନ ସବୁ ଜାଣି ମଧ୍ୟ ନୀରବ ରହୁଛି । ମାଟି ମାଫିଆମାନେ ସରକାରୀ ଏବଂ ବେସରକାରୀ ଜାଗାରୁ ମନଇଚ୍ଛା ମାଟି ତାଡ଼ି ଚଢା ଦରରେ ବିକ୍ରି କରି ମାଲେମାଲ ହେଉଛନ୍ତି । ଫଳରେ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି । ମାଟି ମାଫିଆମାନେ ପାଳଜାମକୁଣ୍ଡା, ବିଷ୍ଣୁପୁର, ମାନ୍ଧାତା, କୋଷ୍ଟ କେନାଲ ବନ୍ଧ ଆଦି ସ୍ଥାନରେ ମାଟି ଉତ୍ତୋଳନ କରୁଥିବାବେଳେ ଗ୍ରାମବାସୀ ବିରୋଧ କରିବାରୁ କିଛି ଅସାମାଜିକ ଯୁବକଙ୍କୁ ଧରି ଲୋକମାନଙ୍କୁ ଧମକ ଚମକ ଦେଉଥିବା ନେଇ ଅଭିଯୋଗ ହେଇଛି । ଫଳରେ ସାଧାରଣ ଲୋକଙ୍କର ବିରୋଧାଭାସ ପ୍ରଶାସନ ପାଖରେ ପହଞ୍ଚିପାରୁ ନାହିଁ । ମାଟି ଉତ୍ତୋଳନ ସ୍ଥାନ ଥାନା ଏବଂ ତହସିଲ କାର୍ଯ୍ୟାଳୟ ନିକଟବର୍ତ୍ତୀ ହୋଇଥିବାରୁ ମାଫିଆମାନେ ପ୍ରଶାସନର ସଲାସୁତୁରାରେ ବେଆଇନ କାମ ଚଳାଉଛନ୍ତି ବୋଲି ଛକ ବଜାରରେ ଚର୍ଚ୍ଚା ହେଉଛି । ଘଟଣା ସମ୍ପର୍କରେ ତହସିଲଦାର କହିଛନ୍ତି ସ୍ଥାନୀୟ ଆରଆଇଙ୍କୁ ମାଫିଆମାନଙ୍କ ବିରୁଦ୍ଧରେ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ପାଇପ ଲାଇନ୍ ଛଡ଼ାଇ ନେଉଛି ଟ୍ରକ ମାଲିକଙ୍କ ଜୀବିକା

**ଟିକସ୍ ଛାଡ଼ ସହ ଟ୍ରକ୍ ଜିମା ପାଇଁ ନିବେଦନ**

ଯୋଡ଼ା, ୫।୬(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ଅଞ୍ଚଳରୁ ବର୍ତ୍ତମାନ ପରିବହନ ସମସ୍ୟା ଉପୁଜିଛି। ପାଇପ ଲାଇନ୍ ଓ ରେଳ ଦ୍ୱାରା ଖଣିଜ ପରିବହନ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଖଣି କ୍ଷତିଗ୍ରସ୍ତ ଅଞ୍ଚଳର ଟ୍ରକ୍ ଗୁଡ଼ିକୁ ଖଣିଜ ବୋଝେଇ କାର୍ଯ୍ୟରୁ ବଞ୍ଚିତ ହେଉଛନ୍ତି। କାର୍ଯ୍ୟହରା ହେବା ଫଳରେ ଟ୍ରକ୍ ମାଲିକମାନେ ଦେବାଳିଆ ହୋଇ ପଡ଼ିଛନ୍ତି। ଟ୍ରକ୍ ଚଳାଇବାରେ ଅସମର୍ଥ ହେବା ପରେ ଯୋଡ଼ା ଟ୍ରକ୍ ମାଲିକ ସଂଘ ଓ ଆଞ୍ଚଳିକ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଟ୍ରକ୍‌ର ରୋଡ ଟ୍ୟାକ୍ସ ଛାଡ଼ କରିବା ସହିତ ଅଚଳ ହୋଇ ପଡ଼ି ରହିଥିବା ଟ୍ରକ୍‌ଗୁଡ଼ିକୁ ଫେରାଇ ନେବା ପାଇଁ କେନ୍ଦୁଝର ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଗୁରୁବାର ଏକ ଚିଠି କରାଯାଇଛି। ଏ ଦିଗରେ ଜିଲ୍ଲା ପ୍ରଶାସନଙ୍କ ସହଯୋଗର ଆବଶ୍ୟକତା ଥିବା ବେଳେ ସଂଘ ପକ୍ଷରୁ ଜିଲ୍ଲାପାଳ, ଏସପିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏହି ଅଭିଯୋଗପତ୍ର ମଧ୍ୟ ଦିଆଯାଇଥିବା ସୂଚନା ଦିଆଯାଇଛି।

ପ୍ରକାଶ ଯେ ପରିବହନ କାର୍ଯ୍ୟ ପର୍ଯ୍ୟାପ୍ତ ମିଳି ପାରୁ ନ ଥିବା ବେଳେ ଗାଡିଗୁଡ଼ିକର ଋଣ କିସ୍ତି ସହ ବିଭିନ୍ନ ଟିକସ ପଇଠରେ ମାଲିକମାନେ ଅସୁବିଧାରେ ପଡ଼ିଛନ୍ତି। ସଂଘ ଅଧୀନରେ ପ୍ରାୟ ୨୬୦୦ ଟ୍ରକ୍ ଏବେ ଅଚଳାବସ୍ଥାରେ ପଡ଼ି ରହିଛି। କାମ ଓ ଲୋଡିଂ ମିଳୁ ନଥିବାରୁ ଗାଡ଼ି ମାଲିକମାନେ ପ୍ରମାଣ ଗଣିବା ଆରମ୍ଭ କଲେଣି। ଆଗାମୀ ଦିନରେ ଏହି ଦୁର୍ଦ୍ଦିନ ଆହୁରି ଗୁରୁତର ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଖଣି ଅଞ୍ଚଳରେ ରୋଜଗାରର ମୁଖ୍ୟ ଉତ୍ସ ଖଣିଜ ପରିବହନ ରହିଥିବା ବେଳେ ଯୁବ ପିଢ଼ି ଏନେଇ ନିରାଶ ହୋଇ ବସିଛନ୍ତି। ଧୀରେ ଧୀରେ ରେଳ ଓ ପାଇପ ଦ୍ୱାରା ଖଣିଜ ପରିବହନ ବୃଦ୍ଧି ପାଉଥିବା ହେତୁ ଟ୍ରକ ଦ୍ୱାରା ପରିବହନ ହ୍ରାସ ହେଉଛି। ଏନେଇ ଟ୍ରକ ମାଲିକ ଦୁର୍ଦ୍ଦିନରେ କାଳତିପାତ କରୁଛନ୍ତି। ପରିବହନ କାର୍ଯ୍ୟରେ ନିୟୋଜିତ ପାଞ୍ଚ ହଜାରରୁ ଅଧିକ ଟ୍ରକ୍ ମାଲିକ କାମ ଅଭାବରୁ ହତାଶ ହୋଇପଡ଼ିଛନ୍ତି। ଋଣଗ୍ରସ୍ତ ଥିବା ଟ୍ରକ୍ ମାଲିକମାନେ ରୋଡ ଟ୍ୟାକ୍ସ ଓ ଋଣ କିସ୍ତି ଟଙ୍କା ଦେଇ ନ ପାରି ଅତି ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ଆଗକୁ ଏହାର କୌଣସି ବିକଳ୍ପ ବ୍ୟବସ୍ଥା ନ ବାହାରିଲେ ଟ୍ରକ ଉପରେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ନିର୍ଭର କରି ଚାଲୁଥିବା ମାଲିକମାନେ ଘୋର ଆର୍ଥିକ ସଙ୍କଟରେ ଗତି କରିବେ।

## ପୁଲିସକୁ ଆକ୍ରମଣ କଲା ଅଭିଯୁକ୍ତ



ବାଲିବନ୍ଧ, ୫।୬(ସମିସ): ତଦନ୍ତ ସମୟରେ ପୁଲିସକୁ ଆକ୍ରମଣ ଘଟଣାରେ ଅଭିଯୁକ୍ତକୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି ଝୁମ୍ପୁରା ପୁଲିସ। ଅଭିଯୁକ୍ତ ଜଣକ ହେଲେ ଝୁମ୍ପୁରା ଥାନା ଅନ୍ତର୍ଗତ ନହବେଡା ପଞ୍ଚାୟତ ନହବେଡା ଗ୍ରାମର ରବୀନ୍ଦ୍ର କୁମାର ଭଞ୍ଜଦେଓଙ୍କ ପୁଅ ସୁଧୀର କୁମାର ଭଞ୍ଜଦେଓ (୨୯ବର୍ଷ)। ସେ ଗତ ୨୦୨୪ ଡିସେମ୍ବରରେ ନହବେଡା ରାମଚନ୍ଦ୍ରପୁର ଜନସେବା କେନ୍ଦ୍ରରୁ ଏକ କ୍ୟୁଆର କୋଡ଼ ମାଧ୍ୟମରେ ୫୦ହଜାର ଟଙ୍କା ଟ୍ରାନ୍ସଫର କରିଥିଲା। ପରେ ଜନସେବା କେନ୍ଦ୍ରର ପିଲାକୁ ଘରୁ ଆଣି ଟଙ୍କା ଦେଉଛି ବୋଲି କହି ସୁଧୀର ଘରକୁ ଚାଲିଯାଇଥିଲା। ଜନସେବା ମାଲିକ ଅଭିଜିତ ମହାନ୍ତ ଟଙ୍କା ମାଗିବା ପାଇଁ ସୁଧୀର ଘରକୁ ଗଲାବେଳେ ସେ କହିଲା, ମୋତେ ଟିକେ ସମୟ ଦିଅ ମୁଁ ଜନସେବା କେନ୍ଦ୍ରକୁ ଯାଇ ଟଙ୍କା ଦେଇଦେବି। ଏଭଳି ଭାବେ ଟଙ୍କା ଦେବି ଦେବି କହି ଦୀର୍ଘମାସ ଗଡ଼ିଗଲା। ଅଭିଜତ ଝୁମ୍ପୁରା ଥାନାର ଆଶ୍ରୟ ନେଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ନହବେଡା ଗ୍ରାମକୁ ଯାଇ ତଦନ୍ତ କରୁଥିବା ବେଳେ ସହଯୋଗ କରିବା ବଦଳରେ ପୁଲିସ ଆକ୍ରମଣ କରିଥିଲା ସୁଧୀର। ଫଳରେ ଅଭିଜିତର ମାମଲା ସହିତ ପୁଲିସ ନିଜ ପକ୍ଷରୁ ଆଉ ଏକ ମାମଲା ରୁଜୁ କରି ସୁଧୀରକୁ ଗିରଫ କରିଛି।

## ପୋଡ଼ି ହୋଇ ଜଣେ ଗୁରୁତର

ତୁରୁମୁଙ୍ଗା, ୫।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବଡପାଟଣା ପଞ୍ଚାୟତ ପୁଟୁଳିଆ ଗ୍ରାମ ତଳସାହିର ରମେଶଚନ୍ଦ୍ର ମହାନ୍ତ (୬୫) ଗ୍ୟାସ ନିଆଁରେ ପୋଡ଼ି ହୋଇ ଗୁରୁତର ହୋଇଛନ୍ତି। ରମେଶ ନୂତନ ଗ୍ୟାସ ସିଲିଣ୍ଡର ଘରକୁ ଆଣିଥିଲେ। ସିଲିଣ୍ଡରରେ ରେଗୁଲେଟ ସଂଲଗ୍ନ ସ୍ଥାନରେ ଲିକ୍ ରହିଥିବା ଜାଣି ପାରି ନଥିବା ବେଳେ ଚୁଲାରେ ନିଆଁ ଲଗାଇବାରୁ ସିଧା ଗ୍ୟାସ ସିଲିଣ୍ଡରକୁ ଚାଲିଯାଇଥିଲା। ଫଳରେ ନିଆଁ ଲାଗି ରମେଶଙ୍କ ମୁଣ୍ଡ ଓ ଛାତି ପୋଡ଼ି ଯାଇଥିଲା। ପରିବାର ଲୋକେ ସଙ୍ଗେସଙ୍ଗେ ନିଆଁକୁ ନିୟନ୍ତ୍ରଣ କରି ଗୁରୁତର ଅବସ୍ଥାରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ତାଙ୍କୁ ସ୍ଥାନାନ୍ତରିତ କରାଯାଇଛି।

■ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ

## କାମରେ ଲାଗୁନି କ୍ୟାମେରା; ୯ରୁ ଚାଲୁଛି ୨

ଚମ୍ପୁଆ,୫।୬(ସମିସ):




୧୯୧୦ରେ ସ୍ଥାପିତ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠିଛି। କେବଳ ସିକ୍ୟୁରିଟି ଗାର୍ଡଙ୍କ ହାତରେ ଏହି ଡାକ୍ତରଖାନା କେତେ ସୁରକ୍ଷିତ ତାକୁ ନେଇ ପ୍ରଶ୍ନବାଚୀ ଦେଖାଦେଇଛି। ଏପରିକି ଏଠାରେ ଲାଗିଥିବା ସିସିଟିଭି କ୍ୟାମେରା ସୁରକ୍ଷା ଯୋଗାଇବାରେ ପର୍ଯ୍ୟାପ୍ତ ହେଉ ନଥିବା ଜଣାପଡ଼ିଛି। ଚୋରିଠାରୁ ଆରମ୍ଭ କରି ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପକୁ ରୋକ ଲଗାଇବା ପାଇଁ ଦୀର୍ଘ ଦିନହେବ ରୋଗୀ କଲ୍ୟାଣ ସମିତି ପକ୍ଷରୁ ପ୍ରମୁଖ ସ୍ଥାନରେ ୯ଟି ସିସି କ୍ୟାମେରା ଲଗାଯାଇଥିଲା। ମାତ୍ର ଆଜିର ଦିନରେ ୨ଟି କ୍ୟାମେରା କାମ କରୁଛି। ୮ମାସ ହେବ ତାହା ଖରାପ ହୋଇପଡିଛି। ଅନ୍ୟପକ୍ଷରେ ବର୍ଦ୍ଧିତ ରୋଗୀ ସେବା ପାଇଁ ଚିକିତ୍ସାଳୟରେ ବିଭିନ୍ନ ଜରୁରୀ ଚିକିତ୍ସା ବିଭାଗ ଖୋଲାଯାଇ ଏହାର ପରିସୀମା ବୃଦ୍ଧି କରାଯାଇଛି। ପୂର୍ବରୁ ପ୍ରବେଶ ଓ ପ୍ରସ୍ଥାନ ପାଇଁ ଏକମାତ୍ର ଗେଟ ରହିଥିବା ବେଳେ ଅନ୍ୟଏକ ମୁଖ୍ୟଦ୍ୱାର ଖୋଲାଯାଇଛି। ଏହି ଚିକିତ୍ସାଳୟର ସୁରକ୍ଷା ନିମନ୍ତେ ୧୦୦ଟି ସିସି କ୍ୟାମେରାର ଆବଶ୍ୟକ ରହିଥିବା ବେଳେ ପୂର୍ବରୁ ଲାଗିଥିବା ୯ଟି କ୍ୟାମେରାରୁ ୨ଟି କାମ କରୁଛି। ଏନେଇ ଉପଖଣ୍ଡ ଚିକିତ୍ସାଧିକାରୀ ଉମାକାନ୍ତ ସାହୁ କହିଛନ୍ତି ଯେ ଏହି ଚିକିତ୍ସାଳୟ ପାଇଁ ୧୦୦ଟି କ୍ୟାମେରାର ଆବଶ୍ୟକତା ରହିଛି। ବିଶେଷ ଭାବରେ ବିବିସି, ଓପିଡି, ଟିକେଟ କାଉଣ୍ଟର, ପିପିସି, ଫିଜିଓଥେରାପି, ପ୍ରବେଶ ଦ୍ୱାର, ମାଇନର ଓଟି, କାଜୁଆଲଟି ସହ ପ୍ରମୁଖ କାର୍ଯ୍ୟସ୍ଥଳୀରେ ଏହି କ୍ୟାମେରା ଲାଗିବ। ଏହି କ୍ୟାମେରା ଦ୍ୱାରା କର୍ମଚାରୀଙ୍କ କାର୍ଯ୍ୟଶୈଳୀ, ଉପସ୍ଥିତି ସହିତ ସୁରକ୍ଷାକୁ କଡ଼ାକଡ଼ି କରାଯାଇପାରିବ। ଏନେଇ ଜିଲ୍ଲା ଖଣିଜ ପାଣ୍ଠି ଅନୁଷ୍ଠାନକୁ ସିଡିଏମଓଙ୍କ ମାଧ୍ୟମରେ ୬ ମାସ ତଳେ ଚିଠି କରିଛୁ। ମାତ୍ର ତାହା ଆମକୁ ମିଳି ପାରି ନାହିଁ। ରୋଗୀ କଲ୍ୟାଣ ସମିତି ବୈଠକରେ ଡାକ୍ତରଖାନା ପାଣ୍ଠିରୁ କ୍ୟାମେରା କିଣାଯିବାର ପ୍ରସ୍ତାବ ରହିଛି। ତାହା ଖୁବଶୀଘ୍ର କରାଯିବ ବୋଲି ଡା. ସାହୁ କହିଛନ୍ତି।

## ଇଦ୍‌ଉଲ ଜୁହା ଉପଲକ୍ଷେ ଶାନ୍ତି କମିଟି ବୈଠକ

ଚମ୍ପୁଆ,୫।୬(ସମିସ): ଚମ୍ପୁଆ ଥାନା ସଭା ଗୃହଠାରେ ଏସ୍‌ଡିପିଓ ରଶ୍ମିରଂଜନ ସାହୁଙ୍କ ସଭାପତିତ୍ୱରେ ଆଗାମୀ ୭ ତାରିଖରେ ହେବାକୁ ଥିବା ମୁସଲିମ ସଂପ୍ରଦାୟର ପବିତ୍ର ପର୍ବ ଇଦ୍‌ଉଲ ଜୁହା ପାଳନ ଉପଲକ୍ଷେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ କାଶୀନାଥ ବେହେରା, ସୁବାସ ରାମ, ଏମଡି ଗୁଫରାନ, ସାହରଜ ଜିୟା, ମନୋଜ ସାହୁ, ମହୋନ ନାଏକ, ଆବିଦ ଆନସାରୀ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଏହି ପର୍ବ ଚମ୍ପୁଆ ଅଞ୍ଚଳର ୪ଟି ସ୍ଥାନରେ ଓ ଜାମୁଦଲକ ଅଞ୍ଚଳର ଗୋଟିଏ ସ୍ଥାନରେ ପାଳନ ହୋଇଆସୁଥିବା ବେଳେ ପର୍ବ ପାଳନ ସମୟରେ ପୁଲିସ ପାଟ୍ରୋଲିଙ୍ଗ ବ୍ୟବସ୍ଥାକୁ କଡାକଡି କରିବା ପାଇଁ ଉଭୟ ସଂପ୍ରଦାୟର ଲୋକ ଏସଡିପିଓ ଶ୍ରୀ ସାହୁଙ୍କୁ ଅନୁରୋଧ କରିଥିଲେ।

## ଦାଦନ ଶ୍ରମିକ ନିଖୋଜ

ତୁରୁମୁଙ୍ଗା, ୫।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଚାକୁଣ୍ଡାପାଳ ପଞ୍ଚାୟତ ଜହ୍ନେଇଁପଶି ଗ୍ରାମର ବୈଷ୍ଣବ ନାଏକଙ୍କ ପୁଅ ରଣଜିତ୍ ଓରଫ ରମେଶ (୪୫) ଗତ ଶୁକ୍ରବାର ଘରୁ ଟଙ୍କା ନେଇ ଭୁବନେଶ୍ୱରରୁ ଟ୍ରେନ୍ ଧରି କେରଳରେ କାମ କରିବାକୁ ଗାଁର ସାଙ୍ଗ ପ୍ରଦୀପ ନାଏକଙ୍କ ସହ ଯାଉଥିବା ସମୟରେ ନିଖୋଜ ହୋଇଯାଇଛନ୍ତି। ପରିବାର ଲୋକେ ଜାଣିବାକୁ ପାଇ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ପରିବାର ଲୋକେ ରଣଜିତକୁ ଫୋନ୍ କଲେ ପ୍ରଦୀପ ଉଠାଉଛନ୍ତି ଏବଂ ସେ କୌଣସି ବିଷୟରେ ସୂଚନା ଦେଉ ନଥିବା ଅଭିଯୋଗରେ ଦର୍ଶାଇଛନ୍ତି।

## ୩ ମାସ ହେଲା ମିଳୁନି ଭତ୍ତା, ବ୍ଲକକୁ ଧାଇଁ ଧାଇଁ ନିରାଶ

ହାଟଡ଼ିହୀ,୫।୬(ସମିସ): ସରକାର ସାମାଜିକ ସୁରକ୍ଷା ଯୋଜନାରେ ଗରିବ ବୃଦ୍ଧବୃଦ୍ଧାଙ୍କୁ ମାସକୁ ମାସ ଭତ୍ତା ଯୋଗାଇ ଦେଉଥିବା ବେଳେ ହାଟଡ଼ିହୀ ବ୍ଲକ ଗେଡ଼ମା ପଞ୍ଚାୟତରେ ୧୦ଜଣ ହିତାଧିକାରୀ ୩ମାସ ହେଲା ଭତ୍ତା ପାଇପାରୁ ନାହାନ୍ତି। ସେମାନେ ଦୁଃଖକଷ୍ଟରେ କାଳାତିପାତ କରୁଛନ୍ତି। ଗେଡ଼ମା ପଞ୍ଚାୟତର ଶାନ୍ତିଲତା ନାଥ, ହରେକୃଷ୍ଣ ସେଠୀ, କୁଣ ଗେଡି, ପଞ୍ଚାନନ ମହାନ୍ତି, ଉଷାନନ୍ଦ ମହାନ୍ତି, ରୁଦ୍ରନାରାୟଣ ମହାନ୍ତି, ଆନନ୍ଦ ସେଠୀ, ସୁଷମାରାଣୀ ଜେନା, ବାସନ୍ତିଲତା ଜେନା, ରବିନ୍ଦ୍ର ସେଠୀ ପ୍ରମୁଖ ପୂର୍ବରୁ ପଞ୍ଚାୟତ ମାଧ୍ୟମରେ ହାତାହାତି ଭତ୍ତା ପାଉଥିବା ବେଳେ ଗତ ମାର୍ଚ୍ଚ ମାସରୁ ଆକାଉଣ୍ଟ ମାଧ୍ୟମରେ ଦିଆଯିବ ବୋଲି କୁହାଗଲା। ୩ମାସ ହେଲା ହିତାଧିକାରୀମାନେ ବ୍ୟାଙ୍କକୁ ବାରମ୍ବାର ଯାଇ ନିରାଶ ହେବାପରେ ପଞ୍ଚାୟତକୁ ଯାଇ ପଚାରିବାରୁ ବ୍ଲକ କାର୍ଯ୍ୟାଳୟକୁ ଯାଇ ବୁଝ ବୋଲି କହିଥିଲେ। ହିତାଧିକାରୀମାନେ ଆଧାରକାର୍ଡ ଓ ବ୍ୟାଙ୍କ ଜମାବହି ନେଇ ବ୍ଲକର ଭତ୍ତା ବିଭାଗରେ ଦେବା ପରେ ଏଥର ଠିକ ହୋଇଯିବ କହି ଫେରାଇ ଦେଇଥିଲେ। ଆଜି ପର୍ଯ୍ୟନ୍ତ ଭତ୍ତା ମିଳିଲାନି। ବାରମ୍ବାର ବ୍ୟାଙ୍କକୁ ଯାଇ ନିରାଶରେ ଫେରୁଛନ୍ତି। ପଞ୍ଚାୟତକୁ ଯାଇ ପଚାରିବାରୁ ସେ ବାବଦରେ ଆମେ କହିପାରିବୁନି ବୋଲି ପିଇଓ ସେମାନଙ୍କୁ ଉତ୍ତର ଦେଇଥିଲେ। ଆନନ୍ଦପୁର ଉପଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ହିତାଧିକାରୀମାନେ ନିବେଦନ କରିଛନ୍ତି।

## ଖଡ଼ବିଲରୁ ବୃଦ୍ଧ ନିଖୋଜ

ଆନନ୍ଦପୁର, ୫।୬ ସମିସ): ଆନନ୍ଦପୁର ବ୍ଲକ ବାଇଲୋ ପଞ୍ଚାୟତର ଖଡ଼ବିଲ ଗ୍ରାମର ନିରଞ୍ଜନ ଜେନା ସନ୍ଦେହଜନକ ପରିସ୍ଥିତିରେ ନିଖୋଜ ହୋଇଥିବା ଅଭିଯୋଗ ହୋଇଛି। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ହତାଶ ହେବା ପରେ ଏନେଇ ଘସିପୁରା ଥାନାରେ ରିପୋର୍ଟ କରିଥିବା ଜଣାଯାଇଛି। ପୁଲିସ ବିଭିନ୍ନ ସ୍ଥାନରେ ତନାଘନା କରିଥିଲେ ମଧ୍ୟ ନିଖୋଜ ବ୍ୟକ୍ତିଙ୍କ ସମ୍ପର୍କରେ ସୁରାକ ପାଇ ନଥିବା ଜଣାଯାଇଛି।

## ବିଶ୍ୱ ପରିବେଶ ଦିବସ ପାଳିତ




ଆନନ୍ଦପୁର/ତେଲକୋଇ, ୫।୬(ସମିସ): ସ୍ୱେଚ୍ଛାସେବୀ ସଂଗଠନ ହର୍ଷାଟ୍ରଷ୍ଟ ଏବଂ ଓରିଆ ବନଦୁର୍ଗା ଟସର ବିକାଶ ସମିତିର ମିଳିତ ସହଯୋଗରେ ତେଲକୋଇ ବ୍ଲକ ଅନ୍ତର୍ଗତ ଓରିଆ ଗ୍ରାମରେ ଅସନ ଓ ଅର୍ଜୁନ ବୃକ୍ଷ ରୋପଣ କରାଯାଇଛି। ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଦଲକି ଚକଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓରିଆ ଗ୍ରାମର ଜନସାଧାରଣ ତଥା ତେଲକୋଇ ବ୍ଲକର କାର୍ଯ୍ୟରତ ଟସର ସାଥୀମାନେ ଅଂଶଗ୍ରହଣ କରିଥିଲେ। କେନ୍ଦୁଝରସ୍ଥିତ ରେଶମ ଶିଳ୍ପ କାର୍ଯ୍ୟାଳୟ ସହକାରୀ ନିର୍ଦ୍ଦେଶକଙ୍କ ପକ୍ଷରୁ ବରିଷ୍ଠ ବୈଷୟିକ ସହଯୋଗୀ ଯତୀନ କୁମାର ସ୍ୱାଇଁ, ତାଳପଦା ବନପାଳ ଯୋଗେଶ୍ୱର ମାଝୀ, ବନରକ୍ଷୀ ଝରଣା ସାହୁ, ଉଦ୍ୟାନ ବିଭାଗ କର୍ମଚାରୀ ଦୀପ୍ତିରଞ୍ଜନ ସାହୁ, ଜଗମୋହନପୁର ସରପଞ୍ଚ ଗୋବିନ୍ଦଚନ୍ଦ୍ର ପଧାନ, ଆରଭିଡ଼ିଓ ଚାଇଲ୍ଡ ଫଣ୍ଡର ପ୍ରକଳ୍ପ ଅଧିକାରୀ ପ୍ରତାପ ବିଶ୍ୱାଳ ପ୍ଲାଷ୍ଟିକ ସାମଗ୍ରୀର ବ୍ୟବହାର ବିରୋଧରେ ବକ୍ତବ୍ୟ ରଖି ସଚେତନତା ସୃଷ୍ଟିକ କରିଥିଲେ। ବ୍ୟାପକ ବୃକ୍ଷରୋପଣ ମାଧ୍ୟମରେ ପରିବେଶକୁ ସୁରକ୍ଷା କରାଯାଇ ପାରିବ ବୋଲି ସେ ସମ୍ପର୍କରେ ଅବଗତ କରାଯିବା ସହ ଅତିଥି ଓ ଉପସ୍ଥିତ ପ୍ରତିନିଧିଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପଡ଼ିଆ ଓ ଟାଙ୍ଗରା ସ୍ଥାନଗୁଡ଼ିକରେ ସିଡବଲ ବିଞ୍ଚନ କରାଯାଇଥିଲା। ନଳିନୀକାନ୍ତ ସାହୁ ପରିଚାଳନା କରିଥିଲେ। ବୈଷୟିକ ବିଶାରଦ ଶୁଭଙ୍କରୀ ସେଠୀ ଧନ୍ୟବାଦ ଦେଇଥିଲା ବେଳେ ବୁନିଲ କୁମାର ମାଝୀ, ଉମାକାନ୍ତ ସାହୁ ଓ ଖଗେଶ୍ୱର ପ୍ରଧାନ ସହଯୋଗ କରିଥିଲେ। ସେହିପରି ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ୍ ବୀରଗୋବିନ୍ଦପୁର ପଞ୍ଚାୟତର ଯୁଗଳକିଶୋରପୁର ଗ୍ରାମରେ ବିଶ୍ୱ ପରିବେଶ ଦିବସ ଅବସରରେ ସ୍ଥାନୀୟ ଅଙ୍ଗନବାଡି କେନ୍ଦ୍ରଠାରେ ସଫେଇ କରାଯାଇଥିଲା। ପରେ ବିଭିନ୍ନ ସ୍ଥାନରେ ଓ ରାସ୍ତାର ପାର୍ଶ୍ୱରେ ବୃକ୍ଷ ରୋପଣ କରାଯାଇଥିଲା। ଏକ ଆଲୋଚନାଚକ୍ରରେ ଅଙ୍ଗନବାଡି କର୍ମଚାରୀ ବାସନ୍ତୀ ମୁଦି ଏବଂ ଅସପେୟାର ଜିପିସିମ ସୁଶାନ୍ତ ସୋରେନ ସଚେତନତା ସୃଷ୍ଟି କରିଥିଲେ।

## ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ ପାଳିତ



କରଞ୍ଜିଆ, ୫।୬(ସମିସ): ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ସହର ଅଙ୍କୁରା ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ଦିଲ୍ଲୀପ କୁମାର ପୃଷ୍ଟିଙ୍କ ନେତୃତ୍ୱରେ ଛାତ୍ରୀମାନେ ନିଜ ଘରର ଖୋଲା ସ୍ଥାନରେ ବୃକ୍ଷରୋପଣ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ତଥା ଯୁବ ରେଡକ୍ରସ ପରାମର୍ଶଦାତା ମାନସ ରଞ୍ଜନ ବେହେରାଙ୍କ ଦୂରଭାଷ ସହଯୋଗରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର କମଳିନୀ ମହାନ୍ତ, ସୁଚିସ୍ମିତା ମହାନ୍ତ, ବିଶ୍ୱ ବନ୍ଦିତା ମୁଣ୍ଡା ଓ ପାର୍ବତୀ ମହାନ୍ତ ନିଜ ନିଜ ଘର ଅଗଣାରେ ଚାରା ରୋପଣ କରିଛନ୍ତି। ନିଜେ ଲଗାଇ ଥିବା ଚାରାର ରକ୍ଷଣାବେକ୍ଷଣ ପାଇଁ ନିଜେ ଶପଥ ନେବା ସହ ପରିବେଶ ସୁରକ୍ଷା ପାଇଁ ଶପଥ ପାଠ କରାଇଥିଲେ।

ବଡସାହି : ବିଶ୍ୱ ପରିବେଶ ଦିବସ ଅବସରରେ ବଡସାହି ବ୍ଲକ୍ ଦେଉଳିଆ ପଞ୍ଚାୟତ ବଇଁଚା ପ୍ରାଥମିକ ବିଦ୍ୟାଳୟ ପରିସରରେ 'ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡସାହି ବିଡିଓ ବନଜା ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଚାରା ରୋପଣ କରିବା ସହିତ ବର୍ତ୍ତମାନର ଗ୍ଲୋବାଲ ୱାର୍ମିଂ ପାଇଁ ବୃକ୍ଷରୋପଣ କେତେ ଜରୁରୀ ସେ ସମ୍ପର୍କରେ ଉପସ୍ଥିତ ଲୋକାମାନଙ୍କ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ଶରତ କୁମାର ମହାନ୍ତି, ଜେଇ ପ୍ରେମଚାନ୍ଦ ଦଣ୍ଡପାଟ, ସରପଂଚ ତୁଳସୀ ସିଂ, ସମିତି ସଭ୍ୟ ନିହାରଂଜନ ମହାପାତ୍ର, ଏପିଓ ଆଲୋକ ଦାଶ, ପିଇଓ ବରଜୁ ସିଂ, ଏଡିଓ ହେମନ୍ତ କୁମାର ବେହେରା ପ୍ରମୁଖ ଯୋଗ ଦେଇ ବିଭିନ୍ନ ଚାରାରୋପଣ କରିଥିଲେ। ପ୍ରାରମ୍ଭରେ ଅତିଥିଙ୍କୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଫଳଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା।



କରଞ୍ଜିଆ : କରଞ୍ଜିଆ ବନ ଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ କରଞ୍ଜିଆ ବନାଞ୍ଚଳ ଓ ତାଲୁକ ଆଇନ ସେବା ସମିତିର ସହଯୋଗରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଏହି ଅବସରରେ ଏକ ସଚେତନ ସଭା ଓ ବୃକ୍ଷରୋପଣ କାଯ୍ୟକ୍ରମ ଏ.ସି.ଏଫ. ମଦନ ମହାନ ମହାନ୍ତଙ୍କ ସଂଯୋଜନାରେ ଆୟୋଜିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏ.ଡି.ଜେ. ତଥା ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ଆଶିଷ କୁମାର ତ୍ରିପାଠୀ, ଏସ.ଡି.ଜେ.ଏମ. ପ୍ରଭାତ କୁମାର ସାମଲ, ପୂର୍ବତନ ଡି.ଏଫଓ ଶ୍ରୀକାନ୍ତ ନାୟକ, ସଂସଦ ପ୍ରତିନିଧି ଆଶିଷ କୁମାର ମହାନ୍ତ, ଓକିଲ ସଂଘର ସଭାପତି ମଦନ ମହାନ ମହାନ୍ତ, ଅଭିଜିତ ମହାନ୍ତ ଦେବାଶିଷ ବେହେରା ପ୍ରମୁଖ ଯୋଗଦେଇ ପରିବେଶ ଉପରେ ବକ୍ତବ୍ୟ ରଖିଥିଲେ। ଶେଷରେ ରେଞ୍ଜ ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

ବିଶୋଇ : ମଣଦା ବନାଞ୍ଚଳ ଆନୁକୂଲ୍ୟରେ ବିଶୋଇ ବ୍ଲକର ବିଭିନ୍ନ ସ୍ଥାନରେ ଆଜି ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ଶିବପ୍ରସାଦ ରଥଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ ତଥା ଭାରପ୍ରାପ୍ତ ମଣଦା ବନାଞ୍ଚଳ ଅଧିକାରିଣୀ ଧରିତ୍ରୀ ମୁର୍ମୁଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ କରାଯାଇଥିଲା। ସାନପୁରୁଣାପାଣି ପଞ୍ଚାୟତର ସରପଞ୍ଚ ଭବାନୀ ସୋରେନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁମନ୍ତ ଗିରିଙ୍କ ସହଯୋଗରେ ସାନପୁରୁଣାପାଣି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୫୦ ଗୋଟି ମୂଲ୍ୟବାନ ବୃକ୍ଷରୋପଣ କରାଯାଇଥିଲା। ସେହିପରି ମଣଦା ଶ୍ମଶାନ ପରିସରରେ ମଣଦା ସରପଞ୍ଚ ସାବିତ୍ରୀ ନାଏକଙ୍କ ସହଯୋଗ କ୍ରମେ ୫୦ଟି ବୃକ୍ଷରୋପଣ କରାଯାଇଥିଲା। ବିଶ୍ୱ ପରିବେଶ ଦିବସରେ ସମସ୍ତେ ଗୋଟିଏ ଲେଖାଏଁ ବୃକ୍ଷରୋପଣ କରି ପରିବେଶ ସୁରକ୍ଷାରେ ସାମିଲ ହେବା ପାଇଁ ସରପଞ୍ଚମାନେ ଆହ୍ୱାନ କରିଥିଲେ। ଏଥିସହିତ କିତାବେଢ଼ା ଶୈବ ପୀଠ ପ୍ରାଙ୍ଗଣରେ କିତାବେଡା ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ କିତାବେଡା ବନ ସୁରକ୍ଷା ସମିତି ସହଯୋଗରେ ୧୦ଟି ଚମ୍ପା ଗଛ ରୋପଣ କରାଯାଇଥିଲା।



ବୈଶିଙ୍ଗା : ନୂଆଗାଁସ୍ଥିତ ନୂଆଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି, ପିଞ୍ଚାବଣିଆ ବୈଦିକ ଗୁରୁକୁଳ ଆଶ୍ରମ ଓ ଆମ୍ବଗଡିଆ ବିକାଶ ପରିଷଦର ମିଳିତ ସହଯୋଗରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ସାହୁ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ସଭାପତି ଦାମୋଦର ନାୟକ ଅତିଥି ପରିଚୟ ଓ ଅନ୍ତର୍ଯ୍ୟାମୀ ମହାପାତ୍ର କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରକୃତି ବନ୍ଧୁ ତଥା ସମାଜସେବୀ ସୁମନ୍ତ କୁମାର ଜେନା, ମୁଖ୍ୟ ବକ୍ତା ଭାବେ ଆଚାର୍ଯ୍ୟ ବିଜୟଜୀ ଯୋଗଦେଇ ବିଶ୍ୱ ପରିବେଶ ଦିବସର ମହତ୍ତ୍ୱ ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ସମୟଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା, ପଣ୍ଡିତ ଜଗବନ୍ଧୁ ଶାସ୍ତ୍ରୀ, ସତ୍ୟ ନାରାୟଣ ନାୟକ, ସଞ୍ଜୟକୁମାର ଗିରି, ଅନ୍ତର୍ଯ୍ୟାମୀ ରାଉଳ ଓ ଚକ୍ରଧର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦିନରେ ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ବୃକ୍ଷରୋପଣ କରିବା ଉଚିତ୍ ବୋଲି ଏହି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ଚୈତନ୍ୟ ସାହୁ, ମିନତୀ ଖିଲାର, ଅଞ୍ଜଳି ନାୟକ, ସମ୍ବିତ ନାୟକ, ମାଳତୀ ପୃଷ୍ଟି ଓ ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ପୂର୍ଣ୍ଣଚନ୍ଦ୍ର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



● ଯୌତୁକଜନିତ ହତ୍ୟା ଅଭିଯୋଗ

## ଥାନାରେ ମୃତଦେହ ରଖି ନ୍ୟାୟ ଦାବି

ଆନନ୍ଦପୁର, ୫।୬(ସମିସ): ଡାକ୍ତରଖାନାରେ ୨ ଦିନ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଚାଲିଗଲା ମହିଳାଙ୍କ ଜୀବନ। ଯୌତୁକଜନିତ କାରଣରୁ ଝିଅକୁ ବିଷଦେଇ ମାରିଦେଇଥିବା ଅଭିଯୋଗ କରି ଥାନା ଦୁଆରେ ମୃତଦେହ ରଖି ନ୍ୟାୟ ଦାବି କରିଛନ୍ତି ବାପଘର ଲୋକେ। ସେପଟେ ସ୍ୱାମୀ କିମ୍ବା ଶାଶୂଘର ଲେକେ ଏବେ ଧରାଛୁଆଁ ଦେଉନାହାନ୍ତି। ଘସିପୁରା ଥାନା ଝାଡୁକୁଣ୍ଡି ଗାଁରେ ଘଟିଛି ଅଭାବନୀୟ ଘଟଣା। ଗତ ୨୦୨୦ରେ ଭଦ୍ରକ ଜଲ୍ଲା ବନ୍ତ ଥାନା ମାଳତିରା ଗାଁର ରବିନ୍ଦ୍ର ପଣ୍ଡାଙ୍କ ଝିଅ ରଶ୍ମିତା ଝାଡୁକୁଣ୍ଡି ଗାଁର ମଙ୍ଗୁଳୀ ପଣ୍ଡାଙ୍କ ପୁଅ ଶିବାନନ୍ଦଙ୍କୁ ବିବାହ କରିଥିଲେ। ଅଧିକ ଯୌତୁକ ଦାବି ନେଇ ଦୁଇ ପରିବାର ମଧ୍ୟରେ ମନୋମାଳିନ୍ୟ ରହିଆସିଥିଲା। ଗତ ୩ତାରିଖରେ ରଶ୍ମିତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଆନନ୍ଦପୁର ଡାକ୍ତରଖାନା ଓ ପରେ କଟକଠାରେ ଭର୍ତ୍ତି କରାଯାଇଥଲା। ବାପଘର ଲେକେ ମେଡିକାଲରେ ପହଞ୍ଚିବା ପେର ଶାଶୂ ସେଠାରୁ ଛୁ' ମାରିଥିଲେ।

## ନିଚୁଆପଦା ପ୍ରିମିୟର ଲିଗ୍ ଉଦ୍‌ଘାଟିତ



ମୋରଡା,୫।୬(ସମିସ): ମୋରଡା ବ୍ଲକ ଅଧୀନ ନିଚୁଆପଦା ଛଉ ପଡିଆରେ ଏନପିଏଲ ଯୁବକ ସଙ୍ଘ ତରଫରୁ ଗୁରୁବାର ନିଚୁଆପଦା ପ୍ରିମିୟର ଲିଗର ୧୪ତମ ସଂସ୍କରଣ ଉଦଘାଟିତ ହୋଇଯାଇଛି। ନିଲାମ ପ୍ରକ୍ରିୟା ମାଧ୍ୟମରେ ୬ଟି ଟିମର ମାଲିକ ମାନେ ଖେଳାଳିଙ୍କୁ କିଣିଥିବା ବେଳେ ଏହା ତିନିଦିନ ଧରି ଚାଲିବ। ଆଜି ପ୍ରଥମ ଦିନରେ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ।ରାସିଟାମଲ-୧୧ ଏବଂ କ୍ଲୋରକୁଇନ-୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କ୍ଲୋରକୁଇନ-୧୧ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୭ ଉଇକେଟ ବିନିମୟରେ ୧୨୧ ରନ କରିଥିବା ବେଳେ ପାରାସିଟମିଲ-୧୧ ମାତ୍ର ୯ ୭ ରନ କରି ଅଲଆଉଟ କରିଥିଲା। ମ୍ୟାଚକୁ ପରିଚାଳନା କରୁଥିଲେ ଶୁଭ୍ରାଂଶୁ ମହାନ୍ତ ଏବଂ ପ୍ରବୋଧ ସୋରେନ।

## ଗୌରାଙ୍ଗ ଗିରିଙ୍କୁ 'ପ୍ରକୃତି ବନ୍ଧୁ' ପୁରସ୍କାର



ଶୁଳିଆପଦା, ୫।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ବାରିପଦା ବନଖଣ୍ଡ କାର୍ଯ୍ୟାଳୟ ସ୍ଥିତ ସଂକଳ୍ପ ସମ୍ମିଳନୀ କକ୍ଷରେ ଏକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଭାଗରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତବର୍ଷ ପାଇଁ ଶୁଳିଆପଦା ବ୍ଲକ୍‌ରୁ ସାମ୍ବାଦିକ ଗୌରାଙ୍ଗ ଚରଣ ଗିରିଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାରରେ ସମ୍ମାନିତ କରାଯାଇଛି। ସେ ଅତିଥିଙ୍କଠାରୁ ମାନପତ୍ର ସହିତ ପୁରସ୍କାର ରାଶି ଗ୍ରହଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ମୟୂରଭଞ୍ଜ, ଭାରତୀ ହାଁସଦାଙ୍କ ସହିତ ଫିଲ୍ଡ ଡାଇରେକ୍ଟର କମ୍ ଆରସିସିଏଫ୍, ଡ.ପ୍ରକାଶ ଚନ୍ଦ୍ର ଗଗନାନୀ (ଆଇଏଫଏସ),ଏଡିଏମ୍, ବାରିପଦା ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଡିଏଫଓ ଉମା ମହେଶ୍, ଡିଏଫଓ ରାଇରଙ୍ଗପୁର ଶିବପ୍ରସାଦ ରଥ, ଭାଇସ୍ ଚେୟାରମ୍ୟାନ ଡିଏସ୍, ମୟୂରଭଞ୍ଜ, ତଥା ବରିଷ୍ଠ ସାମ୍ବାଦିକ ବିଜୟ କୁମାର ଅଗ୍ରୱାଲ୍, ଭିଜିଲାନ୍ସ ଏସପି, ପ୍ରଶାନ୍ତ କୁମାର କୁଅଁର, ଜଏଣ୍ଟ ସେକ୍ରେଟାରୀ, ଡିଏସ୍, ମୟୂରଭଞ୍ଜ ବିବେକାନନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତକ ଥିଲେ। ବାରିପଦା ରେଞ୍ଜର ସଦେହ ମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଯେ, ଶ୍ରୀ ଗିରି ମନ୍ଦିର ବେଢା, ପୋଖରୀ ତୁଠ, ଘର ବାଡି ସହିତ ରାସ୍ତାକଡ ଓ ସର୍ବସାଧାରଣ ସ୍ଥାନରେ ବିଭିନ୍ନ ପ୍ରକାର ଛାୟା ପ୍ରଦାନକାରୀ ଓ ଔଷଧୀୟ ବୃକ୍ଷ ରୋପଣ କରିବା ଏବଂ ବୃକ୍ଷର ଯତ୍ନ ନେଇଥିବାରୁ ତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି।

## ଦାରୁଡିହିରେ ଛଉନୃତ୍ୟ ମହୋତ୍ସବ

ଶୁଳିଆପଦା,୫।୬(ସମିସ): ଶୁଳିଆପଦା ବ୍ଲକ ଅନ୍ତର୍ଗତ ଦାରୁଡିହି ଗୋକୁଳଚନ୍ଦ୍ର ଛଉ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ୪୬ତମ ଛଉ ନୃତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମା' ଭୈରବୀଙ୍କ ବାର୍ଷିକ ପୂଜାର୍ଚ୍ଚନା ଅଧ ଅନୁଷ୍ଠିତ ହୋଇଥାଏ। ପ୍ରଥମ ଦିବସରେ କରଞ୍ଜିଆର ନୃତ୍ୟଶ୍ରୀ ଅନୁଷ୍ଠାନ, ମଣିପୁରୀ, ସମ୍ବଲପୁରୀ ଏବଂ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର କଳାକାର ଛଉ ନୃତ୍ୟ ପରିବେଷଣ କରିଥିଲେ; ଯାହାକି ବେଶ ଚିତ୍ତାକର୍ଷକ ଥିଲା। ସେହିପରି ଦ୍ୱିତୀୟ ଦିନରେ ମିଳନ ଦେବୀ ଶିଶୁ ମନ୍ଦିରର କୁନିକୁନି କଳାକାର ଓ ବିନ୍ଦୁ ମହାନ୍ତଙ୍କ ଝୁମର୍ ମେଲୋଡିର ଝୁମର ଗୀତ ଧମସା ଏବଂ ମାଦଳର ତାଳେ ତାଳେ ଝୁମିଥିଲେ ଦର୍ଶକ। ଏଥିରେ ମୁଖ୍ୟଅତିଥି ଭାବେ ଶୁଳିଆପଦା ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଜଗନ୍ନାଥ ରଣା ଯୋଗଦେଇ ଗ୍ରାମବାସୀ ଏବଂ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ, ସମିତିସଭ୍ୟ ଓ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସଭାପତି ତ୍ରିଲୋଚନ ମହାନ୍ତ, ନିର୍ଦ୍ଦେଶକ ଗୌରମୋହନ ମହାନ୍ତ, କିଶୋର କୁମାର ମହାନ୍ତ, ବାପି କୁମାର ମହାନ୍ତ ଓ ପ୍ରଦ୍ୟୁମ୍ନ କୁମାର ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।

## ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରକୁ ପ୍ରକୃତି ମିତ୍ର ପୁରସ୍କାର




ବଡ଼ସାହି,୫।୬(ସମିସ):

ବିଶ୍ୱ ପରିବେଶ ଦିବସ ଅବସରରେ ବଡ଼ସାହି ବ୍ଲକ ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ରାଜ୍ୟସ୍ତରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଶାଶ୍ୱତୀ ଦାସ ମହାପାତ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଇଂ ଗଣେଶ ରାମ ସିଂ ଖୁଣ୍ଟିଆଙ୍କଠାରୁ ଏହି ପୁରସ୍କାର ଓ ମାନପତ୍ର ଗ୍ରହଣ କରିଛନ୍ତି। ବିଦ୍ୟାଳୟର ସୁସ୍ଥ ପରିବେଶ, ସବୁଜ ବଳୟ, ସ୍ୱଚ୍ଛତା ଓ ସଚେତନତା ଧର୍ମୀ କାର୍ଯ୍ୟକ୍ରମକୁ ନେଇ ବନବିଭାଗ ପକ୍ଷରୁ ଏହି ସ୍କୁଲକୁ ମନୋନୀତ କରାଯାଇଥିଲା। ଏକ ଉତ୍ତମ ପରିବେଶରେ ଶିଶୁଙ୍କୁ ଶିକ୍ଷାଦାନ ଦେବା ସହିତ ସଚେତନତା କାର୍ଯ୍ୟକ୍ରମ କରାଯାଉଥିବାରୁ ଏହି ପୁରସ୍କାର ପାଇବାରେ ଏହି ସ୍କୁଲ ଯୋଗ୍ୟ ବିବେଚିତ ହୋଇଛି। ପରିଚାଳନା ସମିତିର କର୍ମକର୍ତ୍ତା ଓ ବିଦ୍ୟାଳୟର ସମସ୍ତ ଗୁରୁମା' ଗୁରୁଜୀଙ୍କ ପ୍ରୟାସ ଯୋଗୁଁ ସଫଳତା ମିଳିଥିବାରୁ ଅନୁଷ୍ଠାନ ପକ୍ଷରୁ ଧନ୍ୟାବଦ ଅର୍ପଣ କରାଯାଇଛି।

## ବଦଳି ପାଇଁ ନେତାଙ୍କ ଘରେ ଗହଳି

# ଗଣେଶ୍ୱରଙ୍କ ପରେ ଅସନ୍ତୋଷ ଝାଡ଼ିଲେ ତାରା

ଭୁବନେଶ୍ୱର,୫।୬(ସମିସ): ସୁପାରିସ୍ ଆଧାରରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ବଦଳି କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ପରେ ଅଡୁଆରେ ପଡ଼ିଛନ୍ତି ବିଧାୟକ ଓ ସାଂସଦ। ସକାଳୁ ସକାଳୁ ଘରେ ଲାଗୁଛି ଲମ୍ବା ଲାଇନ୍। ଶହଶହ ଅନୁରୋଧପତ୍ର ଟେବୁଲ୍ ଉପରେ ଗଦା ହେଲାଣି। ତନ୍ମଧ୍ୟରୁ କେଉଁ ୧୫ ଜଣଙ୍କୁ ବଦଳି ପାଇଁ ସୁପାରିସ୍ କରିବେ ସେନେଇ ଜନପ୍ରତିନିଧିମାନେ ଅଙ୍କଳରେ ପଡ଼ିଛନ୍ତି। ଫଳରେ ବିଧାୟକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ସରକାର ଏହାର ପୁନଃବିଚାର କରିବାକୁ ଦାବି କରୁଛନ୍ତି। ବିଜେଡି ବିଧାୟକ ଗଣେଶ୍ୱର ବେହେରାଙ୍କ ପରେ ବରିଷ୍ଠ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଏନେଇ ସରକାରଙ୍କୁ ପ୍ରଶ୍ନ କରିଛନ୍ତି।

ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ ୧୫ଜଣ ଶିକ୍ଷକ ବଦଳି କ୍ଷମତା ବିଧାୟକଙ୍କୁ ବୁମେରାଂ ହେବ। ଅନେକ ଶିକ୍ଷକ ବଦଳି ସୁପାରିସ ପାଇଁ ଧାଡ଼ି ବାନ୍ଧୁଥିବାରୁ ସମସ୍ୟା ବଢ଼ିଛି। ଯେଉଁମାନେ ସୁପାରିସ ନ ପାଇବେ ସେମାନେ କେବେ କ୍ଷମା ଦେବେନି। ସହଯୋଗ ନ କରିବାକୁ ପରୋକ୍ଷରେ ମଧ୍ୟ ଧମକ ଦେଉଛନ୍ତି। ଗୋଟେ ବର୍ଷରେ ଏହି ସମସ୍ୟା, ପାଞ୍ଚ ବର୍ଷରେ ଅନେକ ଶତ୍ରୁ ବାହାରିବେ। ସରକାରଙ୍କ ସୁପାରିସ ବ୍ୟବସ୍ଥା ସାଙ୍ଘାତିକ ଅବସ୍ଥା ସୃଷ୍ଟି କରିଛି। ଏଥିପାଇଁ ବଦଳି ସୁପାରିସ କ୍ଷମତା ପ୍ରତ୍ୟାହାର କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ସେ ଚିଠି ଲେଖିଛନ୍ତି। ଅନ୍ୟ ବିଧାୟକମାନେ ଯଦି ଏକମତ ନୁହନ୍ତି, ତା'ହାଲେ ତାଙ୍କଠାରୁ ଏହି କ୍ଷମତା ଫେରାଇ ନିଅନ୍ତୁ ବୋଲି ବିଧାୟକ ଶ୍ରୀ ବେହେରା କହିଛନ୍ତି। ଯେଉଁ ଶିକ୍ଷକଙ୍କର ପ୍ରକୃତରେ ସମସ୍ୟା ଅଛି, ସେମାନଙ୍କ କଥା ବିଚାର

### କେଭି, ଓଏଭି ଭଳି ସ୍ୱତନ୍ତ୍ର ନିୟମ ଆଣିବାକୁ ଶିକ୍ଷକ ସଂଘର ଦାବି

କରାଯାଉ ଏବଂ ସରକାର ବଦଳି ନୀତିରେ ପରିନବର୍ତ୍ତନ କରନ୍ତୁ ବୋଲି ସେ ଦାବି କରିଛନ୍ତି।

ସେହିପରି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ ଶିକ୍ଷକ ବଦଳି ସୁପାରିସ ପାଇଁ ବିଧାୟକମାନଙ୍କୁ କ୍ଷମତା ଦେବା ସରକାରଙ୍କ ଏକ କଦର୍ଯ୍ୟ ନିଷ୍ପତ୍ତି। ପ୍ରାୟ ୫ଶହ ଶିକ୍ଷକ ବଦଳି ପାଇଁ ତାଙ୍କୁ ଅନୁରୋଧ କଲେଣି। ସମସ୍ତ ଆବେଦନକାରୀ ସମସ୍ତେ ନିଜର, ତାଙ୍କ ନିର୍ବାଚନମଣ୍ଡଳୀର। ଏପରିକି ସମ୍ପର୍କୀୟମାନେ ମଧ୍ୟ ଅନୁରୋଧ କରୁଛନ୍ତି। ତନ୍ମଧ୍ୟରୁ କେଉଁ ୧୫ ଜଣଙ୍କୁ କେଉଁ ଆଧାରରେ ସେ ସୁପାରିସ କରିବେ ବୋଲି ପ୍ରଶ୍ନ କରିବା ସହ ଗୋଟିଏ ମଧ୍ୟ ସୁପାରିସ କରିବେ ନାହିଁ ବୋଲି କହିଛନ୍ତି। ସରକାର ଏହାର ପୁନର୍ବିଚାର କରିବାକୁ ସେ ଦାବି କରିଛନ୍ତି। ଅପରପକ୍ଷରେ ବର୍ଷେ ମଧ୍ୟରେ ବିଭାଗୀୟ ମନ୍ତ୍ରୀ ପ୍ରାୟ ୫ ହଜାର ବଦଳି କରିଥିବା ଏବଂ ଏହା ସ୍ୱାଧୀନତା ଇତିହାସରେ ଏହା ବିରଳ ବୋଲି କହିଛନ୍ତି। ମନ୍ତ୍ରୀ ଯଦି ୫ହଜାର ବଦଳି କରିପାରୁଛନ୍ତି, ତା'ହେଲେ ବିଧାୟକଙ୍କୁ ମଧ୍ୟ ୫ଶହ ଶିକ୍ଷକଙ୍କୁ ବଦଳି କରିବା ପାଇଁ କ୍ଷମତା ଦିଅନ୍ତୁ ବୋଲି ସେ କହିଛନ୍ତି। ଅବିଭକ୍ତ କୋରାପୁଟ ଜିଲ୍ଲାରେ ନିଯୁକ୍ତି ପାଇଥିବା ଶିକ୍ଷକମାନେ ସେମାନଙ୍କ ଜିଲ୍ଲାକୁ ପଳାଇଲେଣି। ପୁଣି ଶିକ୍ଷକ ପଦ ଖାଲି ପଡ଼ିବ। ପୁଣି ସେହି ପଦରେ ନିଯୁକ୍ତି ଦେଇ ବଦଳି କରିବେ। ଏହା ଏକ ବ୍ୟବସାୟରେ ପରିଣତ ହୋଇଛି। ଏହାକୁ ବନ୍ଦ କରାଯାଉ। ୧୫ଜଣଙ୍କୁ ବଦଳି କରିବା ପାଇଁ ସୁପାରିସ ମଧ୍ୟ ସରକାରଙ୍କ ଏକ ଚାଲ୍ ବୋଲି ଶ୍ରୀ ବାହାନୀପତି କହିଛନ୍ତି। କାରଣ ୧୫ଜଣଙ୍କ ସୁପାରିସ କରି ୧୫ଶହ ଶିକ୍ଷକଙ୍କ ଆକ୍ରୋଶର ଶିକାର ହେବେ। ବିଜେପି ନେତାମାନେ କିନ୍ତୁ ଭିତିରିଆ ବହୁ ଅଧିକ ବଦଳି କରିବେ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ଓଡ଼ିଶା ସିବିଟି ଶିକ୍ଷକ ସଂଘ ସଭାପତି ରାଜେନ୍ଦ୍ର ମଲ୍ଲିକ କହିଛନ୍ତି ଯେ କେନ୍ଦ୍ରୀୟ ବିଦ୍ୟାଳୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରି ଗଣଶିକ୍ଷା ବିଭାଗ ମଧ୍ୟ ଶିକ୍ଷକ ବଦଳି ପାଇଁ ନିର୍ଦ୍ଦିଷ୍ଟ ନିୟମ ଆଣିବାର ଆବଶ୍ୟକ ରହିଛି। ବର୍ତ୍ତମାନର ବଦଳି ନିୟମ ଶିକ୍ଷକଙ୍କ ହିତରେ ଆସୁନାହିଁ। ରାଜ୍ୟକୁ ଅର୍ବାନ, ସେମିଅର୍ବାନ, ଗ୍ରାମୀଣ ଓ ଉପାନ୍ତ କ୍ଲଷ୍ଟର ଭାବେ ବିଭକ୍ତ କରାଯାଇ ଶିକ୍ଷକ ବଦଳି କରାଯିବା ଉଚିତ୍। ପ୍ରତି କ୍ଲଷ୍ଟରରେ ଜଣେ ଶିକ୍ଷକ ପାଞ୍ଚବର୍ଷ କାମ କରିବାର ପ୍ରାବଧାନ ରହିଲେ ସେମାନେ ଚାପଗ୍ରସ୍ତ ହେବେନାହିଁ। ନୀତି ନିର୍ଦ୍ଧାରଣ ପୂର୍ବରୁ ଶିକ୍ଷକଙ୍କ ସହ ବ୍ୟାପକ ଆଲୋଚନା କରିବାକୁ ମଧ୍ୟ ସେ ଦାବି କରିଛନ୍ତି।

ସେହିପରି ଓଡ଼ିଶା ସରକାରୀ ହାଇସ୍କୁଲ ଶିକ୍ଷକ ସଙ୍ଘ ସଭାପତି ଶୁଭ୍ରଜିତ ପ୍ରତିହାରୀ କହିଛନ୍ତି ଯେ ସୁପାରିସ୍ କ୍ଷମତା ଲୋକପ୍ରତିନିଧିଙ୍କୁ ନିହାତି ଅଡୁଆରେ ପକାଇବ। ଗରିବ ଶ୍ରେଣୀର, ରୋଗଗ୍ରସ୍ତ, ମାଆବାପାଙ୍କଠାରୁ ଦୂରରେ ରହୁଥିବା କିମ୍ବା ପରିବାରଠାରୁ ୫ଶହ କିଲୋମିଟର ଦୂରରେ ରହୁଥିବା ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଅଗ୍ରାଧିକାର ଦେଇ ବଦଳି କରାଯାଉ। ଫଳରେ ଶିକ୍ଷକ ଖୁସି ହେବେ ଓ ଶିକ୍ଷାର ମାନ ମଧ୍ୟ ବୃଦ୍ଧି ହେବ ବୋଲି ସେ ମତ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ମେ ୧୩ ତାରିଖରେ ନିଜ ନିର୍ବାଚନ ମଣ୍ଡଳୀରସର୍ବାଧିକ ୧୫ଜଣ ଲେଖାଏଁ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି ପାଇଁ ବିଧାୟକ ଓ ସାଂସଦମାନେ ସୁପାରିସ କରିବେ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା।

## ସାଂସଦ ସମ୍ବିତ ପାତ୍ରଙ୍କ ବିରୋଧରେ ଏତଲା



ପିପିଲି, ୫।୬(ସମିସ): ଭାରତୀୟ ଜନତା ପାର୍ଟିର ପୁରୀ ସାଂସଦ ସମ୍ବିତ୍ ପାତ୍ରଙ୍କ ବିରୋଧରେ ଗୁରୁବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ତଥା ଓଡ଼ିଶା ହାଇକୋର୍ଟର ଆଇନଜୀବୀ ନିଶିକାନ୍ତ ମିଶ୍ର ପିପିଲି ଥାନାରେ ଏତଲା ଦେଇଛନ୍ତି। ଗତ ୪ ତାରିଖରେ ଦାଣ୍ଡମୁକୁନ୍ଦପୁରରେ ହୋଇଥିବା ଏକ ସଭାରେ ସାଂସଦ ଶ୍ରୀ ପାତ୍ର ଭାଷଣରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ତାଙ୍କ ପରିବାର ସଦସ୍ୟଙ୍କୁ 'ଦେଶଦ୍ରୋହୀ' ଏବଂ ସେମାନେ ପାକିସ୍ତାନ ଓ ଚୀନ୍‌ଠାରୁ ଅର୍ଥ ପାଇ ଦେଶରେ ଅସ୍ଥିରତା ସୃଷ୍ଟି କରୁଛନ୍ତି ବୋଲି କହିଥିଲେ। ଏହି ମନ୍ତବ୍ୟ ପାଇଁ ତାଙ୍କୁ ଗିରଫ କରାଯାଉ ବୋଲି ଶ୍ରୀ ମିଶ୍ର ଦାବି କରିଛନ୍ତି।

### ଗିରଫ ଦାବି କଲେ ନିଶିକାନ୍ତ

ଶ୍ରୀ ମିଶ୍ର କହିଛନ୍ତି ଯେ ଶ୍ରୀ ପାତ୍ରଙ୍କ ଏହି ମନଗଢ଼ା ଓ ଦେଶବିରୋଧୀ ଉକ୍ତି କେବଳ ବ୍ୟକ୍ତିଗତ ଆକ୍ଷେପ ନୁହେଁ, ବରଂ ଏହା ଦେଶର ସାର୍ବଭୌମତ୍ୱ, ଏକତା ଓ ଶାନ୍ତି ଭଙ୍ଗ କରିବ। ଏହି ଭିଡିଓ କ୍ଲିପ୍ ଓ ଭାଷଣ ଏବେ ବିଭିନ୍ନ ମିଡିଆ ଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି। ଭାରତୀୟ ନ୍ୟାୟ ସଂହିତା-୨୦୨୩ ଅନୁଯାୟୀ ଧାରା ୧୫୨ (ଭାରତର ସାର୍ବଭୌମତ୍ୱ ଓ ଏକତା ପ୍ରତି ବିପଦ ସୃଷ୍ଟି କରିବା), ୧୯୬ (ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ସୃଷ୍ଟି କରିବା), ୧୯୭ (ଜାତୀୟ ଏକତା ପ୍ରତି ବିପଦ ସୃଷ୍ଟି କରିବା), ୩୫୩ (ଜନସାଧାରଣଙ୍କୁ ଅପରାଧ ନିମନ୍ତେ ଉସକାଇବା), ୩୫୬ (ମାନହାନି) ଏବଂ ଇଣ୍ଟରନେଟ୍ ମାଧ୍ୟମରେ ପ୍ରଚାରପ୍ରସାର ହୋଇଥିବାରୁ ସୂଚନା ପ୍ରଯୁକ୍ତି ଆଇନ ୨୦୦୦ ଅନୁଯାୟୀ ଧାରା ୬୬ ଏଫ୍ ଓ ୬୭ ଅନୁଯାୟୀ ତାଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଅଭିଯୋଗ ଦିଆଯାଇଛି। ପିପିଲି ଥାନାରେ ଅଭିଯୋଗ ଦାଖଲ ବେଳେ ନିଶିକାନ୍ତଙ୍କ ସହ ବିଶ୍ୱରଞ୍ଜନ ମିଶ୍ର, ଏସ୍.କେ ମହାବୁବ୍, ନିରୁପମା ପାତ୍ର, ସଞ୍ଜୟ ଶତପଥୀ, ରଞ୍ଜିତ ମହାପାତ୍ର, ଶେଖ୍ ସବିର, ବିଭୂତି ନାୟକ, କବୁଲା ପ୍ରଧାନ, ଇମ୍‌ତିଆଜ୍ ଅଲ୍ଲୀ, ଜୟମନୁ ସାମନ୍ତରାୟ, ରମେଶ ବେହେରା, ପ୍ରଶାନ୍ତ ଜେନା, ପ୍ରସନ୍ନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

■ ସେଲ୍‌ଫି ହେଲା କାଳ

## ଦେବୀ ନଦୀ ପୋଲରୁ ଖସି ପଡ଼ି ଯୁବକ ନିଖୋଜ



ନାଉଗାଁ,୫।୬(ସମିସ): ସେଲ୍‌ଫି ନେବା ବେଳେ ଦେବୀ ନଦୀକୁ ଖସି ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକ ହେଲେ, ନାଉଗାଁ ଥାନା ଅନ୍ତର୍ଗତ ବଛାଳ ପଞ୍ଚାୟତ ବଛାଳ ଗ୍ରାମର ଟୁକୁନା ଲେଙ୍କାଙ୍କ ପୁଅ ସୂର୍ଯ୍ୟକାନ୍ତ ଲେଙ୍କା। ସୂର୍ଯ୍ୟକାନ୍ତ ଆଜି ଶିଖର ଦେବୀନଦୀ ପୋଲ ଉପରେ ସେଲ୍‌ଫି ଉଠାଉଥିବା ବେଳେ ନଦୀକୁ ଖସି ପଡ଼ିଥିଲେ। ନାଉଗାଁ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକ ବହୁ ଖୋଜାଖୋଜି କରିଥିଲେ ହେଁ ତାଙ୍କର ସନ୍ଧାନ ମିଳିନଥିଲା। ଶେଷ ଖବର ଲେଖା ହେବା ବେଳକୁ ଜଗତସିଂହପୁର ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରୁଥିବା ଜଣାପଡ଼ିଛି। ଅପରପକ୍ଷେ, ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

**ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ**

## ଏ ବର୍ଷ ରାଜ୍ୟରେ ଲାଗିବ ୭.୫ କୋଟି ଗଛ

ଭୁବନେଶ୍ୱର,୫।୬(ସମିସ): ଏ ବର୍ଷ ରାଜ୍ୟରେ ୭.୫ କୋଟି ବୃକ୍ଷ ରୋପଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଗୁରୁବାର ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ ଯେ, ପରିବେଶ ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ସଚେତନତା ବିସ୍ତାର କରିବା ପାଇଁ ଆଜିର ଦିନଟି ଉତ୍ସର୍ଗୀକୃତ। ପ୍ରଦୂଷିତ ପୃଥିବୀର ଭୟାବହତାକୁ ହୃଦୟଙ୍ଗମ କରି ଅଧିକରୁ ଅଧିକ ସବୁଜ ପରିବେଶ ସୃଷ୍ଟି କରିବା ଏବଂ ପ୍ରକୃତିର ସଂରକ୍ଷଣ କରିବା ଏକାନ୍ତ ଅପରିହାର୍ଯ୍ୟ ହୋଇପଡିଛି। ତେଣୁ ପ୍ଲାଷ୍ଟିକ ବର୍ଜନ ଏକ ଗଣଆନ୍ଦୋଳନ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସରକାର ସିଙ୍ଗିଲ୍ ୟୁଜ୍ ପ୍ଲାଷ୍ଟିକ ନିଷେଧ ସହ ଏହାର ଦୀର୍ଘସ୍ଥାୟୀ ବିକଳ୍ପକୁ ପ୍ରୋତ୍ସାହନ ଏବଂ ବର୍ଜ୍ୟ ପରିଚାଳନା ପ୍ରଣାଳୀକୁ ସଶକ୍ତ କରିବା ପାଇଁ ସରକାର ସକ୍ରିୟ ପଦକ୍ଷେପ ନେଇଛନ୍ତି।




ସମାଜରେ ପ୍ରକୃତ ପରିବର୍ତ୍ତନ ଆଣିବାକୁ ହେଲେ ଏହା ପ୍ରଥମେ ନିଜ ଓ ନିଜ ପରିବାରଠାରୁ ଆରମ୍ଭ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନରେ ରାଜ୍ୟ ସରକାର ପ୍ରାୟ ସାଢ଼େ ୬ କୋଟିରୁ ଅଧିକ ଗଛ ଲଗାଇ ଏହି ଅଭିଯାନକୁ ସଫଳ କରିଛନ୍ତି। ଫଳରେ ରାଜ୍ୟରେ ଜଙ୍ଗଲ ଓ ବୃକ୍ଷ ଆବରଣରେ ପାଖାପାଖି ୫୬୦ ବର୍ଗ କିଲୋମିଟର ନେଟ୍ ବୃଦ୍ଧି ହୋଇଛି। ଯାହା ସମସ୍ତ ରାଜ୍ୟ ମଧ୍ୟରେ ଚତୁର୍ଥ ସର୍ବାଧିକ। ଜନସାଧାରଣ ଓ ଅନୁଷ୍ଠାନ ଗୁଡିକ ପ୍ରାୟ ୨ କୋଟିରୁ ଊର୍ଦ୍ଧ୍ୱ ଚାରା ରୋପଣ କରି ରେକର୍ଡ ସୃଷ୍ଟି କରିଛନ୍ତି। ପରିଶେଷରେ ରାଜ୍ୟରେ ପରିବେଶ ସୁରକ୍ଷା ତଥା ଏହାର ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଭିନ୍ନ ଜିଲ୍ଲାର ୧୮୫ 'ପ୍ରକୃତି ମିତ୍ର' ଏବଂ ୨୧୧ 'ପ୍ରକୃତି ବନ୍ଧୁ' ପୁରସ୍କାର ପ୍ରାପ୍ତ ଅନୁଷ୍ଠାନ ତଥା

### ଏକ ସୁସ୍ଥ ସମାଜ ପାଇଁ ଏକ ସୁସ୍ଥ ପରିବେଶ ଦରକାର: ମୁଖ୍ୟମନ୍ତ୍ରୀ

ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା 'ଏକ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମରେ କୃଷି ଶିକ୍ଷା ସଦନଠାରେ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଶ ଦିବସ ଉପଲକ୍ଷେ ଏକ ପ୍ରଦର୍ଶନୀ ହୋଇଥିଲା।

# ବିଶ୍ୱ ବାଣିଜ୍ୟ

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୫.୭୫ • ପାଉଣ୍ଡ ୧୧୬.୬୯
- ୟୁରୋ ୯୮.୨୫ • ୟେନ୍ ୦.୬୦


### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୯୧,୩୦୦ (ନୂଆଦିଲ୍ଲୀ)
- ରୁପା : ୧,୦୪,୧୦୦ (କେଜି)

### ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୧,୪୪୨.୦୦
- ନିଫ୍ଟି ୨୪,୭୫୦.୦୦

### ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

**ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି**

## ଭାରତ ଆସିବ ଆମେରିକାର ଉଚ୍ଚସ୍ତରୀୟ କମିଟି



ନୂଆଦିଲ୍ଲୀ,୫।୬(ଏଜେନ୍ସି): ଭାରତ-ଆମେରିକା ମଧ୍ୟରେ ପ୍ରସ୍ତାବିତ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ସମ୍ପର୍କରେ ଏକ ବଡ଼ ସୂଚନା ଆସିଛି। ଆମେରିକୀୟ ଅଧିକାରୀଙ୍କ ଏକ ଉଚ୍ଚସ୍ତରୀୟ କମିଟି ଖୁବ୍ ଶୀଘ୍ର ଭାରତ ଗସ୍ତ କରିପାରନ୍ତି, ଯାହା ଦ୍ୱାରା ଜୁଲାଇ ୯ ପୂର୍ବରୁ ଚୁକ୍ତିର ପ୍ରଥମ ପର୍ଯ୍ୟାୟ ଆଲୋଚନା ଚୂଡ଼ାନ୍ତ ହେବ ବୋଲି କୁହାଯାଉଛି। ଆମେରିକା ଏକ ଟିମ୍ ଭାରତ ଆସୁଛି, ଯାହା ଦ୍ୱାରା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ଶୀଘ୍ର ହୋଇପାରିବ। ଭାରତୀୟ ପକ୍ଷର ନେତୃତ୍ୱ ବାଣିଜ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ରାଜେଶ ଅଗ୍ରୱାଲ ନେଉଛନ୍ତି, ଯିଏ କି ସମ୍ପ୍ରତି ୱାଶିଂଟନରେ ୪ ଦିନ ଧରି ଆମେରିକୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

### ଜୁଲାଇ ୯ ପୂର୍ବରୁ ପ୍ରଥମ ପର୍ଯ୍ୟାୟ ଆଲୋଚନା ଚୂଡ଼ାନ୍ତ

କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଆମେରିକା ଗସ୍ତ ସମୟରେ ଦୁଇଥର ଆମେରିକୀୟ ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକଙ୍କୁ ମଧ୍ୟ ଭେଟିଛନ୍ତି। ସୂଚନାଯୋଗ୍ୟ ଯେ, ଆମେରିକା ଏପ୍ରିଲ ୨ ରେ ଭାରତ ଉପରେ ୨୬% ପାରସ୍ପରିକ ଶୁଳ୍କ ଲାଗୁ କରିଥିଲା, କିନ୍ତୁ ଏହାକୁ ୯୦ ଦିନ ପାଇଁ ସ୍ଥଗିତ ରଖାଯାଇଛି। ଏହି ସ୍ଥଗିତାଦେଶ ଜୁଲାଇ ୯ ରେ ଶେଷ ହେଉଛି - ଏହା ପୂର୍ବରୁ ଉଭୟ ଦେଶ ଏକ ମଧ୍ୟବର୍ତ୍ତୀକାଳୀନ ଚୁକ୍ତି ଆଲୋଚନା ଉପରେ ପହଞ୍ଚିବାକୁ ଚେଷ୍ଟା କରୁଛନ୍ତି। ଭାରତ ଦାବି କରୁଛି ଯେ ୨୬% ପାରସ୍ପରିକ ଶୁଳ୍କକୁ ସମ୍ପୂର୍ଣ୍ଣ ଭାବରେ ହଟାଯାଉ, ଯେତେବେଳେ କି ଆମେରିକା ପୂର୍ବରୁ ୧୦% ମୂଳ ଶୁଳ୍କ ଲାଗୁ କରୁଛି। ଆମେରିକା ଲଗାତାର ଚତୁର୍ଥ ବର୍ଷ ପାଇଁ ଭାରତର ସର୍ବବୃହତ ବାଣିଜ୍ୟିକ ଅଂଶୀଦାର ହୋଇଛି। କିନ୍ତୁ ଭାରତ ସହିତ ବଢୁଥିବା ବାଣିଜ୍ୟ ନିଅଣ୍ଟକୁ ନେଇ ଆମେରିକା ଚିନ୍ତା ପ୍ରକଟ କରିଛି। ଉଭୟ ଦେଶ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୫୦୦ ବିଲିୟନ ଡଲାରକୁ ନେବାକୁ ଚାହୁଁଛନ୍ତି। ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ଏହି ଦିଗରେ ପ୍ରଥମ କଠିନ ପଦକ୍ଷେପ ହୋଇପାରେ, ଯାହା ୨୦୨୫ (ସେପ୍ଟେମ୍ବର-ଅକ୍ଟୋବର) ସୁଦ୍ଧା ପର୍ଯ୍ୟାୟ ୧ରେ ସମାପ୍ତ ହୋଇପାରିବ। ସାମଗ୍ରିକ ଭାବରେ ଭାରତ ଏବଂ ଆମେରିକା ଏବେ ଏକ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ପାଇଁ ଆଲୋଚନାର ଶେଷ ପର୍ଯ୍ୟାୟ ଆଡକୁ ଅଗ୍ରସର ହେଉଛନ୍ତି। ଜୁଲାଇ ୯ପୂର୍ବରୁ ପାରସ୍ପରିକ ଶୁଳ୍କ ହଟାଇବା ଏବଂ ବାଣିଜ୍ୟ ପ୍ରକ୍ରିୟାକୁ ସହଜ କରିବା ସମ୍ପର୍କରେ ଏକ ଦୃଢ଼ ଘୋଷଣା ଆଶା କରାଯାଉଛି। ଏହା ଆମେରିକା ପାଇଁ ଭାରତ ସହିତ ବାଣିଜ୍ୟ ବିସ୍ତାର କରିବା ପାଇଁ ଏକ ରଣନୈତିକ ସୁଯୋଗ ହୋଇପାରେ, ଯେତେବେଳେ କି ଭାରତ ପାଇଁ ଏହା ରପ୍ତାନି ବୃଦ୍ଧି ଏବଂ ବାଣିଜ୍ୟ ଅସନ୍ତୁଳନ ହ୍ରାସ କରିବାର ଏକ ସୁଯୋଗ।

## ଆଜିଠୁ 'ଉତ୍କଳ ଗ୍ରାଣ୍ଡ ପ୍ରପର୍ଟି ସେଲ୍ କାର୍ଣ୍ଣିଭାଲ୍'

ଭୁବନେଶ୍ୱର,୫।୬(ସିମସ): ୩୫ ବର୍ଷର ଅଟଳ ବିଶ୍ୱାସ, ଅଗ୍ରଣୀ ପ୍ରକଳ୍ପ ଏବଂ ସ୍ଥାପତ୍ୟ ଉତ୍କର୍ଷତା ପାଳନ ଅବସରରେ ଉତ୍କଳ ବିଲ୍ଡର୍ସ ଜୁନ୍ ୬ ରୁ ୮ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ହୋଟେଲ ଲାଇଫ୍‌ରେ ଉତ୍କଳ ଗ୍ରାଣ୍ଡ ପ୍ରପର୍ଟି ସେଲ୍ କାର୍ଣ୍ଣିଭାଲ ଆରମ୍ଭ କରିଛି। ଏହି ତିନିଦିନିଆ କାର୍ଯ୍ୟକ୍ରମ 'ଉତ୍କଳ'ର ଯାତ୍ରାର ଭିନ୍ନ ଏକ ମାଇଲଖୁଣ୍ଟ, ଯାହା-ପ୍ରଥମଥର ପାଇଁ ପ୍ରିମିୟମ୍ ଆବାସିକ ଆପାର୍ଟମେଣ୍ଟ, ଉଚ୍ଚ ସମ୍ଭାବନା ଥିବା ବାଣିଜ୍ୟିକ କାର୍ଯ୍ୟାଳୟ ଏବଂ ଦୋକାନ ଗୃହକୁ ଗୋଟିଏ ଛାତ ତଳେ ଏକତ୍ରିତ କରିବ। ଆଗ୍ରହୀ ଗ୍ରାହକମାନେ ସ୍ୱତନ୍ତ୍ର ସ୍ପଟ୍ ଅଫର୍, ଆଶ୍ଚର୍ଯ୍ୟଜନକ ଉପହାର ଓ ଆକର୍ଷଣୀୟ ସୁବିଧା ନେଇ ଓଡିଶାର ସବୁଠାରୁ ସମ୍ମିତ ଡେଭଲପର ଦ୍ୱାରା ପ୍ରସ୍ତୁତ ସମିତିର ମାଲିକ ହୋଇପାରିବେ।

**ଉତ୍କଳ ବିଲ୍ଡର୍ସର ୩୫ତମ ଗୌରବମୟ ବର୍ଷ**




"ଗତ ସାଢ଼େ ତିନି ଦଶନ୍ଧି ଧରି ଉତ୍କଳ ତାର ଗୁଣବତ୍ତା, ସ୍ଥିରତା, ବିଶ୍ୱସନୀୟତା ପାଇଁ ଗ୍ରାହକ ମହଲରେ ପ୍ରସିଦ୍ଧି ଲାଭ କରିଛି। ଏହି ଅବସରରେ ଉତ୍କଳ ବିଲ୍ଡର୍ସର ପରିଚାଳନା ନିର୍ଦ୍ଦେଶକ ଶରଦ ବୈଦ କୁହନ୍ତି, ଏହି କାର୍ଣ୍ଣିଭାଲ୍ ସେହି ଅତୁଟ ବିଶ୍ୱାସ ପ୍ରତି ଉତ୍ସର୍ଗୀକୃତ ଏବଂ ଭବିଷ୍ୟତ ପାଇଁ ଏକ ନିମନ୍ତ୍ରଣ।" ଭୁବନେଶ୍ୱରରେ ଉତ୍କଳ ଦ୍ୱାର ପ୍ରସ୍ତୁତ ଅନେକ ଗୁଡିଏ ଆବାସିକ ଏବଂ ବାଣିଜ୍ୟିକ ପ୍ରକଳ୍ପ ବର୍ତ୍ତମାନ ସମାପ୍ତ ହୋଇ ଉପଭୋକ୍ତାମାନଙ୍କୁ ପ୍ରଦାନ କରାଯିବ। ଆମେ ଉପଭୋକ୍ତାମାନଙ୍କ ପାଇଁ ଏକ ବିଶ୍ୱସନୀୟ ଏବଂ ବିରଳ ୱିଣ୍ଡୋ ସୃଷ୍ଟି କରିବା ପାଇଁ ସଫଳ ହୋଇପାରିଛୁ ବୋଲି କମ୍ପାନୀର ଅନ୍ୟତମ ନିର୍ଦ୍ଦେଶକ ଅମିତ ବୈଦ କହିଛନ୍ତି। ଘୋଷଣା ପରଠାରୁ ଚମତ୍କାର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଏହା ପ୍ରକୃତରେ ଆଗରୁ କେବେ ଦେଖାଯାଇନି। ଏହା ଉପଭୋକ୍ତମାନଙ୍କ ପାଇଁ ନିବେଶର ପ୍ରକୃଷ୍ଟ ସମୟ। ଏହି ଅବସରରେ ଉତ୍କଳ ବିଲ୍ଡର ପକ୍ଷରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିଆତି ସୁଯୋଗ ରହିଛି।

## ଟିପିସିଓଡିଏଲ୍ ମେଗା 'ବିଲ୍ ପେ ଆଣ୍ଡ ୱିନ୍'କାର୍ଯ୍ୟକ୍ରମ

ଭୁବନେଶ୍ୱର,୫।୬ମ(ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଭୁବନେଶ୍ୱରର ଏମ୍‌ଡିସି ଅଡିଟୋରିୟମ୍‌ରେ ମେଗା 'ବିଲ୍ ପେ ଆଣ୍ଡ ୱିନ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ନିୟମିତ ଭାବେ ସଠିକ୍ ସମୟରେ ଏବଂ ଅନଲାଇନ୍ ମାଧ୍ୟମରେ ନିଜର ବିଦ୍ୟୁତ ବିଲ୍ ପଇଠ କରୁଥିବା ଗ୍ରାହକମାନଙ୍କୁ ରିୱାର୍ଡ ପ୍ରଦାନ କରାଯାଇଛି। ଏକ ଡ୍ର' ଜରିଆରେ ଭୁବନେଶ୍ୱର ସର୍କଲ୍‌ରୁ ୮୦ ଜଣ ଭାଗ୍ୟଶାଳୀ ଉପଭୋକ୍ତାଙ୍କୁ ଚୟନ କରାଯାଇଥିଲା ଏବଂ ସେମାନଙ୍କୁ ମୋବାଇଲ୍ ଓ ଅନ୍ୟାନ୍ୟ ଆକର୍ଷଣୀୟ ଉପହାର ଦିଆଯାଇଥିଲା। ୨୦୨୪-୨୫ ଆର୍ଥିକ ବର୍ଷର 'ବିଲ୍ ପେ ଆଣ୍ଡ ୱିନ୍' ସ୍କିମ୍ ଅଧୀନରେ ସମଗ୍ର ଟିପିସିଓଡିଏଲ୍ ସର୍କଲ୍‌ରେ ୯ ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ମେଗା ପୁରସ୍କାର ଭାବେ ଆଇଫୋନ୍ ପ୍ରଦାନ କରାଯାଇଥିଲା। ଏହି ସ୍କିମ୍‌ରେ ଶୂନ ବକେୟା ରଖୁଥିବା ଏବଂ ଟିପିସିଓଡିଏଲ୍‌ର ଅନ୍‌ଲାଇନ୍ ପ୍ଲାଟଫର୍ମକୁ ବ୍ୟବହାର କରି ଧାର୍ଯ୍ୟ ତାରିଖ ଭିତରେ ନିଜର ବିଦ୍ୟୁତ୍ ବିଲ୍ ପଇଠ କରୁଥିବା ଉପଭୋକ୍ତାମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରାଯାଉଥିବା ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ୍ ସିଂହ କହିଛନ୍ତି।

## ରାଜଧାନୀରେ ଓବେନ୍ ଇଲେକ୍ଟ୍ରିବାଇକ୍‌ର ନୂଆ ଶୋ'ରୁମ୍

ଭୁବନେଶ୍ୱର, ୫।୬(ସିମସ): ଘରୋଇ ଇଲେକ୍ଟ୍ରିକ୍ ବାଇକ୍ ନିର୍ମାତା ଓବେନ୍ ଇଲେକ୍ଟ୍ରିକ୍ ଭୁବନେଶ୍ୱରରେ ଏହାର ଶୋ'ରୁମ୍ ଏବଂ ସର୍ଭିସ୍ ସେଣ୍ଟର୍‌ର ଉନ୍ମୋଚନ ସହ ପୂର୍ବ ଭାରତରେ ନିଜର ଉପସ୍ଥିତି ଜାହିର କରିଛି। ଓବେନ୍ ଇଲେକ୍ଟ୍ରିକ୍ ଏହାର ସମ୍ପ୍ରସାରଣ ଯୋଜନାରେ ଭାରତର ୨୬ଟି ସହରରେ ୩୭ଟି ଶୋ'ରୁମ୍ ଖୋଲିଛି। ବର୍ଷ ଶେଷ ସୁଦ୍ଧା ଦେଶରେ ୧୦୦ରୁ ଅଧିକ ଶୋ'ରୁମ୍ ଏବଂ ସେବା କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ କମ୍ପାନୀର ଲକ୍ଷ୍ୟ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।



ଏହି ନୂତନ ଶୋ'ରୁମ୍‌ର ମୁଖ୍ୟ ଆକର୍ଷଣ ହେଉଛି ଏକ ଉଚ୍ଚ-କ୍ଷମତା ସମ୍ପନ୍ନ ଇଲେକ୍ଟ୍ରିକ୍‌ବାଇକ୍ ଓବେନ୍ ରୋର ଇଜେଡ୍ ଯାହା ଏକ ଶକ୍ତିଶାଳୀ, ନିର୍ଭରଯୋଗ୍ୟ ଏବଂ ସ୍ଥାୟୀ ସହର ଯାତାୟାତ ଅଭିଜ୍ଞତା ପ୍ରଦାନ କରେ। ସମ୍ପୂର୍ଣ୍ଣ ଭାରତରେ ଡିଜାଇନ୍ ଏବଂ ନିର୍ମିତ, ରୋର ଇଜେଡ୍ ତିନୋଟି ବ୍ୟାଟେରୀ ପ୍ରକାରରେ ଉପଲବ୍ଧ –୨.୬ କେଡବ୍ଲ୍ୟୁଏଚ୍, ୩.୪ କେଡବ୍ଲ୍ୟୁଏଚ୍ ଏବଂ ୪.୪ କେଡବ୍ଲ୍ୟୁଏଚ୍ ଏବଂ ଉଚ୍ଚ ପ୍ରଦର୍ଶନ ସମ୍ପନ୍ନ ଏଲଏଫପି (ଲିଥିୟମ୍ ଆଇରନ୍ ଫସଫେଟ୍) ବ୍ୟାଟେରୀ ପ୍ରଯୁକ୍ତିବିଦ୍ୟା ସହିତ ସଜ୍ଜିତ ଯାହା ୫୦% ଅଧିକ ଉତ୍ତାପ ପ୍ରତିରୋଧ ଏବଂ ୨ଗୁଣା ବ୍ୟାଟେରୀ ଜୀବନକାଳ ସୁନିଶ୍ଚିତ କରେ। ରୋର ଇଜେଡ୍ ୯୯,୯୯୯ ଟଙ୍କା(ଏକ୍ସ-ଶୋରୁମ୍) ର ପ୍ରାରମ୍ଭିକ ମୂଲ୍ୟରେ ଏବଂ ମାତ୍ର ୭,୯୯୯ ଟଙ୍କାର ସହଜ ଡାଉନ୍ ପେମେଣ୍ଟ ସହିତ ଉପଲବ୍ଧ। ଭୁବନେଶ୍ୱରସ୍ଥିତ ଶୋ'ରୁମରେ ପ୍ରଥମ ମାସ ମଧ୍ୟରେ ଓବେନ୍ ରୋର ଇଜେଡ୍ କ୍ରୟ କରୁଥିବା ଗ୍ରାହକମାନେ ଏକ ସ୍ୱତନ୍ତ୍ର ଲଞ୍ଚ ଅଫରର ଅଂଶ ସ୍ୱରୂପ ଏକ ମାଗଣା ସ୍ୱର୍ଣ୍ଣ ମୁଦ୍ରା ପାଇବେ ବୋଲି ଓବେନ୍ ଇଲେକ୍ଟ୍ରିକ୍‌ର ପ୍ରତିଷ୍ଠାତା ଏବଂ ସିଇଓ ମଧୁମିତା ଅଗ୍ରୱାଲ୍ କହିଛନ୍ତି।

## ସାତ୍ତ୍ୱିକ ସୋଲାର ପକ୍ଷରୁ ଓଡ଼ିଶାରେ ସୋଲାର୍ ସେଲ୍, ମଡ୍ୟୁଲ୍ ପ୍ଲାଣ୍ଟର ଶିଳାନ୍ୟାସ

ଭୁବନେଶ୍ୱର,୫।୬(ସିମସ): ସାତ୍ତ୍ୱିକ ଗ୍ରୀନ୍ ଏନର୍ଜି ଲିମିଟେଡ୍ (ଏସ୍‌ଜିଇଏଲ୍)ର ସମ୍ପୂର୍ଣ୍ଣ ସହାୟକ ସଂସ୍ଥା ସାତ୍ତ୍ୱିକ ସୋଲାର ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ଏସ୍‌ଆଇଓପିଏଲ୍) ପକ୍ଷରୁ ଓଡ଼ିଶାର ଗଞ୍ଜାମ ଜିଲ୍ଲାର ଗୋପାଳପୁରରେ ଥିବା ଟାଟା ଷ୍ଟିଲ୍ ସ୍ପେସିଆଲ୍ ଇକୋନମିକ୍ ଜୋନ୍ ଲିମିଟେଡ୍‌ର (ଟିଏସ୍‌ଏସ୍‌ଇଜେଡ୍‌ଏଲ୍) ଗୋପାଳପୁର ଶିଳ୍ପ ପାର୍କରେ ୫୭ ଏକର ଜମିରେ ୪.୦୦ ଗିଗାୱାଟ୍ ସୋଲାର ପିଭି ମଡ୍ୟୁଲ୍ ଉତ୍ପାଦନ କାରଖାନାର ଶିଳାନ୍ୟାସ କରାଯାଇଛି। ଏସ୍‌ଜିଇଲ୍‌ର ସମ୍ପୂର୍ଣ୍ଣ ସହାୟକ କମ୍ପାନି ଏସ୍‌ଏସ୍‌ଆଇପିଏଲ୍ ଅଧୀନରେ ଯୋଜନା କରାଯାଇଥିବା ଏହି ପ୍ରକଳ୍ପ ଏସ୍‌ଜିଇଏଲ୍‌ର ସମ୍ପ୍ରସାରଣ ରଣନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ ଉଭା ହେବ। ଓଡ଼ିଶାରେ ଏକ ୪.୮୦ ଗିଗାୱାଟ୍‌ର ସମନ୍ୱିତ ସେଲ୍ ଓ ୪.୦୦ ଗିଗାୱାଟ୍‌ର ମଡ୍ୟୁଲ୍ ଉତ୍ପାଦନ କାରଖାନା ସ୍ଥାପନ କରିବାର ଅଗ୍ରଣୀ ପର୍ଯ୍ୟାୟରେ ଆମେ ରହିଛୁ ଯାହା ଯଥାକ୍ରମେ ୨୦୨୭ ଆର୍ଥିକ ବର୍ଷ ଓ ୨୦୨୬ ଆର୍ଥିକ ବର୍ଷରେ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। ଆମେ ଅମ୍ବାଲାରେ ଥିବା ଆମ ମଡ୍ୟୁଲ୍ ଉତ୍ପାଦନ କାରଖାନରେ ୧.୦୦ ଗିଗାୱାଟ୍ କ୍ଷମତା ଯୋଗ କରିବା ପ୍ରକ୍ରିୟାରେ ରହିଛୁ ଯାହା ୨୦୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ କାର୍ଯ୍ୟକ୍ଷମ ହେବା ଆଶା କରାଯାଉଛି। କ୍ଷମତାରେ ଏହି ସମ୍ପ୍ରସାରଣ ପରେ ଉଭୟ ଅମ୍ବାଲା ଓ ଓଡ଼ିଶାରେ ଆମର କ୍ଷମତା ୪.୮୦ ଗିଗାୱାଟ୍ ସେଲ୍ ଓ ୪.୮୦ ଗିଗାୱାଟ୍‌ର ଉଭୟ ସେଲ୍ ଓ ମଡ୍ୟୁଲ୍ ଉତ୍ପାଦନକୁ ବୃଦ୍ଧି ପାଇବ ବୋଲି ଆମେ ଆଶା କରୁଛୁ ବୋଲି ଏସ୍‌ଜିଇଏଲ୍‌ର ସିଇଓ ପ୍ରଶାନ୍ତ ମାଥୁର କହିଛନ୍ତି।



# ବେଙ୍ଗାଲୁରୁ ଦଳାଚକଟା | ପୁଲିସ କମିସନର ସସ୍‌ପେଣ୍ଡ, ଗିରଫ ହେବେ ଆୟୋଜକ

ବେଙ୍ଗାଲୁରୁ, ୫।୬ (ଏଜେନ୍ସି): ଆରସିବିର ଆଇପିଏଲ୍ ବିଜୟ ଉତ୍ସବ ପାଳନ ବେଳେ ବେଙ୍ଗାଲୁରୁ ଷ୍ଟାଡିୟମରେ ହୋଇଥିବା ଦଳାଚକଟା ପାଇଁ ଦାୟୀ କିଏ? କେଉଁ ପରିସ୍ଥିତିରେ ଏଭଳି ଅଘଟଣ ଘଟିଲା? ଏହାକୁ ରୋକି ହୋଇ ପାରିଥାଆନ୍ତା କି? ଏଭଳି ପ୍ରଶ୍ନକୁ ନେଇ ଛାନଭିନ ଆରମ୍ଭ ହୋଇଥିବା ବେଳେ ରାଜ୍ୟ ସରକାର ଆଜି ବେଙ୍ଗାଲୁରୁ ପୁଲିସ କମିସନର, ଡିସିପି ଏବଂ ଏସିପିଙ୍କ ସମେତ ଅନ୍ୟ କେତେକ ପୁଲିସ ଅଧିକାରୀଙ୍କୁ ସସପେଣ୍ଡ କରିଛନ୍ତି। ଏହି ସୂଚନା ଦେଇ ମୁଖ୍ୟମନ୍ତ୍ରୀ ସିଦ୍ଦରମେୟା କହିଛନ୍ତି, ଦଳାଚକଟା ପାଇଁ ଦାୟୀ ଆରସିବି (ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ), କର୍ଣ୍ଣାଟକ କ୍ରିକେଟ ଆସୋସିଏସନ ଏବଂ ଉତ୍ସବ ଆୟୋଜନର ଦାୟିତ୍ୱ ନେଇଥିବା ଡିଏନ୍‌ଏ ଏଣ୍ଟରଟେନମେଣ୍ଟର କର୍ମକର୍ତ୍ତାଙ୍କୁ ଗିରଫ କରାଯିବ। ଏହି ଘଟଣାର ତଦନ୍ତ ଦାୟିତ୍ୱ ସିଆଇଡିକୁ ଦିଆଯାଇଥିବା ସେ କହିଛନ୍ତି।

ଏହାପୂର୍ବରୁ ଆଜି ଆଇପିଏଲ୍ ଟ୍ରଫି ବିଜେତା ଆରସିବି ବିରୋଧରେ ଏଫଆଇଆର ଦାଖଲ କରିଥିଲା ବେଙ୍ଗାଲୁରୁ ପୁଲିସ। ଆରସିବି ସହିତ କର୍ଣ୍ଣାଟକ କ୍ରିକେଟ ଆସୋସିଏସନ୍ ଏବଂ ଉତ୍ସବର ଆୟୋଜନ ଦାୟିତ୍ୱ ନେଇଥିବା ଡିଏନ୍‌ଏ ଏଣ୍ଟରଟେନମେଣ୍ଟ ବିରୋଧରେ ମଧ୍ୟ ଏଫ୍‌ଆଇଆର ଦାଖଲ ହୋଇଛି। ଭାରତୀୟ ନ୍ୟାୟସଂହିତାର ୫ଟି ଦଫାରେ ଏହି ମାମଲା ରୁଜୁ ହୋଇଛି। ମାମଲାର ତଦନ୍ତ ଦାୟିତ୍ୱ ନେଇଥିବା ଜିଲ୍ଲା ମାଜିଷ୍ଟ୍ରେଟ୍ କହିଛନ୍ତି ଯେ କର୍ଣ୍ଣାଟକ କ୍ରିକେଟ ଆସୋସିଏସନ୍, ଆରସିବି ଏବଂ ବେଙ୍ଗାଲୁରୁ ମେଟ୍ରୋକୁ ମଧ୍ୟ ନୋଟିସ ଜାରି କରାଯିବ। କୁହାଯାଉଛି ଯେ ଉତ୍ସବ ପୂର୍ବରୁ ଆରସିବିର କେତେକ ଅଧିକାରୀ ସାମାଜିକ ଗଣମାଧ୍ୟମରେ ଯେଉଁ ସୂଚନା ଦେଇଥିଲେ ତାହା ହେଉଛି ଦଳାଚକଟାର ଅନ୍ୟତମ କାରଣ। ଏଥିରେ ସୂଚନା ଦିଆଯାଇଥିଲା ଯେ ଚିନ୍ନାସ୍ୱାମୀ ଷ୍ଟାଡିୟମରେ

**■ ଏସିପି, ଡିସିପି ମଧ୍ୟ ସସ୍‌ପେଣ୍ଡ**

**■ ରିପୋର୍ଟ ମାଗିଲେ ହାଇକୋର୍ଟ**

ସାଧାରଣ ବିଜୟ ଉତ୍ସବ ପାଳନ କରାଯିବ ଏବଂ ଷ୍ଟାଡିୟମରେ ପ୍ରବେଶକୁ ଶୁଳ୍କ ମୁକ୍ତ କରାଯାଇଛି। ଏହି ସୂଚନା ପାଇବା ପରେ ଲୋକଙ୍କ ଭିଡ଼ ଅସମ୍ଭାଳ ହୋଇପଡ଼ିଥିଲା। ଯେଉଁଥିପାଇଁ ଦଳାଚକଟା ହୋଇ ୧୧ ଜଣ ପ୍ରାଣ ହରାଇଥିଲେ ଏବଂ ୫୦ରୁ ଅଧିକ ଆହତ ହୋଇଥିଲେ। ସାମାଜିକ ଗଣମାଧ୍ୟମରେ ଏଭଳି ସୂଚନା ଦେଇଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

ଇତିମଧ୍ୟରେ କର୍ଣ୍ଣାଟକ ହାଇକୋର୍ଟ ମାମଲାରେ ହସ୍ତକ୍ଷେପ କରିବା ସହିତ ସରକାରଙ୍କ ଠାରୁ ରିପୋର୍ଟ ତଲବ କରିଛନ୍ତି। ଆସନ୍ତା ଜୁନ୍ ୧୦ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ଆଜି ମାମଲାର ଶୁଣାଣି ବେଳେ ଆଡଭୋକେଟ ଜେନେରାଲ ଆରସିବି ଅଧିକାରୀଙ୍କୁ ଦୋଷ ଦେଇ କହିଲେ ଯେ ତାଙ୍କର ସୋସିଆଲ ମିଡିଆ ପୋଷ୍ଟ ଯୋଗୁଁ ଦଳାଚକଟା ହୋଇଛି। ଯେଉଁମାନେ ଦୋଷୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ସେ କହିଲେ ଯେ ଆଉ କେଉଁ କାରଣ ପାଇଁ ଏଭଳି ଦୁଃଖଦ ଘଟଣା ଘଟିଲା, ତାହାର ଯାଞ୍ଚ କରାଯିବ। ଭବିଷ୍ୟତରେ ଯେମିତି ଏହାର ପୁନରାବୃତ୍ତି ନହୁଏ ସେଥିଲାଗି ଉଦ୍ୟମ କରାଯିବ।

ତେବେ ଗତକାଲିର ଅଘଟଣକୁ ନେଇ ଦୋଷ ଲଦାଲଦି ଜାରି ରହିଛି। ସରକାର ଏଥିପାଇଁ ଆରସିବି ଏବଂ କ୍ରିକେଟ ଆସୋସିଏସନକୁ ଦାୟୀ କରିଛନ୍ତି। ଅନ୍ୟପକ୍ଷରେ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟ ପୁଲିସ ପ୍ରଶାସନ ସରକାରଙ୍କ ଆଡ଼କୁ ଦୋଷ ଠେଲିବାକୁ ଚେଷ୍ଟା କରିଛି। ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ ଏହି ବିଜୟ ଉତ୍ସବ ରବିବାର ପାଳନ କରିବା ଲାଗି ପୁଲିସ ପକ୍ଷରୁ କୁହାଯାଇଥିଲା। କିନ୍ତୁ ସରକାର ପୁଲିସ କଥା ନଶୁଣି ଉତ୍ସବ ପାଇଁ ଅନୁମତି ଦେଇଦେଲେ। ଅନ୍ୟପକ୍ଷରେ ଅଘଟଣ ପାଇଁ ମୁଖ୍ୟମନ୍ତ୍ରୀ ସିଦ୍ଦରମେୟାଙ୍କୁ ଦାୟୀ କରିଛି ବିଜେପି। ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରାଯାଉ ବୋଲି ଦଳ ଦାବି କରିଛି।

ଗତକାଲିର ଏହି ଦୁଃଖଦ ଘଟଣା ନେଇ ଆରସିବି ଶୋକ ପ୍ରକାଶ କରିବା ସହିତ ମୃତ ବ୍ୟକ୍ତିଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦେବାକୁ ଘୋଷଣା କରିଛି।



## ଗାଜା ଅସ୍ତ୍ରବିରତିରେ ଆମେରିକାର ଭିଟୋ

ୱାଶିଂଟନ, ୫।୬(ଏଜେନ୍ସି): ଆମେରିକା ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଗାଜାରେ ଅସ୍ତ୍ରବିରତି ଲାଗୁ କରିବା ନେଇ ଆଗତ ହୋଇଥିବା ପ୍ରସ୍ତାବ ଉପରେ ଭିଟୋ ଲଗାଇଛି। ୟୁଏନ୍‌ଏସ୍‌ସିରେ ବୁଧବାର ଏନେଇ ମତଦାନ ହୋଇଥିଲା। ଏଥିରେ ୧୫ଟି ଦେଶରୁ ୧୪ଟି ଦେଶ ଗାଜାରେ ଅସ୍ତ୍ରବିରତି ପକ୍ଷରେ ମତ ଦେଇଥିଲେ। ଏକମାତ୍ର ଦେଶ ଭାବେ ଆମେରିକାର ଏହି ପ୍ରସ୍ତାବି ବିରୋଧରେ ଭୋଟ୍ ଦେଇଥିଲା। ଏହି ପ୍ରସ୍ତାବରେ ସବୁ ବନ୍ଦୀମାନଙ୍କୁ ମୁକ୍ତି କରିବା ଓ ମାନବୀୟ ସହାୟତା ନେଇ ଲାଗୁ ହୋଇଥିବା ସବୁପ୍ରକାର ପ୍ରତିବନ୍ଧକକୁ ହଟାଇବା ନେଇ ଦାବି କରାଯାଇଥିଲା। କିନ୍ତୁ ଆମେରିକା ଏହି ପ୍ରସ୍ତାବ ବିରୋଧରେ ଖୋଲାଖୋଲି ମତ ଦେଇଥିଲା। ଏହାକୁ ରୋକିବା ପାଇଁ ଆମେରିକା ତା'ର ଭିଟୋ କ୍ଷମତାର ବ୍ୟବହାର କରିଥିଲା। ଏହି ପ୍ରସ୍ତାବ ଅସ୍ତ୍ରବିରତି ନେଇ ଚାଲିଥିବା 'କୂଟନୈତିକ ପ୍ରୟାସ'କୁ ଦୁର୍ବଳ କରିବ ବୋଲି ଆମେରିକାର ରାଜଦୂତ ଡେରୋଥି ଶିଆ କହିଛନ୍ତି। ସୁରକ୍ଷା ପରିଷଦରେ ୧୦ଟି ଦେଶ ଯଥା, ଆଲଜେରିଆ, ଡେନମାର୍କ, ଗ୍ରୀସ୍, ଗୁଏନା, ପାକିସ୍ତାନ, ପାନାମା, କୋରିଆ ଗଣରାଜ୍ୟ, ସିଏରା ଲିଓନ, ସ୍ଲୋଭେନିଆ ଓ ସୋମାଲିଆ ଏହି ପ୍ରସ୍ତାବକୁ ପ୍ରସ୍ତୁତ୍ କରିଥିଲେ। ଏହାକୁ ବ୍ରିଟେନ, ଫ୍ରାନ୍ସ, ରୁଷ ଓ ଚୀନ୍ ଭଳି ବିକଶିତ ଦେଶ ସମର୍ଥନ କରିଥିଲେ। ଏନେଇ ମତଦାନ ଆରମ୍ଭ ହେବା ପୂର୍ବରୁ ଆମେରିକା ଏହ ପ୍ରସ୍ତାବକୁ ସମର୍ଥନ କରୁନାହିଁ ଓ ନିଜକୁ ରକ୍ଷା କରିବାକୁ ଇସ୍ରାଏଲ୍‌ର ପୂରା ଅଧିକାର ରହିଛି ବୋଲି ଆମେରିକାର କାର୍ଯ୍ୟକାରୀ ରାଜଦୂତ ଡୋରେଥି ଶିଆ ସ୍ପଷ୍ଟ କରିଥିଲେ। ଉଲ୍ଲେଖଥାଉ କି, ଇସ୍ରାଏଲ୍ ଓ ହମାସ ମଧ୍ୟ ଚାଲିଥିବା ଏହି ଯୁଦ୍ଧରେ ଏପର୍ଯ୍ୟନ୍ତ ୫୫ ହଜାର ପାଲେଷ୍ଟାଇନ୍ ନାଗରିକ ପ୍ରାଣ ହରାଇଛନ୍ତି। ୨୦୨୩ ଅକ୍ଟୋବର ୭ରେ ଇସ୍ରାଏଲ୍‌ରେ ହମାସର ଆକ୍ରମଣ ପରେ ଏହି ସଂଘର୍ଷ ଚାଲୁରହିଛି।

## ପାକିସ୍ତାନରେ ଅହମ୍ମଦିଆଙ୍କୁ ଇଦ୍ ପାଳନ ମନା

ଇସ୍ଲାମାବାଦ୍, ୫।୬(ଏଜେନ୍ସି): ପାକିସ୍ତାନର ସିନ୍ଧ୍ ଓ ପଞ୍ଜାବ ପ୍ରଦେଶରେ ଅହମ୍ମଦିଆ ମୁସଲମାନଙ୍କ ଉପରେ ପୁଣିଥରେ ବୈମାତୃକ ମନୋଭାବ ପୋଷଣ କରାଯାଉଥିବା ଦେଖିବାକୁ ମିଳିଛି। ଏହି ଦୁଇଟି ରାଜ୍ୟରେ ଅହମ୍ମଦିଆ ମୁସଲମାନଙ୍କୁ ଇଦ୍ ପାଳନ କରିବାକୁ ବାରଣ କରାଯାଇଛି। ଏଥିପାଇଁ ସେମାନଙ୍କଠାରୁ ଜୋର ଜବରଦସ୍ତି ଆଫିଡେବିଟ୍ କାଗଜରେ ଦସ୍ତଖତ ନିଆଯାଉଛି। ପଞ୍ଜାବରେ ଯଦି ଅହମ୍ମଦିଆମାନେ ଇଦ୍ ପାଳନ କରନ୍ତି ତେବେ ସେମାନଙ୍କଠାରୁ ୫ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ତାଗିଦ୍ କରାଯାଇଛି। ପଞ୍ଜାବ ଓ ସିନ୍ଧ୍‌ରେ ଏମାନଙ୍କୁ ସେମାନଙ୍କ ଘରେ ମଧ୍ୟ କୌଣସି ଧାର୍ମିକ କାର୍ଯ୍ୟ କରିବାକୁ ବାରଣ କରାଯାଇଛି। ଏପରିକି ପୁଲିସ୍ ମଧ୍ୟ ଅହମ୍ମଦିଆ ମୁସଲମାନଙ୍କୁ ଗିରଫ୍ କରି ସେମାନଙ୍କଠାରୁ ଧମକ ଦେଇ ଆଫିଡେବିଟ୍‌ରେ ଦସ୍ତଖତ କରାଇନେଉଛି ବୋଲି ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟରୁ ଜଣାଯାଇଛି। ଉଲ୍ଲେଖଥାଉ କି, ପାକିସ୍ତାନରେ ୨୦ ଲକ୍ଷ ଅହମ୍ମଦିଆ ବସବାଦ କରୁଛନ୍ତି ଓ ଏମାନେ ଧାର୍ମିକ ଉତ୍ପିଡ଼ନର ଶିକାର ହେଉଛନ୍ତି। ପାକିସ୍ତାନରେ ଏମାନେ ସବୁବେଳେ କଟରପନ୍ଥୀଙ୍କ ଟାର୍ଗେଟ୍‌ରେ ରହିଆସିଛନ୍ତି। ପଞ୍ଜାବରେ ଅତିକମ୍‌ରେ ୩୬ଜଣ ଅହମ୍ମଦିଆଙ୍କୁ ଗିରଫ କରିବା ସହ ସେମାନଙ୍କ ଇଦ୍ ପାଳନ ପାଇଁ ବାରଣ କରାଯାଉଛି। ୧୯୭୪ରେ ସମ୍ବିଧାନ ସଂଶୋଧନ କରାଯାଇ ଏମାନଙ୍କୁ ମୁସଲମାନ ଭାବେ ପରିଗଣିତ କରାଯାଉନାହିଁ। ସେମାନଙ୍କୁ କୁରାନ ପଢ଼ିବାକୁ, ନମାଜ ପଢ଼ିବାକୁ ଓ ଅନ୍ୟ ଧାର୍ମିକ କାର୍ଯ୍ୟ ପାଳନ କରିବାକୁ ବାରଣ କରାଯାଇଛି।



# ୧୨ ଦେଶର ନାଗରିକଙ୍କ ଆମେରିକା ପ୍ରବେଶ ଉପରେ କଟକଣା

ୱାଶିଂଟନ, ୫।୬(ଏଜେନ୍ସି): ଆମେରିକାରେ ୧୨ଟି ଦେଶର ନାଗରିକଙ୍କୁ ପ୍ରବେଶ କରିବା ପାଇଁ ବାରଣ କରାଯାଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୧୨ଟି ଦେଶର ନାଗରିକଙ୍କ ପ୍ରବେଶ ଉପରେ ସମ୍ପୂର୍ଣ୍ଣ ଭାବେ ନିଷେଧାଦେଶ ଜାରି କରିଛନ୍ତି। ଆମେରିକାର ନିରାପତ୍ତା ଓ ନାଗରିକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏପରି ଚରମ ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି। ଏହାକୁ ବାଦ୍ ଦେଲେ ୭ଟି ଦେଶର ନାଗରିକଙ୍କୁ ଆମେରିକାର ପ୍ରବେଶ ପାଇଁ ଆଂଶିକ ଭାବେ ବାରଣ କରାଯାଇଛି। ତେବେ ଆତଙ୍କବାଦର ଗଡ଼ ପାକିସ୍ତାନ ଆଶ୍ଚର୍ଯ୍ୟଜନକ ଭାବେ ଏଥିରୁ ବାଦ୍ ପଡ଼ିଛି।

**■ ଆତଙ୍କବାଦୀ ଆକ୍ରମଣ ପରେ ଟ୍ରମ୍ପଙ୍କ କାର୍ଯ୍ୟାନୁଷ୍ଠାନ**

**■ ବାଦ୍ ପଡ଼ିଲା ପାକିସ୍ତାନ**

ଏହି ନିୟମ ଇମିଗ୍ରେସନ ଓ ନନ୍ ଇମିଗ୍ରେସନ ଦୁଇ ପ୍ରକାର ଭିସା ଉପରେ ଲାଗୁ ହେବ। 'ଆମେରିକାକୁ ଏଭଳି ବିଦେଶୀମାନଙ୍କଠାରୁ ସୁରକ୍ଷିତ ରଖିବାର ଆବଶ୍ୟକତା ରହିଛି' ଯେଉଁମାନେ ଆତଙ୍କବାଦୀ ଆକ୍ରମଣ ଓ ରାଷ୍ଟ୍ରୀୟ ସୁରକ୍ଷାକୁ ବିପଦରେ ପକାଉଛନ୍ତି, ଘୃଣାଭାବ ସୃଷ୍ଟି କରିବା ସହ ଏହାର ପ୍ରଚାର କରୁଛନ୍ତି। ଏମା।ନେ ଅପ୍ରବାସ ନିୟମର ଭୁଲ ଫାଇଦା ଉଠାଉଛନ୍ତି ବୋଲି ଟ୍ରମ୍ପ କହିଛନ୍ତି। କେବଳ ସେତିକି ନୁ।ହେଁ, ଭିସା ପ୍ରଦାନ କରିବାବେଳେ ସାବଧାନତା ଅବଲମ୍ବନ କରିବାକୁ ସେ କଡ଼ାକଡ଼ି ଭାବେ ପରାମର୍ଶ ଦେଇଛନ୍ତି। ଯେଉଁମାନେ ଆମେରିକାର ସ୍ୱାର୍ଥରେ କ୍ଷତି ପହଞ୍ଚାଇବାର ଆଶଙ୍କା ରହିଛି, ସେମାନଙ୍କୁ ଭିଜା ଦେବା ଉଚିତ ନୁହଁ ଓ ଏଭଳି ବ୍ୟକ୍ତିଙ୍କୁ ଆମେରିକାର ଆବଶ୍ୟକ କରେନାହିଁ। ଆତଙ୍କବାଦକୁ ରୋକିବା ପାଇଁ ଏହି ପ୍ରତିବନ୍ଧ ନିହାତି ଜରୁରୀ ବୋଲି ସେ କହିଛନ୍ତି। ଆଫଗାନିସ୍ତାନ ଓ ମ୍ୟାନମାନର ନେଇ ଆମେରିକା ସଫେଇ ଦେଇଛି। ଆଫଗାନିସ୍ତାନରେ ତାଲିବାନ ଭଳି ଆତଙ୍କବାଦୀ ସଂଗଠନ ଶାସନ କରୁଛି। ପୁଣି ମ୍ୟାନମାର ନାଗରିକଙ୍କ ଭିଜା ଅବଧି ଶେଷ ହୋଇଥିଲେ ମଧ୍ୟ ସେମାନେ ଆମେରିକାର ଛାଡୁ ନାହାନ୍ତି। ତେଣୁ ବାସନ୍ଦ ତାଲିକାରେ ଏହି ଦୁଇଦେଶକୁ ସାମିଲ କରାଯାଇଛି ବୋଲି କୁହାଯାଇଛି। ରିପୋର୍ଟ ଅନୁସାରେ ମ୍ୟାନମାରର ବି୧ ଓ ବି୨ ଭିଜା ପାଇଥିବା ୨୭.୦୭ ପ୍ରତିଶତ ଏବଂ ଏଫ୍, ଏମ୍, ଜେ ଭିଜା ପାଇ ଆମେରିକାର ଆସିଥିବା ୪୨.୧୭ ପ୍ରତିଶତ ନାଗରିକ ନିର୍ଦ୍ଧାରିତ ସମୟ ଶେଷ ହୋଇଥିଲେ ମଧ୍ୟ ଅଧିକ ସମୟ ରହୁଛନ୍ତି। ପୁଣି ମ୍ୟାନମାର ସରକାର ନିଜ ନାଗରିକଙ୍କୁ ଫେରାଇ ନେବା ପ୍ରକ୍ରିୟାରେ ସହଯୋଗ କରୁନାହିଁ ବୋଲି ଟ୍ରମ୍ପ ପ୍ରଶାସନ ତରଫରୁ କୁହାଯାଇଛି।

### ୭ ମୁସଲମାନ ବହୁଳ ଦେଶ ୨୦୧୭ରେ ବ୍ୟାନ୍ ହୋଇଥିଲେ

ଟ୍ରମ୍ପଙ୍କ ଏଭଳି କଟକଣା ଆମେରିକାର ପାଇଁ ନୂଆନୁହେଁ। ଟ୍ରମ୍ପ ତାଙ୍କର ପ୍ରଥମ କାର୍ଯକାଳରେ ୨୦୧୭ରେ ଏଭଳି ଟ୍ରାଭେଲ ବ୍ୟାନ ଲଗାଇଥିଲେ। ଏହାକୁ ସାଧାରଣତଃ ମୁସ୍‌ଲିମ ବ୍ୟାନ୍ ବୋଲି କୁହାଯାଇଥାଏ। ଏଥିରେ ଅଧିକାଂଶ ମୁସ୍‌ଲିମ୍ ଦେଶଗୁଡିକ ସାମିଲ ଥିଲେ। ସେତେବେଳେ ସେ ୭ଟି ଦେଶକୁ ଆମେରିକାର ପ୍ରବେଶ ପାଇଁ ସମ୍ପୂର୍ଣ୍ଣ ଭାବେ ବ୍ୟାନ୍ କରିଥିଲେ। ଏହି ଦେଶ୍‌ଗୁଡିକ ହେଲା ଇରାକ, ଇରାନ, ଲିବିଆ, ସୋମାଲିଆ, ସୁଦାନ, ସିରିଆ ଓ ୟେମେନ। ଅବଶ୍ୟ ପରେ ଏଥିରେ ପରିବର୍ତ୍ତନ କରାଯାଇ ଇରାକକୁ ଏହି ତାଲିକାରୁ ବାଦ୍ ଦିଆଯାଇଥିଲା। ସେହିପରି ସୁଦାନକୁ ହଟାଇ ଚାଦ୍‌କୁ ସାମିଲ କରାଯାଇଥିଲା। ପୁଣି ଉତ୍ତର କୋରିଆ ଓ ଭେନେଜୁଏଲା ଭଳି ଅଣ-ମୁସ୍‌ଲିମ ଦେଶ ଦ୍ୱୟକୁ ସାମିଲ କରାଯାଇଥିଲା। ଧାର୍ମିକ ଭେଦଭାବ ଭଳି ଅପବାଦକୁ ଦୃଷ୍ଟିରେ ରଖି ଏହି ଦୁଇ ଦେଶକୁ ସାମିଲ କରିଥିଲା। ସମ୍ପୂର୍ଣ୍ଣ ଭାବେ ବାସନ୍ଦ ହୋଇଥିବା ୧୨ ଦେଶ- ଆଫଗାନିସ୍ତାନ, ମ୍ୟାନମାର, ଚାଦ୍, କଙ୍ଗୋ, ଏରିଟ୍ରିଆ, ହାଇତି, ଇରାନ, ଲିବିଆ, ସୋମାଲିଆ, ସୁଦାନ ଓ ୟେମେନ। ଆଂଶିକ ଭାବେ ବାରଣ ହୋଇଥିବା ଦେଶ- ବୁରୁଣ୍ଡି, କ୍ୟୁବା, ଲାଓସ, ସିଏରା ଲିଓନ, ଟୋଗୋ, ତୁର୍କମେନିସ୍ତାନ ଓ ଭେନେଜୁଏଲା।

# ଭାରତରେ ନିର୍ମାଣ ହେବ ରାଫେଲ୍ ଯନ୍ତ୍ରାଂଶ

ନୂଆଦିଲ୍ଲୀ, ୫।୬(ଏଜେନ୍ସି): ପ୍ରତିରକ୍ଷା କ୍ଷେତ୍ରରେ ଭାରତକୁ ମିଳିଛି ଆଉ ଏକ ବଡ଼ ସଫଳତା। ଫ୍ରାନ୍ସରୁ ଅଣାଯାଇଥିବା ରାଫେଲ୍ ଯୁଦ୍ଧ ବିମାନର ଯନ୍ତ୍ରାଂଶ ଏବେ ଭାରତରେ ତିଆରି ହେବ। ଏହା ପ୍ରସ୍ତାବିତ ହାଇଦ୍ରାବାଦ ପ୍ଲାଣ୍ଟରେ ନିର୍ମାଣ ହେବ, ଯାହାକୁ 'ଫ୍ୟୁଜଲାଜ୍' କୁହାଯାଉଛି। ଏ ନେଇ ରାଫେଲ୍ ବିମାନର ନିର୍ମାତା ଦାସଲ୍ଟ ଏଭିଏସନ ଟାଟା ଆଡ୍‌ଭାନ୍ସଡ ସିଷ୍ଟମ ଲିମିଟେଡ୍ (ଟିଏଏସଏଲ) ସହିତ ଚୁକ୍ତି ସ୍ୱାକ୍ଷର କରିଛି। ଭାରତୀୟ ବଜାର ସହିତ ବିଶ୍ୱ ବଜାର ପାଇଁ ଏଠାରୁ ଯୁଦ୍ଧ ବିମାନର ବଡି ତିଆରି କରାଯିବ। ତେବେ ଏଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଇତିହାସରେ ପ୍ରଥମ ଥର ପାଇଁ ରାଫେଲ ଯୁଦ୍ଧ ବିମାନର ବଡି ଫ୍ରାନ୍ସ ବାହାରେ କୌଣସି ଦେଶରେ ନିର୍ମାଣ ହେବାକୁ ଯାଉଛି।

ଦାସଲ୍ଟ ଓ ଟିଏଏସଏଲ୍ ଦ୍ୱାରା ହୋଇଥିବା ଚୁକ୍ତି ଅନୁସାରେ ଉଭୟ କମ୍ପାନୀ ମଧ୍ୟରେ ୪ଟି ପ୍ରଡକ୍ସନ ଟ୍ରାନ୍ସଫର ଏଗ୍ରିମେଣ୍ଟ (ଉତ୍ପାଦନ ସ୍ଥାନାନ୍ତର ଚୁକ୍ତିନାମା) ସ୍ୱାକ୍ଷରିତ ହୋଇଛି। ପ୍ରଥମ ବଡି ପାର୍ଟ ନିର୍ମାଣ ସେକ୍ସନଗୁଡ଼ିକ ୨୦୨୮ ଆର୍ଥିକ ବର୍ଷ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। ଯାହାର ଉତ୍ପାଦନ କ୍ଷମତା ପ୍ରତି ମାସରେ ଦୁଇଟି ସମ୍ପୂର୍ଣ୍ଣ ବଡି ନିର୍ମାଣ କରାଯିବ। ହାଇଦ୍ରାବାଦରେ ବିମାନର ପ୍ରମୁଖ ଗଠନାତ୍ମକ ଅଂଶ ନିର୍ମାଣ ପାଇଁ ଏକ ସ୍ୱତନ୍ତ୍ର ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ, ଯେଉଁଥିରେ ସେଣ୍ଟ୍ରାଲ ଫ୍ୟୁଜେଲେଜ୍, ପଛ ଭାଗ, ପାର୍ଶ୍ୱ ପଛ ସେଲ୍ ଏବଂ ସମ୍ମୁଖ ଅଂଶ ଆଦି ତିଆରି ହେବ। 'ମେକ୍ ଇନ୍ ଇଣ୍ଡିଆ' ଏବଂ ଆତ୍ମନିର୍ଭର ଭାରତ ପଦକ୍ଷେପ ଅନ୍ତର୍ଗତ ଭାରତର ରଣନୈତିକ ଲକ୍ଷ୍ୟ ସହିତ ସମନ୍ୱିତ ରକ୍ଷା କରି ଏହି ଚୁକ୍ତି କରାଯାଇଛି। ଦାସଲ୍ଟ ଆଭିଏସନ୍‌ର ଅଧ୍ୟକ୍ଷ ଏବଂ ସିଇଓ ଏରିକ୍ ଟ୍ରାପିଅର୍ କହିଛନ୍ତି ଯେ ଏହି ସହଭାଗିତା ଭାରତରେ ଆମର ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବା ପାଇଁ ଏକ ନିର୍ଣ୍ଣାୟକ ପଦକ୍ଷେପ ହେବ। ଉଲ୍ଲେଖଯୋଗ୍ୟ ଯେ ଟିଏଏସଏଲ୍ ଭଳିଭାରତୀୟ

**■ ଇତିହାସରେ ପ୍ରଥମଥର ଫ୍ରାନ୍ସ ବାହାରେ ହେବ ଉତ୍ପାଦନ**

**■ ଦାସଲ୍‌ଟ ଏଭିଏସନ୍-ଟାଟା ଆଡ୍‌ଭାନ୍ସଡ ସିଷ୍ଟମ ଲିମିଟେଡ୍ ଚୁକ୍ତି**


**■ ହାଇଦ୍ରାବାଦରେ ପ୍ରତିଷ୍ଠା ହେବ ପ୍ଲାଣ୍ଟ**



ଏରୋସ୍ପେସ୍ କମ୍ପାନୀଗୁଡ଼ିକ ସହିତ ସହଯୋଗିତା କରିବା ପାଇଁ କମ୍ପାନୀର ଏହା ଦୀର୍ଘକାଳୀନ ରଣନୀତି ବୋଲି କୁହାଯାଉଛି। ଟିଏଏସଏଲ୍‌ର ସିଇଓ ଏବଂ ଏମ୍‌ଡି ସୁକରଣ ସିଂହ ଏହି ସହଭାଗିତାକୁ ଭାରତର ମହାକାଶ ଯାତ୍ରାରେ ଏକ ମାଇଲ୍‌ଖୁଣ୍ଟ ବୋଲି କହିଛନ୍ତି।

## ଶର୍ମିଷ୍ଠାଙ୍କୁ ଅନ୍ତରୀଣ ଜାମିନ୍

କୋଲକାତା, ୫।୬(ଏଜେନ୍ସି): ଇନଷ୍ଟାଗ୍ରାମ୍ ଇନ୍‌ଫ୍ଲୁଏନ୍ସର ଶର୍ମିଷ୍ଠା ପାନୋଲିଙ୍କୁ ଅନ୍ତରୀଣ ଜାମିନ୍ ମିଳିଛି। କୋଲକାତା ହାଇକୋର୍ଟ ଗୁରୁବାର ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଅପରେସନ୍ ସିନ୍ଦୂରକୁ ନେଇ ସେ ସାମାଜିକ ଗଣମାଧ୍ୟମରେ ଏକ ଆପତ୍ତିଜନକ ତଥା ସାମ୍ପ୍ରଦାୟିକ ପୋଷ୍ଟ କରି ଚର୍ଚ୍ଚାକୁ ଆସିଥିଲେ। ୧୦ ହଜାର ଟଙ୍କା ମୁଚାଲିକାରେ ତାଙ୍କୁ ସର୍ତ୍ତମୂଳକ ଭାବେ ଏହି ଜାମିନ ପ୍ରଦାନ କରାଯାଇଛି। କୋର୍ଟ ଗତ ୩ ତାରିଖରେ କିନ୍ତୁ ତାଙ୍କ ଜାମିନ ଆବେଦନକୁ ଖାରଜ୍ କରିଥିଲେ। ତାଙ୍କୁ ନିରାପତ୍ତା ତଥା ସୁରକ୍ଷା ଯୋଗାଇଦେବା ପାଇଁ ପୁଲିସ୍‌କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜାମିନ ଦେବା ସହ



କୋର୍ଟ ତାଙ୍କ ପାଇଁ କେତୋଟି ସର୍ତ୍ତ ଲାଗୁ କରିଛନ୍ତି। ସେ ଦେଶ ଛାଡି ବାହାରକୁ ଯାଇପାରିବେ ନାହିଁ। ବିଦେଶକୁ ଯିବାକୁ ହେଲେ ତାଙ୍କୁ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ (ସିଜେଏମ୍)ଙ୍କ ଅନୁମତି ନେବାକୁ ହେବ। ପୁଣି ତାଙ୍କୁ ନିଜର ପାସପୋର୍ଟ ଦାଖଲ କରିବାକୁ ହେବ। ଶର୍ମିଷ୍ଠା ତଦନ୍ତରେ ସହଯୋଗ କରିବା ସହ ତାଙ୍କୁ ବେଲ୍ ବଣ୍ଡ ଉପରେ ସ୍ୱାକ୍ଷର କରିବାକୁ ହେବ। ଉଲ୍ଲେଖଥାଉ କି, ୨୨ ବର୍ଷୀୟା ଶର୍ମିଷ୍ଠାଙ୍କୁ ଗତ ମେ ୩୦ରେ ଗୁରୁଗ୍ରାମ୍‌ରେ ଗିରଫ କରାଯାଇଥିଲା। କୋର୍ଟ ତାଙ୍କୁ ୧୪ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଇଥିଲେ। ସେ ପୋଷ୍ଟ କରିଥିବା ନିଜ ଭିଡିଓରେ ଇସ୍‌ଲାମ ଧର୍ମ ଉପରେ ଅପମାନଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଥିଲା। ତେବେ ସମାଲୋଚନା ପରେ ସେ ଏହି ଭିଡିଓକୁ ହଟାଇ ଦେଇଥିଲେ।

# ରାହୁଲଙ୍କ 'ନରେନ୍ଦର ସରେଣ୍ଡର' ଏବଂ ଥରୁରଙ୍କ ପ୍ରତିକ୍ରିୟା

ନୂଆଦିଲ୍ଲୀ, ୫।୬(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ପରେ ପ୍ରଧାନମନ୍ତ୍ରୀ ମୋଦୀ ଅପରେସନ ସିନ୍ଦୂରକୁ ବନ୍ଦ କରିଦେଲେ ବୋଲି ବିରୋଧୀ ଦଳର ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟ ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ତାଙ୍କ ଦଳର ସାଂସଦ ଶଶୀ ଥରୁର। ଥରୁର କହିଛନ୍ତି ଯେ ଭାରତ କାହାରି ଚାପରେ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିନାହିଁ। ଅପରେସନ ସିନ୍ଦୂର ସଂପର୍କରେ ବିଶ୍ୱ ନେତାମାନଙ୍କୁ ଅବଗତ କରିବା ଉ।ଦ୍ଦେଶ୍ୟରେ ଆମେରିକା ଗସ୍ତରେ ଭାରତୀୟ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଉଥିବା ସାଂସଦ ଶଶୀ ଥରୁର ରାହୁଲ ଗାନ୍ଧୀଙ୍କ 'ନରେନ୍ଦର ସରେଣ୍ଡର'



ମନ୍ତବ୍ୟକୁ ପରୋକ୍ଷରେ ନାପସନ୍ଦ କରିଛନ୍ତି। ଅପରେସନ ସିନ୍ଦୂର ବେଳେ ଟ୍ରମ୍ପଙ୍କ ଚାପରେ ମୋଦୀ ଆତ୍ମସମର୍ପଣ କରିଥିଲେ ଓ ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ ବୋଲି ରାହୁଲ କହିଥିଲେ। କିନ୍ତୁ ଥରୁର ଏହାକୁ ପରୋକ୍ଷରେ ଖଣ୍ଡନ କରିଛନ୍ତି। ଭାରତ କାହାର ପରାମର୍ଶ ବା ମଧ୍ୟସ୍ଥତା ଆବଶ୍ୟକ କରୁନାହିଁ ବୋଲି ସେ କହିଥିଲେ। ସେ କହିଲେ ଯେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତି ମୋର ଯଥେଷ୍ଟ ସମ୍ମାନ ରହିଛି। ସେ ପାକିସ୍ତାନକୁ କ'ଣ କହିଛନ୍ତି ଆମକୁ ଜଣାନାହିଁ। କିନ୍ତୁ ଆମକୁ କାହାର ପରାମର୍ଶ ଲୋଡା ନାହିଁ ବୋଲି ସେ ରାହୁଲଙ୍କ ନାମ ନ ନେଇ ଜବାବ୍ ଦେଇଛନ୍ତି। ସୂଚନାଯୋଗ୍ୟ ଯେ କଂଗ୍ରେସ ସହ ବିନା ପରାମର୍ଶରେ ସରକାର ଥରୁରଙ୍କୁ ପ୍ରତିନିଧି ଦଳର ନେତା କରିଥିଲେ। ଏହାକୁ କଂଗ୍ରେସ ବିରୋଧ କରିଥିବା ବେଳେ ଥରୁର ଗୌରବାନ୍ୱିତ ମନେ କରୁଛନ୍ତି ବୋଲି କହିଥିଲେ।

## ରନଥାମ୍ବୋର ବ୍ୟାଘ୍ର ଅଭୟାରଣ୍ୟରେ ଖଣି ଖନନକୁ ବ୍ୟାନ୍ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୫।୬(ଏଜେନ୍ସି): ଏକ୍ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ସୁପ୍ରିମେକୋର୍ଟ ରାଜସ୍ଥାନର ରନଥାମ୍ବୋର ବ୍ୟାଘ୍ର ଅଭୟାରଣ୍ୟରେ ସବୁ ପ୍ରକାର ଖଣି ଖନନକୁ ବ୍ୟାନ କରିଛନ୍ତି। ପ୍ରଧାନ ବିଚାରପତି ବିଆର ଗଭାଇ, ବିଚାରପତି ଅଗଷ୍ଟିନ ଜର୍ଜ ମାସି ଓ ଏଏସ୍ ଚନ୍ଦୁରକରଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଭୟାରଣ୍ୟରେ ସୃଷ୍ଟି ସମସ୍ୟା ନେଇ ହୋଇଥିବା ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ବ୍ୟାଘ୍ର ଅଭୟାରାଣ୍ୟର କେନ୍ଦ୍ର ଅଞ୍ଚଳରେ ସୃଷ୍ଟି ହୋଇଥିବା ମାନବୀୟ କାର୍ଯ୍ୟକଳାପ ଏକାଧିକ ସମସ୍ୟା ସୃଷ୍ଟି କରୁଛି ବୋଲି ଅଭିଯୋଗ ହୋଇ ଆସୁଥିଲା। ଏ ସଂକ୍ରାନ୍ତରେ ସୃଷ୍ଟି ହେଉଥିବା ଅନ୍ୟ ସମସ୍ୟାଗୁଡିକ ଉପରେ ନଜର ରଖିବା ପାଇଁ ସୁପ୍ରିମକୋର୍ଟ ଏକ ୩ ଜଣିଆ କମିଟି ଗଠନ କରିଛନ୍ତି। ଶୁଣାଣିରେ ୫ଟି ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଆବେଦନକରୀ ବ୍ୟକ୍ତିଙ୍କ ଦ୍ୱାରା ଉଠାଯାଇଥିବା ଏହି ସମସ୍ୟାଗୁଡିକ ହେଲା ରିଜର୍ଭ ମଧ୍ୟରେ ରହିଥିବା ତ୍ରିନେତ୍ର ମନ୍ଦିରରେ ଲୋକଙ୍କ ଭିଡ, ରିଜର୍ଭରେ ଅବୈଧ ଖଣି ଖନନ, ଅବୈଧ ନିର୍ମାଣ ଓ ବ୍ୟବସାୟିକ ଗତିବିଧି, ବ୍ୟାଘ୍ର ଅଭୟାରଣ୍ୟରେ ସ୍ଥିତିର ସମ୍ବେଦନଶୀଳତାକୁ ସୂଚନା ଦେବାରେ ହେଉଥିବା ବିଳମ୍ବ ଏବଂ ରିଜର୍ଭ ମଧ୍ୟରେ ଐତିହାସିକ ସଂରଚନାଗୁଡିକର ସଂରକ୍ଷଣ। ବ୍ୟାଘ୍ର ଅଭୟାରଣ୍ୟ ସହ ତ୍ରିନେତ୍ର ମନ୍ଦିର ଭକ୍ତଙ୍କ ହିତକୁ ଧ୍ୟାନ ରଖିବା ନେଇ ପରାମର୍ଶ ଦେବା ସହ ସନ୍ତୁଳନ ରକ୍ଷା କରିବାକୁ ସୁପ୍ରିମକୋର୍ଟ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି।

# ୧୦୦ କୋଟି ଟଙ୍କାର ଦୁର୍ନୀତି | ବୀମା ଅର୍ଥ ପାଇଁ ହତ୍ୟା; ୫୨ ଗିରଫ

ସମ୍ଭଲ, ୫।୬(ଏଜେନ୍ସି): ଉତ୍ତରପ୍ରଦେଶର ସମ୍ଭଲ ଜିଲ୍ଲାରେ ଏକ ବଡ଼ ବୀମା ଦୁର୍ନୀତି ପଦାକୁ ଆସିଛି। ୧୦୦ କୋଟି ଟଙ୍କର ଏହି ଠକେଇ ଓ ବୀମା ଦୁର୍ନୀତିରେ ନକଲି ଦସ୍ତାବିଜ ବ୍ୟବହାର, କପଟତାପୂର୍ଣ୍ଣ ନୀତି ଓ ହତ୍ୟା ଭଳି ଜଘନ୍ୟ ଅପରାଧ ଘଟାଇଥିବାର ପ୍ରମାଣ ମିଳିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏ ନେଇ ଛାନଭିନ୍ ଆରମ୍ଭ କରିଛି। ସ୍ଥାନୀୟ ପୁଲିସଠାରୁ ଏ ସଂକ୍ରାନ୍ତରେ ଇଡି ଏଫ୍‌ଆଇଆର କପି ଓ ସମ୍ପର୍କିତ ଦସ୍ତାବିଜ୍ ମାଗିଛି। ଏହି ଘଟଣାରେ ଏପର୍ଯ୍ୟନ୍ତ ୫୨ଜଣଙ୍କୁ ଗିରଫ କରାଯାଇଛି ଓ ୫୦ ଜଣ ଅଭିଯୁକ୍ତ ଫେରାର ଅଛନ୍ତି। ୩ ଜଣଅଭିଯୁକ୍ତ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି।

ଅଭିଯୁକ୍ତମାନେ ଯୁବକମାନଙ୍କୁ ଟାର୍ଗେଟ କରୁଥିଲେ ଓ ବୀମା ଅର୍ଥ ପାଇଁ କେତେକ କ୍ଷେତ୍ରରେ ସେମାନଙ୍କୁ ହତ୍ୟା କରିବାକୁ ପଛାଉ ନଥିଲେ। ଏହି ଦୁର୍ନୀତିର ଜାଲ ୧୨ଟି ରାଜ୍ୟକୁ ବ୍ୟାପିଛି ଓ ଏପର୍ଯ୍ୟନ୍ତ ୧୭ଟି ଏଫ୍‌ଆଇଆର ହୋଇଛି ବୋଲି କୁହାଯାଇଛି। ଏହି ହତ୍ୟା ମାମଲାଗୁଡିକରେ ବୀମା ପଲିସି ଧାରକମାନଙ୍କ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଟଙ୍କା ପାଇଁ ଷଡ଼ଯନ୍ତ୍ରପୂର୍ବକ ସେମାନଙ୍କୁ ହତ୍ୟା କରାଯାଇଛି ବୋଲି ଅନୁମାନ କରାଯାଉଛି ବୋଲି ସମ୍ଭଲ ଏଏସ୍‌ପି(ଦକ୍ଷିଣ) ଅନୁକ୍ରିତ୍ ଶର୍ମା କହିଛନ୍ତି। କେତୋଟି ମାମଲାରେ ଏଫ୍‌ଆଇଆରକୁ କ୍ଲୋଜ୍ ମଧ୍ୟ କରାଯାଇଛି। କିନ୍ତୁ କେତେକ ଅନିୟମିତତାକୁ ଦୃଷ୍ଟିରେ ରଖି ପୁଲିସ୍ ଏହା ମାମାଲଗୁଡିକୁ ରି ଓପନ କରିଛି। ଏଥିରେ ୨୯ଟି ନକଲି ମୃତ୍ୟୁ ପ୍ରମାଣପତ୍ରର ବ୍ୟବହାର ହୋଇଛି ଓ ଆଉ କେତୋଟି ମାମଲରେ ସତରେ ମୃତ୍ୟୁ ଘଟିଥିଲେ ମଧ୍ୟ ବୀମା ପାଇବା ପାଇଁ ତାରିଖରେ ବେନିୟମ ଭାବେ ବଦଳ କରାଯାଇଛି। ଏହି ଦୁର୍ନୀତ କେବଳ ସମ୍ଭଲ ଜିଲ୍ଲାରେ ସୀମିତ ରହିନାହିଁ। ଏହା ଅମରୋହା, ବଦାୟୁଁ ଓ ମୋରାଦାବାଦ ଭଳି ପାଶ୍ୱବର୍ତ୍ତୀ ଜିଲ୍ଲାକୁ ଲମ୍ବିଛି। ଏହି ଦୁର୍ନୀତି ୧୦୦ କୋଟି ଟଙ୍କାକୁ ଟପିଛି ଓ ତଦନ୍ତ ପ୍ରକ୍ରିୟା ଆଗକୁ ଚାଲିଥିରେ ଏହି ପରିମାଣରେ ଆହୁରି ବୃଦ୍ଧି ଘଟିବ ବୋଲି ପୁଲିସ କହିଛି। ବିଭିନ୍ନ ବୀମା କମ୍ପାନୀଗୁଡିକଠାରୁ ସବିଶେଷ ତଥ୍ୟ ମଗା ଯାଇଛି ଓ ଅନ୍ୟ ସଂନ୍ଦୀଗ୍ଧଙ୍କୁ ଗିରଫ କରିବା ପାଇଁ ଏବେ ରେକର୍ଡ ସବୁକୁ ଯାଞ୍ଚ୍ କରାଯାଉଛି। ଏହି ମାମଲାରେ ବିଭିନ୍ନ ଆଶାକର୍ମୀ, ସ୍ୱାସ୍ଥ୍ୟ ବିଭାବା ଓ ବୀମା କମ୍ପାନୀରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ସାମିଲ ରହିଛନ୍ତି। ତଦନ୍ତ ପ୍ରକ୍ରୟା ଆଗକୁ ବଢ଼ିଲେ ଗିରଫ୍ ସଂଖ୍ୟାରେ ଆହୁରି ବୃଦ୍ଧି ଘଟିବ ବୋଲି ଶର୍ମା କହିଛନ୍ତି।

## ଫ୍ରେଞ୍ଚ ଓପନ୍ ଫାଇନାଲରେ ସାବାଲେଙ୍କା



**ପ୍ୟାରିସ, ୫।୬ (ଏଜେନ୍ସି):** ବିଶ୍ୱର ଏକ ନମ୍ବର ଖେଳାଳି ବେଲାରୁଷର ଆରିନା ସାବାଲେଙ୍କା ଏଠାରେ ଚାଲିଥିବା ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ ଓପନ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ମହିଳା ଏକକ ସେମିଫାଇନାଲ ମୁକାବିଲାରେ ସାବାଲେଙ୍କା ୭-୬ (୭/୧), ୪-୬, ୬-୦ ସେଟ୍‌ରେ ୪ଥର ତଥା ଡିଫେଣ୍ଡିଂ ଚାମ୍ପିଅନ ପୋଲାଣ୍ଡର ଇଗା ସ୍ୱିଆଟେକ୍‌ଙ୍କୁ ହରାଇଥିଲେ। କ୍ୟାରିୟରର ପ୍ରଥମ ଫ୍ରେଞ୍ଚ ଓପନ୍ ଜିତିବା ଲକ୍ଷ୍ୟରେ ରହିଥିବା ସାବାଲେଙ୍କା ଫାଇନାଲରେ କୋକୋ ଗଫ୍ କିମ୍ବା ଘରୋଇ ଖେଳାଳି ଲୋଇସ ବୋଇସନଙ୍କୁ ଭେଟିବେ।

ଅପରପକ୍ଷରେ ତିନିଥରର ଚାମ୍ପିଅନ ସର୍ବିଆର ନୋଭାକ ଜୋକୋଭିଚ୍ ପୁରୁଷ ଏକକ ସେମିଫାଇନାଲରେ ପହଞ୍ଚିଛନ୍ତି। କ୍ୱାର୍ଟର ଫାଇନାଲରେ ୬ଷ୍ଠ ସିଡ୍ ଜୋକୋଭିଚ୍ ୪-୬, ୬-୩, ୬-୨, ୬-୪ ସେଟ୍‌ରେ ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭଙ୍କୁ ମାତ୍ ଦେଇଥିଲେ। ସେମିଫାଇନାଲରେ ଜୋକୋଭିଚ୍ ଟପ୍ ସିଡ୍ ଇଟାଲୀର ଜାନିକ ସିନ୍ନରଙ୍କୁ ଭେଟିବେ। ୩୮ ବର୍ଷୀୟ ଜୋକୋଭିଚ୍ ଯଦି ଏଠାରେ ଚାମ୍ପିଅନ ହୁଅନ୍ତି ତେବେ କ୍ୟାରିୟରର ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ବିଜୟୀ ହେବେ।

## ଭାରତ ବିପକ୍ଷ ଟେଷ୍ଟ ସିରିଜ ୨୦ରୁ

# ଇଂଲଣ୍ଡ ଦଳରେ ବେଥେଲ୍, ଓଭରଟନ୍ ସାମିଲ

**ଲଣ୍ଡନ, ୫।୬ (ଏଜେନ୍ସି):**

ଆଗାମୀ ଭାରତ ବିପକ୍ଷ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଲାଗି ଗୁରୁବାର ଘରୋଇ ଇଂଲଣ୍ଡ ଦଳ ଘୋଷଣା କରାଯାଇଛି। ହେଡିଙ୍ଗଲୀରେ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ପାଇଁ ବେନ୍ ଷ୍ଟୋକ୍ସଙ୍କ ନେତୃତ୍ୱରେ ଘୋଷିତ ୧୪ ଜଣିଆ ଦଳରେ ଅଲ୍‌ରାଉଣ୍ଡର ଜେମି ଓଭରଟନ୍ ଓ ବ୍ୟାଟିଂ ଅଲ୍‌ରାଉଣ୍ଡର ଜାକବ ବେଥେଲଙ୍କୁ ସୁଯୋଗ ମିଳିଛି। ଓଭରଟନ୍‌ଙ୍କ ଚୟନ ସମସ୍ତଙ୍କୁ ଚକିତ କରିଛି। ଏହି ଦ୍ରୁତ ବୋଲିଂ ଅଲ୍‌ରାଉଣ୍ଡର ଇଂଲଣ୍ଡ ସୀମିତ ଓଭର କ୍ରିକେଟ୍‌ରେ ଜଣେ ନିୟମିତ ଖେଳାଳି। କିନ୍ତୁ ଟେଷ୍ଟ ଫର୍ମାଟ୍‌ରେ ସେ ସ୍ଥାୟୀ ହୋଇପାରି ନାହାନ୍ତି। ୩୧ ବର୍ଷୀୟ ଓଭରଟନ ଟେଷ୍ଟ ପଦାର୍ପଣ କରିବାର ୩ ବର୍ଷ ପରେ ଦ୍ୱିତୀୟ ମ୍ୟାଚ୍ ଖେଳିବା ଲାଗି ସୁଯୋଗ ପାଇଛନ୍ତି। ଓଭରଟନ୍ ୨୦୨୨ ଜୁନ ୨୩ରେ ହେଡିଙ୍ଗଲୀରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିଲେ। ଏହି ମ୍ୟାଚରେ ସେ ୨ଟି ୱିକେଟ୍ ନେବା ସହ ୯୭ ରନର ଉଲ୍ଲେଖନୀୟ ପାଳି ଖେଳିଥିଲେ। ତେବେ ଏହାପରେ ତାଙ୍କୁ ଆଉ ଟେଷ୍ଟ ଦଳରେ ସ୍ଥାନ ମିଳି ନ ଥିଲା। ଭାରତ ବିପକ୍ଷ ଆଗାମୀ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚରେ ଖେଳିବାର ସୁଯୋଗ ପାଇଥିଲେ ମଧ୍ୟ ସେ ଖେଳିପାରିବେ କି ନାହିଁ ସ୍ପଷ୍ଟ ହୋଇପାରି ନାହିଁ। ମେ ୨୯ରେ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଏକଦିବସୀୟ ମ୍ୟାଚ୍ ଖେଳୁଥିବାବେଳେ ତାଙ୍କ ଡାହାଣହାତର ଏକ ଆଙ୍ଗୁଠି ଭାଙ୍ଗିଯାଇଥିଲା।

ଅପରପକ୍ଷରେ ଦ୍ରୁତ ବୋଲର ବ୍ରାଏଡନ କ୍ରାସ୍‌ଙ୍କ ସହ କାଉଣ୍ଟି କ୍ରିକେଟ୍‌ରେ ୱର୍କଶାୟର ପକ୍ଷରୁ ଖେଳୁଥିବା ବେଥେଲ ଓ କ୍ରିସ୍ ୱକ୍ସ ମଧ୍ୟ ଇଂଲଣ୍ଡ ଟେଷ୍ଟ ଦଳକୁ ଫେରିଛନ୍ତି। ଏହି ୩ଜଣ ଶେଷଥର ଲାଗି ଗତ ଡିସେମ୍ବରରେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଖେଳିଥିଲେ। ଗତ ସପ୍ତାହରେ ଅନୁଷ୍ଠିତ ଜିମ୍ବାୱେ ବିପକ୍ଷ ଏକମାତ୍ର ଟେଷ୍ଟରେ କ୍ରାସ୍ ଓ ୱକ୍ସ ଆଘାତ ଥିବାରୁ ଦଳରେ ସ୍ଥାନ ପାଇ ନ ଥିଲେ। ତେବେ ଇନଫର୍ମ ଦ୍ରୁତ ବୋଲର ଗସ୍ ଆଟକିନସନ୍‌ଙ୍କ ଆଘାତ ସମସ୍ୟା ଘରୋଇ ଇଂଲଣ୍ଡ ଦଳ ପାଇଁ ଜୋର୍‌ଦାର ଝଟ୍‌କା ସଦୃଶ ହୋଇଛି। ମାଂସପେଶୀରେ ଆଘାତ ଲାଗି ଆଟକିନସନ ଭାରତ ବିପକ୍ଷରେ ପ୍ରଥମ ଦୁଇଟି ଟେଷ୍ଟ ଖେଳିପାରିବେ ନାହିଁ। ଫଳରେ ଆଘାତ ଲାଗି ପୂର୍ବରୁ ବ।ଦ୍ ପଡ଼ିଥିବା ପ୍ରମୁଖ ଦ୍ରୁତ ବୋଲର ମାର୍କ ଉଡ୍, ଜୋଫ୍ରା ଆର୍ଚରଙ୍କ ଓ ଓଲି ଷ୍ଟୋନଙ୍କ କ୍ଲବରେ ସେ ସାମିଲ ହୋଇଛନ୍ତି। ତେବେ ପ୍ରଥମ ଟେଷ୍ଟରେ ୱକ୍ସ ଓ କ୍ରାସ୍‌ଙ୍କ ସମେତ ଜୋଶ୍ ଟଙ୍ଗ୍ ଦ୍ରୁତ ବୋଲିଂ ଭାର ସମ୍ଭାଳିବେ। ସେହିଭଳି ଓଭରଟନ ଓ ଷ୍ଟୋକ୍ସ ଦ୍ରୁତ ବୋଲିଂରେ ସହାୟତା କରିବେ। ବ୍ୟାଟିଂରେ ଅଭିଜ୍ଞ ଜୋ ରୁଟଙ୍କ ସମେତ ଅଧିନାୟକ ଷ୍ଟୋକ୍ସ, ବେନ୍ ଡକେଟ୍, ହ୍ୟାରୀ ବ୍ରୁକ, ଜାକ୍ କ୍ରାଲୀ ପ୍ରମୁଖ ଭାରତୀୟ ବୋଲିଂକୁ ଦୃଢ଼ ମୁକାବିଲା କରିବା ଲକ୍ଷ୍ୟରେ ରହିଛନ୍ତି।

ଉଲ୍ଲେଖଯୋଗ୍ୟ, ଜୁନ ୨୦ରୁ ଭ୍ରମଣକାରୀ ଭାରତ ଓ ଇଂଲଣ୍ଡ ମଧ୍ୟରେ ହେଡିଙ୍ଗଲୀରେ ପ୍ରଥମ ଟେଷ୍ଟ ଆରମ୍ଭ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ସିରିଜ ଲାଗି ପୂର୍ବରୁ ନୂଆ ଅଧିନାୟକ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ୧୮ ଜଣିଆ ଭାରତୀୟ ଦଳ ବିସିସିଆଇ ଘୋଷଣା କରିଥିଲା। ଭାରତୀୟ ଦଳ ଘୋଷଣା ପୂର୍ବରୁ ଦୁଇ ଅଭିଜ୍ଞ ବ୍ୟାଟର୍ ଅଧିନାୟକ ରୋହିତ୍ ଶର୍ମା ଓ ବିରାଟ କୋହଲି ଟେଷ୍ଟ କ୍ରିକେଟ୍‌କୁ ଅଲ୍‌ବିଦା କରିଥିଲେ। ଫଳରେ ଉଭୟଙ୍କ ଅନୁପସ୍ଥିତିରେ ଭାରତୀୟ ଦଳ ଇଂଲଣ୍ଡ ମାଟିରେ ଘରୋଇ ଦ୍ରୁତ ବୋଲିଂ ବାହିନୀକୁ କେଉଁଭଳି ସାମ୍ନା କରୁଛି ତାହା ଉପରେ କ୍ରିକେଟ୍‌ପ୍ରେମୀଙ୍କ ନଜର ରହିଛି।



### ଟେଷ୍ଟ ସିରିଜ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ଜୁନ ୨୦ରୁ ୨୫ | ପ୍ରଥମ ଟେଷ୍ଟ | ଲିଡ୍ସ |
| ଜୁଲାଇ ୨ରୁ ୬ | ଦ୍ୱିତୀୟ ଟେଷ୍ଟ | ବର୍ମିଂହାମ |
| ଜୁଲାଇ ୧୦ରୁ ୧୪ | ତୃତୀୟ ଟେଷ୍ଟ | ଲଣ୍ଡନ |
| ଜୁଲାଇ ୨୩ରୁ ୨୭ | ଚତୁର୍ଥ ଟେଷ୍ଟ | ମାଞ୍ଚେଷ୍ଟର |
| ଜୁଲାଇ ୩୧ରୁ ଅଗଷ୍ଟ ୪ | ପଞ୍ଚମ ଟେଷ୍ଟ | ଲଣ୍ଡନ |

ବି.ଦ୍ର: ସମସ୍ତ ମ୍ୟାଚ୍ ଅପରାହ୍ଣ ୩ଟା ୩୦ରେ ଆରମ୍ଭ ହେବ।

**ପ୍ରଥମ ଟେଷ୍ଟ ଲାଗି ଇଂଲଣ୍ଡ ଦଳ**

ବେନ୍ ଷ୍ଟୋକ୍ସ (ଅଧିନାୟକ), ଶୋଏବ ବସିର, ଜାକବ ବେଥେଲ, ହ୍ୟାରୀ ବ୍ରୁକ, ବ୍ରାଏଡନ କାର୍ସ, ସାମ୍ କୁକ୍, ଜ୍ୟାକ୍ କ୍ରାଲୀ, ବେନ୍ ଡକେଟ୍, ଜେମି ଓଭରଟନ, ଓଲି ପୋପ୍, ଜୋ ରୁଟ୍, ଜେମି ସ୍ମିଥ୍, ଜୋଶ୍ ଟଙ୍ଗ୍ ଓ କ୍ରିସ୍ ୱକ୍ସ।

**ଭାରତୀୟ ଦଳ**

ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ (ଉପଅଧିନାୟକ ଓ ୱିକେଟ୍‌ରକ୍ଷକ), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଅଭିମନ୍ୟୁ ଈଶ୍ୱରନ, କରୁନ ନାୟାର, ନୀତୀଶ ରେଡ୍ଡୀ, ରବୀନ୍ଦ୍ର ଜାଡେଜା, ଧ୍ରୁବ ଜୁରେଲ (ୱିକେଟ୍‌ରକ୍ଷକ), ୱାଶିଂଟନ ସୁନ୍ଦର, ଶାର୍ଦ୍ଦୁଳ ଠାକୁର, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଆକାଶଦୀପ୍, ଅର୍ଶଦୀପ୍ ସିଂହ ଓ କୁଲଦୀପ୍ ଯାଦବ।



ଇଂଲଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ଯିବା ପୂର୍ବରୁ ଭାରତର ନୂଆ ଅଧିନାୟକ ଶୁଭମନ ଗିଲ୍ ଏବଂ ହେଡ୍ କୋଚ୍ ଗୌତମ ଗମ୍ଭୀର

## ଆଇପିଏଲ୍-୧୮'ରୁ ମାଲେମାଲ୍

# କୋହଲି ଆୟ କରିଛନ୍ତି ୨୭.୪୦ କୋଟି

**ନୂଆଦିଲ୍ଲୀ, ୫।୬ (ଏଜେନ୍ସି):** ଦୀର୍ଘ ୧୮ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପ୍ରଥମଥର ଆଇପିଏଲ୍ ଟ୍ରଫି ଜିତିବାର ସ୍ୱପ୍ନ ସାକାର କରିଛି। ବେଙ୍ଗାଲୁରୁକୁ ଐତିହାସିକ ଆଇପିଏଲ୍ ଟ୍ରଫି ଜିତାଇବାରେ ଦଳର ଅଭିଜ୍ଞ ଖେଳାଳି ବିରାଟ କୋହଲିଙ୍କ ଅବଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଏହି ସଂସ୍କରଣରେ କୋହଲି ୧୫ ମ୍ୟାଚ୍ ଖେଳି ୫୪.୭୫ ହାରରେ ୬୫୭ ରନ କରିଥିଲେ। ବ୍ୟାଟିଂ ଭଳି କୋହଲି ଆଇପିଏଲ୍‌ର ଏହି ୧୮ତମ ସଂସ୍କରଣରୁ ବେଶ୍ ଭଲ ଆୟ ମଧ୍ୟ କରିଛନ୍ତି। ରିପୋର୍ଟ ମୁତାବକ କୋହଲି ଆଇପିଏଲ୍‌ର ଏହି ଦୁଇ ମାସରେ ମୋଟ୍ ୨୭.୪୦ କୋଟି ଟଙ୍କା ରୋଜଗାର କରିଥିଲେ। ସେଥି ମଧ୍ୟରୁ ଫ୍ରାଞ୍ଚାଇଜ ତାଙ୍କୁ ୨୧ କୋଟି ଟଙ୍କାରେ ରିଟେନ ରଖିଥିଲା।

ସେହିଭଳି ଏଥର ବିସିସିଆଇ ପ୍ରତି ଆଇପିଏଲ୍ ମ୍ୟାଚ୍ ଲାଗି ମଧ୍ୟ ୭.୫ ଲକ୍ଷ ଟଙ୍କା ପାଉଣା ବ୍ୟବସ୍ଥା ରଖିଥିଲା। ଫଳରେ କୋହଲି ୧୩ଟି ଲିଗ୍, ଗୋଟିଏ କ୍ୱାଲିଫାୟର ଓ ଫାଇନାଲକୁ ମିଶାଇ ମୋଟ୍ ୧୫ ମ୍ୟାଚ୍ ଖେଳିଥିଲେ। ଏଥିରେ ତାଙ୍କୁ ମୋଟ୍ ୧ କୋଟି ୧୨ ଲକ୍ଷ ୫୦ ହଜାର ଟଙ୍କା ମିଳିଥିଲା। ରିପୋର୍ଟ ଅନୁଯାୟୀ, ମୋଟ୍ ପ୍ରାଇଜ୍ ମନିରୁ ୩୦ ପ୍ରତିଶତ ଅର୍ଥରାଶି ଦଳର ଖେଳାଳିଙ୍କ ମଧ୍ୟରେ ବଣ୍ଟାଯାଇଥାଏ। ବେଙ୍ଗାଲୁରୁ ୨୦ କୋଟି ଟଙ୍କା ଚାମ୍ପିଅନ ଆକାରରେ ପାଇଥିଲା। ଏଥିରୁ କୋହଲି ୨୭ ଲକ୍ଷ ଟଙ୍କା ପାଇବେ। ସେହିଭଳି ୨ ମାସର ଆଇପିଏଲ୍ ମଧ୍ୟରେ କୋହଲି ବିଭିନ୍ନ ବିଜ୍ଞାପନରୁ ୫ କୋଟି ଟଙ୍କା ରୋଜଗାର କରିଥିବା ଜଣାପଡ଼ିଛି।

### 'ସମ୍ପୂର୍ଣ୍ଣ ମର୍ମାହତ'

**ବେଙ୍ଗାଲୁରୁ, ୫।୬ (ଏଜେନ୍ସି):** ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ଚେହେରା ତଥା ଦଳକୁ ଆଇପିଏଲ୍ ଟ୍ରଫି ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବିରାଟ କୋହଲି ଷ୍ଟାଡିୟମ ବାହାରେ ଦଳାଚକଟା ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି କୋହଲି କହିଛନ୍ତି, 'ମୋ ପାଖରେ କହିବା ଲାଗି କୌଣସି ଶବ୍ଦ ନାହିଁ। ଏହି ଘଟଣାରେ ସମ୍ପୂର୍ଣ୍ଣ ଭାବେ ମର୍ମାହତ।' ସେହିଭଳି ଆର୍‌ସିବି ଟିମ୍ ମ୍ୟାନେଜମେଣ୍ଟ ପକ୍ଷରୁ ମଧ୍ୟ ଶୋକବାର୍ତ୍ତା ଜାରି କରାଯାଇଛି। 'ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତି ଓ ଆହତଙ୍କ ପରିବାର ଲୋକଙ୍କ ପ୍ରତି ଗଭୀର ସମବେଦନା ଜଣାଉଛୁ। ଏହି ଘଟଣାରେ ଆମେ ଦୁଃଖିତ। ସମସ୍ତ ଲୋକଙ୍କ ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପରିସ୍ଥିତି ବିଷୟରେ ଅବଗତ ହେବାପରେ ଆମେ ତୁରନ୍ତ ଉତ୍ସବ ସମୟର ଅବଧିକୁ ହ୍ରାସ କରିଥିଲୁ।

## ■ ଅରବିନ୍ଦ ସ୍ମାରକୀ କ୍ରିକେଟ

# ସେମିଫାଇନାଲରେ ସହିଦ୍ ସ୍ପୋର୍ଟିଂ

**ଭୁବନେଶ୍ୱର, ୫।୬ (ସମିସ):** ଭୁବନେଶ୍ୱରର ସହୀଦ୍ ସ୍ପୋର୍ଟିଂ ବର୍ଷା ବାଧାପ୍ରାପ୍ତ ସେମିଫାଇନାଲ ମ୍ୟାଚ୍‌ରେ ଆୟୋଜକ ପାରାମାଉଣ୍ଟ ସ୍ପୋର୍ଟିଂକୁ ୭ ୱିକେଟରେ ପରାସ୍ତ କରି ଏଠାରେ ଚାଲିଥିବା ଅରବିନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ସେମିରେ ପ୍ରବେଶ କରିଛି। ଶନିବାର ଖେଳାଯିବାକୁ ଥିବା ଦ୍ୱିତୀୟ ସେମିରେ ସହୀଦ୍ ସ୍ପୋର୍ଟିଂ ସହ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍‌ର ମୁକାବିଲା ହେବ। ସେହିପରି ଆସନ୍ତାକାଲି ବା ଶୁକ୍ରବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ କଟକର ଦୁଇ ଦଳ ରାଇଜିଂ ଷ୍ଟୁଡେଣ୍ଟସ ଓ ୟୁନିଅନ ସ୍ପୋର୍ଟିଂ ମଧ୍ୟରେ ଖେଳାଯିବ। ପାରାମାଉଣ୍ଟ ଗ୍ରାଉଣ୍ଡରେ ଗୁରୁବାର ଖେଳାଯାଇଥିବା ଚତୁର୍ଥ ତଥା ଶେଷ କ୍ୱାର୍ଟର ଫାଇନାଲରେ ଆୟୋଜକ ପାରମାଉଣ୍ଟ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୫ ୱିକେଟ ହରାଇ ୧୯୮ ରନ୍ କରିଥିଲା। ଦଳ ପକ୍ଷରୁ ରୋହିତ ସାଗର ୫୩* ଓ ସୌମ୍ୟରଞ୍ଜନ ବିଶ୍ୱାଳ ୪୭ ରନ୍ କରିଥିଲେ। ପାରାମାଉଣ୍ଟ ଇନିଂସ ପରେ ବର୍ଷା ଯୋଗୁ ଖେଳ ବାଧାପାଇବାରୁ ସହୀଦ୍ ସ୍ପୋର୍ଟିଂ ଆଗରେ ୨୩ ଓଭରରେ ୧୬୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ସହୀଦ୍ ସ୍ପୋର୍ଟିଂ ୧୯.୩ ଓଭରରେ ମାତ୍ର ୩ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଶୁଭମ ଶତ୍ରୁଜିତ୍ ୨୬ ବଲ୍‌ରୁ ୪ ଚୌକା ଓ ୫ ଛକା ସହ ଅପରାଜିତ ୫୬ ରନ୍ କରିବା ସହ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।



## ଜାତୀୟ ଶିଶୁ ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ

# ବାଳିକାରେ ଶ୍ରେୟାଂଶୀ, ବାଳକରେ ଇଭାନ ଚାମ୍ପିଅନ




**ଖୋର୍ଦ୍ଧା, ୫।୫ (ସମିସ):**

ରାଜସ୍ଥାନର ଶ୍ରେୟାଂଶୀ ଜୈନ ଓ ଗୋଆର ଇଭାନ ଆଣ୍ଟୋନିଓ ଟେଲାସ ୨୦୨୫ ଜାତୀୟ ଶିଶୁ ଚେସ୍ ଚାମ୍ପିଅନ ହୋଇଛନ୍ତି। ଅଲଓଡ଼ିଶା ଚେସ ଆସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଚାଲିଥିବା ୯ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ୯ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାର ବାଳିକା ବିଭାଗରେ ଶ୍ରେୟାଂଶୀ ୯ ରାଉଣ୍ଡରୁ ୯ ପଏଣ୍ଟ ସଂଗ୍ରହ କରି ଏକାକୀ ପ୍ରଥମ ସ୍ଥାନରେ ରହି ଟାଇଟଲ କବ୍‌ଜା କରିଥିଲେ। ବାଳକ ବିଭାଗରେ ଇଭାନ ୯ ରାଉଣ୍ଡରୁ ସର୍ବାଧିକ ୮.୫ ପଏଣ୍ଟ ପାଇ ଟାଇଟଲ କବ୍‌ଜା କରିଥିଲେ। ଉଭୟ ଖେଳାଳିଙ୍କୁ ଟ୍ରଫି ସହ ୫୦,୦୦୦ ଟଙ୍କାର ପୁରସ୍କାର ମୁଖ୍ୟ ଅତିଥି ତଥା ଖୋର୍ଦ୍ଧା ଏସ୍‌ପି ସାଗରିକା ନାଥ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆୟୋଜକ ଅଲ୍‌ଓଡ଼ିଶା ଚେସ୍ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ ସ୍ୱାଗତ ଭାଷଣ ଦେଇଥିଲା ବେଳେ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ପ୍ରତିଯୋଗିତାରେ ରେକର୍ଡ ୩୨୮ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲାବେଳେ ଉଭୟ ବିଭାଗରେ ୨.୫ ଲକ୍ଷ ଲେଖାଏଁ ୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ବାଳିକା ବିଭାଗରେ ତାମିଲନାଡୁର ଅନିକା ରନର୍ସ ଅପ୍ ହୋଇ ଟ୍ରଫି ସହ ୩୬,୦୦୦ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଟପ୍ ସିଡ ପଶ୍ଚିମବଙ୍ଗର ସାଇଆସ୍ଥା ସିଂ ଟ୍ରଫି ସହ ୩୦,୦୦୦ ଟଙ୍କା ପୁରସ୍କାର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବାଳକ ବିଭାଗରେ ପୁଡୁଚେରୀର ପି ଦେବେଶ ମିଲାନ ରନର୍ସ ଅପ୍ ହୋଇ ଟ୍ରଫି ସହ ୩୬,୦୦୦ ଓ ମହାରାଷ୍ଟ୍ରର ଏସିଏମ୍ ଅଂଶ ଦଧିଚି ତୃତୀୟ ସ୍ଥାନ ଅଧିକାର କରି ଟ୍ରଫି ସହ ୩୦,୦୦୦ ଟଙ୍କା ପୁରସ୍କାର ପାଇଥିଲେ।

### ଓଡ଼ିଆଙ୍କ ମଧ୍ୟରେ ଅନନ୍ୟା ଶ୍ରେଷ୍ଠ

ଏହି ପ୍ରତିଯୋଗିତା ଓଡ଼ିଶାରେ ଆୟୋଜିତ ହୋଇଥିଲାବେଳେ ଏଥିରେ ରେକର୍ଡ ସଂଖ୍ୟକ ୩୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କିନ୍ତୁ ସେମାନଙ୍କ ମଧ୍ୟରେ ବାଳିକା ବିଭାଗରେ ଅନନ୍ୟା ଅନ୍ୱେଷା ମିଶ୍ର ୧୦ମ ସ୍ଥାନ ଅଧିକାର କରି ଶ୍ରେଷ୍ଠ ସଫଳତା ହାସଲ କରିଛନ୍ତି। ତାଙ୍କୁ ପୁରସ୍କାର ବାବଦରେ ୬,୦୦୦ ଟଙ୍କା ମିଳିଛି। ଅନ୍ୟ ବାଳିକା ପ୍ରତିଯୋଗୀଙ୍କ ମଧ୍ୟରେ ଦେବାଂଶୀ ସାହୁ ୬୮ତମ, ଆରାଧ୍ୟା ମହାରଣା ୮୪ତମ, ଅର୍ଣ୍ଣବୀ ପଣ୍ଡା ୮୫ତମ ଓ ପ୍ରତ୍ୟାକ୍ଷା ସମ୍ଭାବୀ ୮୬ତମ ସ୍ଥାନ ଅଧିକାର କରିଥିଲେ। ବାଳକ ବିଭାଗରେ ରାଜ୍ୟ ଚାମ୍ପିଅନ ରିୟାଂଶ ଅଗରୱାଲ ୫ ପଏଣ୍ଟ ପାଇ ୬୬ତମ, କ୍ରିଶିତ ପଣ୍ଡା ୫ ପଏଣ୍ଟ ପାଇ ୯୭ତମ ସ୍ଥାନ ଅଧିକାର କରିଛନ୍ତି।

## ମହିଳା ଏସିଆ କପ୍ ହକି

# ଥାଇଲାଣ୍ଡ ବିପକ୍ଷରୁ ଭାରତର ଅଭିଯାନ

**ନୂଆଦିଲ୍ଲୀ, ୫।୬ (ଏଜେନ୍ସି):** ମହିଳା ଏସିଆ କପ୍ ହକିର ଏକାଦଶ ସଂସ୍କରଣ ସେପ୍ଟେମ୍ବର ୫ରୁ ୧୪ ତାରିଖ ପର୍ଯ୍ୟନ୍ତ ଚାଇନାର ହାଙ୍ଗଝୋଉ ସହରରେ ଅନୁଷ୍ଠିତ ହେବ। ଏହି ମେଗା ଇଭେଣ୍ଟ ଲାଗି କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଭାରତୀୟ ଦଳ ଡିଫେଣ୍ଡିଂ ଚାମ୍ପିଅନ ଜାପାନ, ଥାଇଲାଣ୍ଡ ଓ ସିଙ୍ଗାପୁର ସହ ପୁଲ୍-ବି'ରେ ସ୍ଥାନ ପାଇଛି। ଉଦ୍‌ଘାଟନୀ ଦିବସରେ ଥାଇଲାଣ୍ଡ ବିପକ୍ଷରେ ଖେଳି ସାଲିମା ଟେଟେଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ। ଏହାପରେ ଭାରତ ସେପ୍ଟେମ୍ବର ୬ରେ ଜାପାନ ଓ ଶେଷ ପୁଲ୍ ମ୍ୟାଚରେ ସିଙ୍ଗାପୁର ସହ ସେପ୍ଟେମ୍ବର ୮ରେ ଖେଳିବ। ସେହିଭଳି ପୁଲ୍-ଏ'ରେ ଆୟୋଜକ ଚାଇନା ସମେତ କୋରିଆ, ମାଲେସିଆ ଓ ଚାଇନିଜ ତାଇପେଇ ରହିଛି। ପୁଲ୍ ପର୍ଯ୍ୟାୟ ପରେ ପ୍ରତି ପୁଲର ଦୁଇ ଶ୍ରେଷ୍ଠ ଦଳ ସୁପର୍-୪କୁ ପ୍ରବେଶ କରିବେ। ଏଥିରେ ପ୍ରତି ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ସୁପର୍-୪'ର ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଗତ ସଂସ୍କରଣରେ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ୩ୟ ସ୍ଥାନରେ ରହି କାଂସ୍ୟ ପଦକ ଜିତିଥିଲା। ଏଥର ଦଳ ପୋଡିୟମର ଶୀର୍ଷ ସ୍ଥାନ ହାସଲ ଲକ୍ଷ୍ୟରେ ରହିଛି। ଭାରତ ଶେଷଥର ଲାଗି ୨୦୧୭ରେ ଏସିଆ କପ୍ ଜିତିଥିଲା। ଏସିଆ କପ୍ ବିଜୟୀ ଦଳ ୨୦୨୬ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ।

# ଭୁବନେଶ୍ୱରରେ ହେବ ସର୍ବଭାରତୀୟ ସୈନିକ ସ୍କୁଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

**ଭୁବନେଶ୍ୱର, ୫।୬ (ସମିସ):** ସର୍ବଭାରତୀୟ ସୈନିକ ସ୍କୁଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଶନିବାର (ଜୁନ ୭)ଠାରୁ ଭୁବନେଶ୍ୱରରେ ଆରମ୍ଭ ହେବ। ଜୁନ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମାନଜନକ ପ୍ରତିଯୋଗିତା ସ୍ଥାନୀୟ ସୈନିକ ସ୍କୁଲ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଏଥିରେ ଦେଶରେ ଥିବା ୩୩ ସୈନିକ ସ୍କୁଲ ଦଳ ଅଂଶଗ୍ରହଣ କରିବେ। ତିନୋଟି ବିଭାଗ ସବ୍‌ଜୁନିଅର ବାଳକ (୧୫ ବର୍ଷରୁ କମ୍), ଜୁନିଅର ବାଳକ (୧୭ ବର୍ଷରୁ କମ୍) ଓ ଜୁନିଅର ବାଳିକା (୧୭ ବର୍ଷରୁ କମ୍) ମ୍ୟାଚ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟର ବିଜେତା ଦଳ ସୁବ୍ରତ କପ୍ ଇଣ୍ଟରନ୍ୟାସନାଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ।

## ■ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ

# ମୌସମରାଜ ଓ ରୋନିତଙ୍କୁ ୬ ୱିକେଟ

**କଟକ, ୫।୬ (ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ କଟକରେ ଜାରି ରହିଛି। ଡ୍ରିମସ ଗ୍ରାଉଣ୍ଡରେ ଗୁରୁବାର ଅନୁଷ୍ଠିତ ଏକ ଲୋସ୍କୋରିଂ ରୋମାଞ୍ଚକ ମୁକାବିଲାରେ ବଲାଙ୍ଗୀର ୧୨ ରନରେ ମୟୂରଭଞ୍ଜକୁ ପରାସ୍ତ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବଲାଙ୍ଗୀର ମାତ୍ର ୩୮ ରନରେ ଅଲଆଉଟ ହୋଇଥିଲା। ସକ୍ଷମ ଅଗ୍ରୱାଲ ସର୍ବାଧିକ ୧୨ ରନ କରିଥିଲେ। ମୟୂରଭଞ୍ଜର ଚନ୍ଦନ ସିଂହ ୫ଟି ୱିକେଟ ଦଖଲ କରିଥିଲେ। ତେବେ ମାତ୍ର ୩୯ ରନର ବିଜୟ ଲକ୍ଷ୍ୟକୁ ପିଛା କରି ମୟୂରଭଞ୍ଜ ୨୬ ରନରେ ସୀମିତ ରହିଥିଲା। ଜିତ ଦେ ୭ଟି ବଲରୁ ୧୯ ରନର ଦ୍ରୁତ ପାଳି ଖେଳିଥିଲେ ମଧ୍ୟ ଦଳକୁ ଜିତାଇ ପାରିନଥିଲେ। ୧୨ ରନ ବିନିମୟରେ ୬ଟି ୱିକେଟ ଅକ୍ତିଆର କରି ବଲାଙ୍ଗୀର ବିଜୟରେ ମୁଖ୍ୟ ଭୂମିକା ତୁଲାଇଥିବା ମୌସମରାଜ ନାଗଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ରେଭେନ୍ସା ଗ୍ରାଉଣ୍ଡ-୨ରେ ଦେବଗଡ଼ ୭୫ ରନରେ ଜଗତସିଂହପୁରକୁ ହରାଇଥିଲା। ଆକ୍ୟୁବ ଅହମ୍ମଦଙ୍କ ୫୦ ରନ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ଦେବଗଡ଼ ସମସ୍ତ ୱିକେଟ ହରାଇ ୧୭୩ ରନ ସଂଗ୍ରହ କରିଥିଲା। ଜଗତସିଂହପୁରର ପ୍ରତୀକ ପୁହାଣ ୪ଟି ଏବଂ ସ୍ମୃତି ବାରିକ ୩ଟି ୱିକେଟ ହାସଲ କରିଥିଲେ। ଜବାବରେ ଜଗତସିଂହପୁର ମାତ୍ର ୯୮ ରନରେ ଅଲଆଉଟ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS